READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ସାମ୍ବାଦିକ ଆବଶ୍ୟକ

ନିରପେକ୍ଷ ସାମ୍ବାଦିକତାରେ ବିଶ୍ୱାସ ରଖୁଥିବା ଓ ବାସ୍ତବ ତଥ୍ୟ ଲୋକଲୋଚନକୁ ଆଣିପାରୁଥିବା ବ୍ୟକ୍ତି ନିଜର ସବିଶେଷ ବିବରଣୀ ସହିତ ବିଭିନ୍ନ ଜିଲ୍ଲାରେ ଖାଲି ପଡିଥିବା 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ହେବା ପାଇଁ ଯୋଗାଯୋଗ କରନ୍ତୁ।

E-mail: ekamaatra@gmail.com / Cell: 9338225930

ବର୍ଷ-୪ ସଂଖ୍ୟା-୩୮ ୦୫ - ୧୧ ଅକ୍ଟୋବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-38 05th - 11th OCTOBER, 2020 BHUBANESWAR ₹ 5/- (8 Pages)

### ଆରଟିଆଇ ତଥ୍ୟ ପଦାକୁ ଆଣିଲା ସତ୍ୟ

# ଅସଲି ପୋଲିସ, ନକଲି ରସିଦ୍ !

**ଭୁବନେଶ୍ୱର :** ମହାମାରୀ କରୋନା ଆରମ୍ଭରେ ପିପିଇ କିଟ୍ ଓ ମାସ୍କ କେଳେଙ୍କାରୀକୁ ନେଇ ରାଜ୍ୟରେ ଝଡ ସୃଷ୍ଟି ହୋଇଥିଲା। ବିରୋଧୀ ନେତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ

## ବାଡ ଖାଉଛି ଫସଲ

ସଂଗଠନ, ସାମାଜିକ କର୍ମୀମାନେ ଏନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଶାସକ ଦଳ କରୋନା ବାହାନାରେ ଲୁଟ୍ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ପିପିଇ କିଟ୍ ଓ ମାସ୍କ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା କଥା ଢେର ଦିନ ଚର୍ଚ୍ଚାରେ ରହିଲା। ହେଲେ ରାଜ୍ୟ




ସରକାର ଏହାକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରି ଆସୁଥିଲେ। ଶାସକ ଦଳ ମଧ୍ୟ କୋଭିଡ୍ ମହାଦୁର୍ନୀତିକୁ ଅସ୍ୱୀକାର କରୁଥିଲା। ହେଲେ ଏବେ କମିଶନରେଟ୍ ପୋଲିସର ନକଲି ରସିଦ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ଲକ୍‌ଡାଉନ୍ ସମୟରେ ଓ ଅନ୍‌ଲକ ପରେ ମହାମାରୀ କରୋନା କଟକଣାକୁ ଆଧାର କରି ପୋଲିସ ଜରିମାନା ଅର୍ଥ ଆଦାୟ କରିଚାଲିଛି। ହେଲେ ଏହି ଜରିମାନା ଅର୍ଥକୁ ନେଇ ଏବେ ଯେଉଁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଲଜ୍ଜାଜନକ। ପ୍ରଥମେ ସାମାଜିକ ଗଣମାଧ୍ୟମରେ ଏଭଳି ତଥ୍ୟ ପ୍ରକାଶ ପାଇବା ପରେ ଏବେ ବିଭିନ୍ନ ଖବରକାଗଜରେ ଏନେଇ ଖବର ପ୍ରକାଶ ପାଇଛି। ଯେଉଁ ତଥ୍ୟ ସାମ୍ନାକୁ ଆସିଛି ସେଥିରେ ଦର୍ଶାଯାଇଛି ଯେ, କମିଶନରେଟ୍ ପୋଲିସ ସାଧାରଣ ଲୋକଙ୍କ ଭୁଲ ପାଇଁ ସେମାନଙ୍କ ନିକଟରୁ ଆଦାୟ କରୁଥିବା ଜରିମାନାର ଅର୍ଥ ଅଧା ରାଜକୋଷକୁ ଯାଉଥିଲା ବେଳେ ଆଉ ଅଧା କାହା ପକେଟ୍‌କୁ ଯାଉଛି ➤ ପୃ-୬

# 'ଅଟଳ ଟନେଲ' ଲୋକାର୍ପିତ




**ନୂଆଦିଲ୍ଲୀ :** ଗତ ଶନିବାର ହିମାଚଳ ପ୍ରଦେଶର ରୋହତାଙ୍ଗରେ ବିଶ୍ୱର ସର୍ବୋଚ୍ଚ ଦୀର୍ଘତମ ସୁଡଙ୍ଗପଥ 'ଅଟଳ ଟନେଲ' ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଲୋକାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ୍ ରାୱତ ଓ ସେନାଧକ୍ଷ ଜେନେରାଲ ଏମଏମ୍ ନରବଣେ ଉପସ୍ଥିତ ଥିଲେ। ମୋଦୀ ଏହି ଅବସରରେ ପୂର୍ବର କଂଗ୍ରେସ ସରକାରକୁ ଟାର୍ଗେଟ କରିଥିଲେ। ଚୀନ୍ ସୀମାରେ ନିର୍ମିତ ଏହି ସୁଡଙ୍ଗପଥ ଗମନାଗମନ ଏବଂ ଦେଶର ସୁରକ୍ଷା ପାଇଁ ଅଧିକ ସହାୟକ ହେବ ବୋଲି ଦର୍ଶାଇ ପ୍ରଧାନମନ୍ତ୍ରୀ କହିଥିଲେ, ଏହା ଏକ ଐତିହାସିକ ଦିନ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀ (ଅଟଳ ବିହାରୀ ବାଜପେୟୀ)ଙ୍କ ସ୍ୱପ୍ନ ସାକାର ହୋଇଛି। ଅଟଳ ଟନେଲ ଭାରତର ସୀମା ଭିତ୍ତିଭୂମିକୁ ସୁଦୃଢ କରିବ ବୋଲି ଦର୍ଶାଇ ମୋଦୀ କହିଛନ୍ତି, ଦୀର୍ଘକାଳ ଧରି ସୀମାରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ଦାବି ହୋଇ ଆସୁଥିଲା। ମାତ୍ର ଏହାକୁ ପୂର୍ବ ସରକାର ଅମଳରେ ଧ୍ୟାନ ଦିଆଯାଉନଥିଲା। ➤ ପୃ-୬

# ଫାଭିପିରାଭିର୍ ଖାଇପାରିବେ କରୋନା ରୋଗୀ

**ଭୁବନେଶ୍ୱର :** ଗୃହ ଏକାନ୍ତବାସ (ହୋମ୍ ଆଇସୋଲେସନ୍)ରେ ଥିବା କରୋନା ଆକ୍ରାନ୍ତ ଫାଭିପିରାଭିର ଟାବ୍‌ଲେଟ୍ ଖାଇପାରିବେ। ହେଲେ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସ୍‌ଓପି ଜାରି ହୋଇଛି। ଶନିବାର ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିସନର ଓ ସିଡିଏମଓଙ୍କୁ ଚିଠି ଲେଖି କୁହାଯାଇଛି ଯେ ଘରେ ସଙ୍ଗରୋଧରେ ଥିବା କରୋନା ଆକ୍ରାନ୍ତ ଡାକ୍ତରଙ୍କ ପରାମର୍ଶରେ ଫାଭିପିରାଭିର ଟାବ୍‌ଲେଟ୍ ଖାଇପାରିବେ। ଏଥିପାଇଁ ରୋଗୀଙ୍କୁ ଆବଶ୍ୟକ ସୂଚନା ଯୋଗାଇ




ଦେବ ସ୍ୱାସ୍ଥ୍ୟ ବିଭାଗର ରାପିଡ୍ ରେସପନ୍ସ ଟିମ୍। ଆବଶ୍ୟକସ୍ଥଳେ ଆକ୍ରାନ୍ତଙ୍କ ସହ ପରିବାର କିମ୍ବା ସଂପର୍କୀୟଙ୍କୁ ଟାବ୍‌ଲେଟ୍ ଖାଇବା ବାବଦରେ ସବିଶେଷ ସୂଚନା ଦିଆଯିବ। ଏପରିକି ଏହାର ପାର୍ଶ୍ୱ ପ୍ରତିକ୍ରିୟା କିଭଳି ଓ ଏଥିଲାଗି କି ପ୍ରକାର ସାବଧାନତା ଗ୍ରହଣ କରାଯିବ ସେ ବାବଦରେ ମଧ୍ୟ ସୂଚନା ଦିଆଯିବ। ଟାବ୍‌ଲେଟ ଭାଙ୍ଗିବା କିମ୍ବା ଚୋବାଇବା ପାଇଁ ବାରଣ କରାଯାଇଛି। ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ଖାଇବା ପରେ ଏହାକୁ ନେଇ ପାରିବେ। କିନ୍ତୁ ଦିନର ନିର୍ଦ୍ଦିଷ୍ଟ ସମୟରେ ହିଁ ଖାଇବେ। ପ୍ରଥମ ଦିନରେ ୧୮ଶହ ମିଲିଗ୍ରାମ ଲେଖାଏଁ ଦିନକୁ ୨ ଥର ଏବଂ ➤ ପୃ-୬

# ଏମ୍‌ଏସ୍‌ପି ବନ୍ଦ ହେବାର ପ୍ରଶ୍ନ ଉଠୁନି : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଭାରତବର୍ଷରେ ମୋଦି ସରକାରଙ୍କ ପରି ସମ୍ବେଦନଶୀଳ ସରକାର ଥିବା ପର୍ଯ୍ୟନ୍ତ ଦେଶରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଶନିବାର ଭୁବନେଶ୍ୱର ଠାରେ ବିଜେପି ପକ୍ଷରୁ ଭାରତ ସରକାରଙ୍କ 'ନୂତନ କୃଷିନୀତି' ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରରେ ଅଣାଯାଇଥିବା ତିନୋଟି ବିଲ୍ ଯଥା କୃଷି ଉତ୍ପାଦନ ବ୍ୟାପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ବିଲ୍, ଚାଷୀ (ସଶକ୍ତୀକରଣ ଏବଂ ସୁରକ୍ଷା) ଚୁକ୍ତିଭିତ୍ତିକ ମୂଲ୍ୟ ନିଶ୍ଚିତତା ଏବଂ କୃଷି ସେବା




ବିଲ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଲ୍ ସଂସଦରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି। ତେବେ ଏହି ବିଲ୍ ଦ୍ୱାରା ଏମଏସପି ବନ୍ଦ ହେବ ବୋଲି ଯେଉଁ ଅପପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ରୂପେ ମିଥ୍ୟା । ଓଡିଶା ଓ ଭାରତବର୍ଷରେ ଏମ୍‌ଏସ୍‌ପି ବ୍ୟବସ୍ଥା ପୂର୍ବଭଳି ଅପରିବର୍ତ୍ତିତ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟର ଚାଷୀ ମାନଙ୍କ ପାଖରୁ କେନ୍ଦ୍ର ସରକାର ୨୦୦୯ ରୁ ୨୦୧୪ ଆର୍ଥିକ ବର୍ଷ ମଧ୍ୟରେ ୧୪.୨୬ ମିଲିୟନ ମେଟ୍ରିକ ଟନ ଧାନ କିଣିଛନ୍ତି ଏବଂ ୨୦୧୩-୧୪ ଆର୍ଥିକ ବର୍ଷରେ ଧାନର ଏମଏସପି କ୍ୱିଟାଂଲ ପ୍ରତି ୧୩୧୦ ଟଙ୍କା ଥିଲା । ମାତ୍ର ମୋଦି ସରକାରରେ ଆର୍ଥିକ ବର୍ଷ ୨୦୧୪ ରୁ ୨୦୨୦ ମଧ୍ୟରେ ୨୨.୮୬ ମିଲିୟନ ମେଟ୍ରିକ୍ ଟନର ଧାନ କିଣାଯାଇଛି ଏବଂ ୨୦୨୦-୨୧ରେ ଧାନର ଏମଏସପି କ୍ୱିଂଟାଲ ପ୍ରତି ୧୮୬୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ବର୍ଷ ୨୦୧୪-୨୧ ଅଗଷ୍ଟ ମାସ ସୁଦ୍ଧା ୨୦,୨୭୨.୩୩ ଟନ ➤ ପୃ-୬

## ବକ୍ରବାଣୀ



ଦିଇଟା ଆସନେ ଭୋଅଟ ହବ
ନେତାଙ୍କର ସେଠି ସୁଅ ଛୁଟିବ
ମିଛ ପ୍ରତିଶ୍ରୁତି ଢାଳିବେ କେତେ
ସୁନା କରିଦେବେ ଜିତିଲେ ସତେ
ମାଛ ମାଉଁସରୁ ପେଟେ ଖୁଆଇ
ଭୋଟ ମାଗିନେବେ ନିର୍ମାଲ୍ୟ ଦେଇ
ଭୋଅଟ ସଇଲେ ଦେଖା ନଦେବେ
ଚବିଶ୍ ବେଳକୁ ପୁଣି ଧାଇଁବେ
ଭୋଟର ଭାଇଏ ଭୁଲିବ ନାହିଁ
ନେତାଙ୍କ କଥାକୁ ଭରସା କାହିଁ।

——— ଟୁଟୁ

### ବାଲେଶ୍ୱର ରାଜନୀତିର ଭୀଷ୍ମ ପିତାମହ

# ଭେଟେରାନ ଲିଡର ଅରୁଣଙ୍କ ଗୋଟି ଚାଳନାରେ ବିଜେଡି-ବିଜେପି ଘାଇଲା

**ବାଲେଶ୍ୱର, (କୈଳାଶ ଚନ୍ଦ୍ର ବେହେରା) :** ଓଡ଼ିଶାର ଦୁଇ ନିର୍ବାଚନ ମଣ୍ଡଳୀ ବାଲେଶ୍ୱର ଏବଂ ତିର୍ତ୍ତୋଲରେ ଉପନିର୍ବାଚନ ବିଗୁଲ ବାଜିସାରିଛି। ଆଚରଣବିଧି ଲାଗିଛି। ଶାସକ ଦଳକୁ ସୁହେଇଲା ଭଳି ଅନଲକ ୫.୦ରେ ନିର୍ବାଚନୀ ସଭା ପାଇଁ ଭିତରେ ୫୦ ଏବଂ ବାହାରେ ୧୦୦ଜଣଙ୍କୁ ନେଇ ସଭା କରିହବ। ଏମିତିରେ ଦୁଇ ପ୍ରତିଦ୍ୱନ୍ଦୀ ବିଜେପି ଓ ବିଜେଡିର ବିଭିନ୍ନ ନେତା ଦଳୀୟ ମିଶ୍ରଣ ପର୍ବରେ ବ୍ୟସ୍ତ। ଗତ ଶୁକ୍ରବାରର ବର୍ଷା ସହରର ବିଭିନ୍ନ ଗଳିକନ୍ଦିର ବିକାଶକୁ ଲୋକଲୋଚନକୁ ଆଣିଛି। ଏହି ଭିତରେ ଟିକେଟ୍ ପାଇବାର ପ୍ରତିଦ୍ୱନ୍ଦ୍ୱିତା ଚରମ ସୀମାରେ ପହଞ୍ଚିଛି। ସବୁଠୁ ଅସୁବିଧାରେ ପଡିଛି ବିଜେଡି। କାରଣ ମଲେଇ ଶାସକ ଦଳରେ ଅଛି ବୋଲି ସବୁ ନେତା କୁଳିନେତା ଟିକେଟ ଆଶାୟୀ। କିନ୍ତୁ କେନ୍ଦ୍ରରେ



ବିଜେଡି-ବିଜେପି ପ୍ରେମ ଏହି ଟିକେଟ୍ ପ୍ରଦାନରେ କିଛିଟା ବିଳମ୍ବ କରୁଛି। ତଥାପି ଗତ ନିର୍ବାଚନ ପରଠୁ ପରାଜିତ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତିଙ୍କ ହାତରେ ରହିଛି ବିଜେଡିର ଚାବିକାଠି। କାରଣ ବିଜେପିର ମଦନ ମୋହନ ଦତ୍ତ ଜିତିବା ପରଠୁ ପରାଜିତ ବିଜେଡି ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ନୀରବ ରହିଛନ୍ତି। ଏବେ ହଠାତ୍ ବିଜେପି ବିଧଶୟକଙ୍କର ଅକାଳ ବିୟୋଗ ଯୋଗୁଁ ଆଉ ଏକ ମୌକା ଆସିଛି ବିଧାୟକ ବନିବାର। ତେଣୁ ସବୁ ନେତା ଟିକେଟ୍ ହାତେଇବା ପାଇଁ ନିଜ ନିଜର ପ୍ରଚେଷ୍ଟା କରୁଛନ୍ତି। ବିଜେଡି ଏହି ଆସନଟିକୁ ହାତେଇବାର ସବୁ ପ୍ରକାର ଚେଷ୍ଟା କରୁଛି। ବିଜେଡି ଟିକେଟ୍ ଦୌଡରେ ଜିଲ୍ଲା ସଭାପତି ରବୀନ୍ଦ୍ର ଜେନା ସବୁଠୁ ଆଗରେ ଅଛନ୍ତି। ତା ତଳକୁ ଜୀବନ ପ୍ରଦୀପ ଦାଶ, ରଘୁନାଥ ଲେଙ୍କା, ଆଲୋକ ସାହୁ, ସୁବାସିନୀ ଜେନା, ମମତା କୁଣ୍ଡୁ ଅଛନ୍ତି। ➤ ପୃ-୬

# ମହାଯାତ୍ରାରେ ମହାରଥୀ

**ଭୁବନେଶ୍ୱର:** ଜୀବନ ଯୁଦ୍ଧରେ ହାରିଗଲେ ମହାରଥୀ। ବିଜେଡିର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ପିପିଲି ବିଧାୟକ ପ୍ରଦୀପ ମହାରଥୀ ଆଉ ନାହାନ୍ତି। ଗତ ଶନିବାର ରାତି ୨ଟା ୩୬ ମିନିଟ୍‌ରେ ତାଙ୍କର ପରଲୋକ ହୋଇଯାଇଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୬୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ଗତ କିଛିଦିନ ଧରି ଶ୍ରୀ ମହାରଥୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଦ୍ରୁତ ଅବନତି ଦେଖାଦେଇଥିଲା ଓ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସେ ସେପ୍ଟେମ୍ବର ୧୫ ତାରିଖରେ କରୋନା ସଂକ୍ରମିତ ହୋଇଥିଲେ। ହସ୍ପିଟାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୂର୍ବରୁ ବହୁବିଧ ରୋଗରେ ପୀଡିତ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ଅଲଟିମେଟ୍ ହସ୍ପିଟାଲରେ ଭର୍ତ୍ତି



କରାଯାଇଥିଲା। ୧୯୫୫ ମସିହା ଜୁଲାଇ ୪ ତାରିଖରେ ପୁରୀ ଜିଲ୍ଲାର ପିପିଲଇ ନିକଟସ୍ଥ ଖୋରାପଡା ଗାଁରେ ଜନ୍ମିତ ଶ୍ରୀ ମହାରଥୀ ନିଜର ନିଆରା କଥାବାର୍ତ୍ତା ଶୈଳୀ ପାଇଁ ପରଚିତ। ଶ୍ରୀ ମହାରଥୀ ଛାତ୍ର ଜୀବନରୁ ରାଜନୀତି ପ୍ରତି ସ୍ୱତନ୍ତ୍ର ରୁଚି ରଖିଥିଲେ। ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ➤ ପୃ-୬




### ବିଦ୍ୟାଳୟ ପାଇଁ ସଂରକ୍ଷିତ ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ

# ବିବାଦୀୟ ଗୃହରେ ଭତ୍ତା ବାଣ୍ଟିଲେ ବିଡ଼ିଓ

**ଭଦ୍ରକ,(ବିକାଶ କୁମାର ଧଳ):** ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣକୁ ନେଇ ଜିଲାପାଳଙ୍କୁ ଉଚ୍ଚନ୍ୟାୟାଳୟଙ୍କ ତଦନ୍ତ ନିର୍ଦ୍ଦେଶ ଥିବାବେଳେ ଉକ୍ତ ବିବାଦୀୟ ଗୃହରେ ବ୍ଲକ ଉନ୍ନୟନ ଅଧିକାରୀ ଭତ୍ତା ବାଣ୍ଟୁଥିବାର ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ବଡ଼ବର୍ଛିକୟାଁ ପଂଚାୟତରେ। ସୂଚନା ଅନୁଯାୟୀ:ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ବଡବଡ଼ବର୍ଛିକୟାଁ ପଂଚାୟତରେ ବ୍ଲକ ଉନ୍ନୟନ ଅଧିକାରୀ ରେବେକା ବିଲୁଙ୍ଗଙ୍କ ଉପସ୍ଥିତିରେ ସରପଂଚ ବିଷ୍ଣୁମୋହନ ଜେନା,ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗୀତାରାଣୀ ପାଣିଗ୍ରାହୀ, ନାଏବ ସରପଂଚ ସଂଧ୍ୟାରାଣୀ ମହାନ୍ତି, ୱାର୍ଡ଼ ସଭ୍ୟସଭ୍ୟା, ସିଏଫଡ଼ବ୍ଲ୍ୟୁଏସଡ଼ି କାର୍ଯ୍ୟକାରୀ ସଂପାଦକ ନୃସିଂହ ମହାନ୍ତି ଏବଂ ପିଏଜି ଅକ୍ଷୟ ପଣ୍ଡା ପ୍ରମୁଖଙ୍କ ସହଯୋଗରେ ଉକ୍ତ ପଂଚୟତରେ




ହିତାଧିକାରୀଙ୍କୁ ୪ ମାସର ଭତ୍ତା ପ୍ରଦାନ କରାଯାଇଥିଲା । ଗତ କାଲି ସରପଂଚ ଉକ୍ତ ଗୃହରେ ପୂଜାର୍ଚ୍ଚନା କରିଥିବାର ମଧ୍ୟ ଜଣାପଡ଼ିଛି । ବିବାଦୀୟ ଗୃହକୁ ନେଇ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ନେଇ ବିଡ଼ିଓ ରେବେକା ବିଲୁଙ୍ଗଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନଥିଲେ । ଏଠାରେ ପ୍ରକାଶ ଥାଉକି:ଭଦ୍ରକ ଜିଲା ବନ୍ତ ବ୍ଲକ ବଡବଡ଼ବର୍ଛିକୟାଁ ପଂଚାୟତରେ ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥମାମଲା ଦାୟର କରାଯାଇ ରାଜ୍ୟ ସରକାର,ଓଡ଼ିଶା,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ସଂପାଦକ,ଭୁବନେଶ୍ୱର,ଭଦ୍ରକ ଜିଲାପାଳ,ଭଦ୍ରକ ଜିଲାଶିକ୍ଷା ଅଧିକାରୀ,ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବନ୍ତ ବିଡ଼ିଓଙ୍କୁ ପକ୍ଷ କରାଯାଇଥିଲା । ଗତ ମାସ ତିନି ତାରିଖ ଉଚ୍ଚନ୍ୟାୟାଳୟ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ବିଚାର କରି ଦୁଇମାସ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଆଧାତ୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବାର ସମ୍ଭାବନା।

**ବୃଷ** ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ମିଥୁନ** ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଶାରୀରିକ ପୀଡା ଅନୁଭବ କରିବେ। ବନ୍ଧୁଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ପଦୋନ୍ନତି ହେବାର ସମ୍ଭାବନା।

**କର୍କଟ** ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ହାସଲ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ସିଂହ** କୋର୍ଟକଚେରୀ ବିବାଦ ଲାଗି ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। ଧନ ପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳତା ହାସଲ କରିବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ କିଛି ମାତ୍ରାରେ ଲାଭବାନ୍ ହେବେ।

**ତୁଳା** କଳାକାରମାନେ ଅସୁବିଧାରେ ପଡିବେ। ପଡି ରହିଥିବା ବିବାଦର ସମାଧାନ ହେବ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବ। ନୂତନ କର୍ମରେ ଯୋଗଦେବେ।

**ବିଛା** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ରାଜନୀତିରେ ଆଧିପତ୍ୟ ରହିବ।

**ଧନୁ** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ।

**ମକର** ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ହୋଇପାରେ। ପାରିବାରିକ ଶାନ୍ତି ଅନୁଭବ କରିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**କୁମ୍ଭ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ନୂଆ ଗାଡି କିଣିବା ପାଇଁ ମନ କରିବେ। ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗିରହିବ।

**ମୀନ** ଜମିଜମା ବିବାଦ ଲାଗି ରହିବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# କାଶ୍ମୀରରେ ଆତଙ୍କବାଦୀଙ୍କୁ ସକ୍ରିୟ କରିବାକୁ ପାକିସ୍ତାନ-ଚୀନ୍‌ର ମସୁଧା



**ନୂଆଦିଲ୍ଲୀ :** ଜାମ୍ମୁ-କାଶ୍ମୀରରେ ଫିଦାୟିନ୍ ଆତଙ୍କବାଦୀଙ୍କୁ ସକ୍ରିୟ କରିବାକୁ ଚୀନ୍ ଓ ପାକିସ୍ତାନ ହାତ ମିଶାଇଛନ୍ତି। ଆତଙ୍କବାଦୀ ଗୋଷ୍ଠୀ ଅଲ ବଦର ସହାୟତାରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଜାମ୍ମୁ-କାଶ୍ମୀରରେ ଫଇଦାୟିନ୍ ଆତଙ୍କବାଦୀ ପ୍ରସ୍ତୁତ କରୁଛି। ସେପଟେ ଆତଙ୍କୀ ଗୋଷ୍ଠୀ ଅଲ ବଦରକୁ ସଶକ୍ତ କରିବା ଲାଗି ଚୀନ୍ ନିଜର ଚେଷ୍ଟା ଚଳାଇଛି ବୋଲି ନିକଟରେ ସୁରକ୍ଷା ଏଜେନ୍ସିର ଏକ ରିପୋର୍ଟରେ କୁହାଯାଇଛି। ଚୀନ୍ ଅଧିକାରୀମାନେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଗସ୍ତ କରି ଅଲ ବଦରର ଟପ୍ ଆତଙ୍କବାଦୀ କମାଣ୍ଡରମାନଙ୍କ ସହ ଏକ ବୈଠକ କରିଛନ୍ତି। ସୂଚନାଥାଉ କି, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ସେପ୍ଟେମ୍ବର ୧୧ ସୁଦ୍ଧା କାଶ୍ମୀରରେ ସୁରକ୍ଷା ବାହିନୀଙ୍କ ସହ ମୁହାଁମୁହିଁ ହୋଇ ଅଲ ବଦରର ୬ ଆତଙ୍କବାଦୀ ନିପାତ ହୋଇସାରିଛନ୍ତି। ସୂତ୍ର ଅନୁସାରେ, କାଶ୍ମୀର ଘାଟିରେ ଏ ବର୍ଷ ବର୍ତ୍ତମାନ ସୁଦ୍ଧା ୧୦୭ ଆତଙ୍କବାଦୀ ଭିନ୍ନ ଭିନ୍ନ ଗୋଷ୍ଠୀରେ ସାମିଲ ହୋଇସାରିଛନ୍ତି। ଏମାନଙ୍କ ମଧ୍ୟରୁ ୪୭ଜଣ ହିଜବୁଲ ମୁଜାହିଦ୍ଦୀନରେ, ଲସ୍କର ଏ ତୋଏବା ୨୪ ଏବଂ ଜୈଶ୍ ଏ ମୋହମ୍ମଦରେ ୧୧ ଆତଙ୍କବାଦୀ ସାମିଲ ହୋଇଛନ୍ତି। ତେବେ ଅଲ ବଦରରେ ୧୬ ଆତଙ୍କବାଦୀ ସାମିଲ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ କାଶ୍ମୀରରେ ମୋଟ ୯୯ ଆତଙ୍କବାଦୀ ସକ୍ରିୟ ରହିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ୧୪ଜଣ ଅଲ ବଦର ଗୋଷ୍ଠୀର ଅଟନ୍ତି। ଆଉ ବାକି ସକ୍ରିୟ ଆତଙ୍କବାଦୀମାନଙ୍କ ମଧ୍ୟରୁ ହିଜବୁଲ ମୁଜହିଦ୍ଦୀନର ୩୭ଜଣ, ଲସ୍କରର ୩୧ଜଣ ଏବଂ ଜୈଶ ଏ ମହମ୍ମଦର ୧୪ଜଣର ଆତଙ୍କବାଦୀ ରହିଛନ୍ତି। ସୁରକ୍ଷା ଏଜେନ୍ସି ପକ୍ଷରୁ ଦିଆଯାଇଥିବା ରିପୋର୍ଟ ଅନୁସାରେ ମନସେରା ନିକଟସ୍ଥ ଲଞ୍ଚ ପେଡଠାରେ ୮୫ ଆତଙ୍କବାଦୀ ଏକାଠି ହୋଇଥିବା ସୂଚନା ରହିଛି, ଯେଉଁମାନଙ୍କ ମଧ୍ୟରେ ଅଲ ବଦର ଆତଙ୍କବାଦୀ ଥିବା ମଧ୍ୟ ଜଣାପଡିଛି।

# ୧୯୫୯ ଚୁକ୍ତିକୁ ଭାରତର ଅଗ୍ରାହ୍ୟ



**ନୂଆଦିଲ୍ଲୀ :** ଲଦାଖ ସୀମାରେ ଭାରତଚୀନ ମଧ୍ୟରେ ବିବାଦ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଚୀନ୍‌ର ଏକତରଫା ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିର୍ଦ୍ଧାରଣକୁ ଭାରତ ଅଗ୍ରାହ୍ୟ କରିଛି। ବାରମ୍ବାର ଚୀନ୍ ଏଭଳି ପ୍ରସଙ୍ଗ ଉଠାଇ ମୁଖ୍ୟ ପ୍ରସଙ୍ଗକୁ ଏଡାଇ ଯିବାକୁ ଚେଷ୍ଟା କରୁଛି ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନବଗଠିତ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ବେଜିଂ ସ୍ୱୀକାର କରେ ନାହିଁ ବୋଲି କହିଛି। ୧୯୫୯ରେ ଏଲଏସି ସୀମା ନିର୍ଦ୍ଧାରଣ ସଂକ୍ରାନ୍ତରେ ଭାରତ ସହ ଚୀନ୍ କରିଥିବା ଏକପାକ୍ଷିଆ ଚୁକ୍ତିକୁ ପାଳନ କରିବା ପାଇଁ ବେଜିଂ ଭାରତ ଉପରେ ଚାପ ପକାଇଚାଲିଛି। କିନ୍ତୁ ଭାରତ ଏହାକୁ ଗ୍ରହଣ କରିବ ନାହିଁ ବୋଲି ରୋକ୍‌ଠୋକ୍ କହିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ୧୯୫୯ ମସିହାରେ ଚୀନ୍ ଏକତରଫା ଭାବେ ଏଲଏସି ସମ୍ପର୍କରେ ନିଷ୍ପତ୍ତି ନେଇଥିଲା। ଭାରତ ଏହାକୁ କେବେ ହେଲେ ବି ଗ୍ରହଣ କରିବ ନାହିଁ। ୧୯୯୩ ପରେ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଏକାଧିକ ଚୁକ୍ତି କରାଯାଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଚୀନ୍ ଯେଉଁଭଳି ୧୯୫୯ର ଏକତରଫା ଏଲଏସି ନିର୍ଦ୍ଧାରଣ ସମ୍ପର୍କରେ କହୁଛି ଏହାର ପରବର୍ତ୍ତୀ ରାଜିନାମାଗୁଡିକ ଅର୍ଥହୀନ ହୋଇପଡିବ ବୋଲି ଭାରତ ଦର୍ଶାଇଛି। ଉଲ୍ଲେଖଯୋଗ୍ୟ ୧୯୫୯ ନଭେମ୍ବର ୭ରେ ଚୀନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଝାଓଏନ୍‌ଲାଇ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ଏଲଏସି ନିର୍ଦ୍ଧାରଣ ସମ୍ପର୍କରେ ଯେଉଁ ପ୍ରସ୍ତାବ ଦେଇଥିଲେ ଭାରତ ଏହାକୁ ବାରମ୍ବାର ଅଗ୍ରାହ୍ୟ କରିଆସୁଛି। ୧୯୯୩, ୧୯୯୬ ଓ ୨୦୦୫ରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିର ଚୀନ୍ ଉଲ୍ଲଘଂନ କରିଚାଲିଛି। ୧୯୯୩ରେ ଭାରତ-ଚୀନ୍ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଦୁଇପକ୍ଷ ଏଲଏସି ଓ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବେ ଓ ମତଭେଦକୁ ଆଲୋଚନା ଜରିଆରେ ଦୂର କରାଯିବ। ୧୯୯୫ର ଚୁକ୍ତି ଅନୁସାରେ ଦୁଇ ଦେଶର ସେନା ପରସ୍ପର ମଧ୍ୟରେ ଭରସା ବୃଦ୍ଧିକରିବେ। ସେହିପରି ୨୦୦୫ରେ ହୋଇଥିବା ଚୁକ୍ତି ଅନୁଯାୟୀ ଦୁଇ ଦେଶ ମଧ୍ୟରେ ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ କରାଯିବ। ଦୁଇ ଦେଶ ମଧ୍ୟରେ ଏଭଳି ଚୁକ୍ତି ହୋଇଥିବା ସତ୍ତ୍ୱେ ଚୀନ୍ ବାରମ୍ବାର ଏହାର ଉଲ୍ଲଘଂନ କରୁଛି ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କଡାଭାଷାରେ କୁହାଯାଇଛି।

# ଭାରତ-ଆମେରିକା ସାମରିକ ସହଯୋଗ ବୃଦ୍ଧି



**ନୂଆଦିଲ୍ଲୀ :** ଲଦାଖ ସୀମାରେ ଚୀନ୍ ସହ ବିବାଦ ବଢିଚାଲିଥିଲା ବେଳେ ଆମେରିକା ସହ ଭାରତର ସାମରିକ ସହଯୋଗ ବୃଦ୍ଧିପାଉଛି। ନିକଟରେ ଆମେରିକା ନୌସେନାର ପି-୮ ପୋସେଡନ ଲଢୁଆ ବିମାନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଠାରେ ଥିବା ଭାରତୀୟ ନୌସେନା ଘାଟିରେ ଅବତରଣ କରି ଇନ୍ଧନ ଭର୍ତ୍ତି କରିଥିଲା। ସେହିପରି ଗତ ମାସରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଦକ୍ଷିଣ-ଚୀନ ସାଗରରେ ଥିବା ବେଳେ ଆମେରିକାର ଜାହାଜରୁ ଇନ୍ଧନ ସଂଗ୍ରହ କରିଥିଲା। ବିଶେଷଜ୍ଞମାନଙ୍କ ମତରେ ଏହି ଘଟଣା ଭାରତ ଓ ଆମେରିକାର ସାମରିକ ସହଯୋଗ ପ୍ରମାଣିତ କରୁଛି। ୨୦୧୬ରେ ଦୁଇ ଦେଶ ମଧ୍ୟରେ ଏକ ସାମରିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶର ସେନାବାହିନୀ ପରସ୍ପରର ସାମରିକ ଘାଟି ବ୍ୟବହାର କରିପାରିବେ। ଏସିଆରେ ବଢିଚାଲିଥିବା ଚୀନ୍‌ର ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା ଭାରତକୁ ନିଜର ପ୍ରମୁଖ ସାମରିକ ସହଯୋଗୀ କରିଛି। ଭାରତ ପାଇଁ ମଧ୍ୟ ଏହି ମେଣ୍ଟର ଗୁରୁତ୍ୱ ବଢିଯାଇଛି। କାରଣ ଉଭୟ ଚୀନ୍ ଓ ପାକିସ୍ତାନ ପଟୁ ସୃଷ୍ଟି ହୋଇଥିବା ବିପଦର ମୁକାବିଲା କରିବାକୁ ଭାରତ ପାଇଁ ଆମେରିକାର ସହାୟତା ବେଶ୍ ଜରୁରୀ। ଅନ୍ୟପକ୍ଷରେ ଚୀନ୍ ପଟୁ ଯେ କୌଣସି ସମୟରେ ଭାରତ ଯୁଦ୍ଧ ଆଶଙ୍କା କରୁଥିବାରୁ ଭାରତ ମହାସାଗରରେ ଆମେରିକା ଯୁଦ୍ଧ ଜାହାଜ ଓ ଲଢୁଆ ବିମାନର ଉପସ୍ଥିତି ଭାରତ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛି।

# ଏଚ୍-୧ବି ଭିସା କଟକଣାମୁକ୍ତ କଲେ ଆମେରିକା କୋର୍ଟ




**ୱାଶିଂଟନ୍ :** ଆମେରିକାରେ କାର୍ଯ୍ୟରତ ବିଦେଶୀ ନାଗରିକଙ୍କ ଭିସା ଉପରେ ଟ୍ରମ୍ପ ପ୍ରଶାସନ ଲାଗୁ କରିଥିବା କଟକଣାକୁ ହଟାଇଛନ୍ତି ଆମେରିକା କୋର୍ଟ। ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପଦମର୍ଯ୍ୟାଦାର ଅପବ୍ୟବହାର କରିଛନ୍ତି ବୋଲି ଟିପ୍ପଣୀ ପ୍ରଦାନ କରି କାଲିଫର୍ଣ୍ଣିଆର ଉତ୍ତରାଞ୍ଚଳ ଦୌରାଜଜ ଜେଫ୍‌ରେ ହ୍ୱାଇଟ୍ ଏପରି ରାୟ ପ୍ରକାଶ କରିଛନ୍ତି। ଆମେରିକାର ଚାମ୍ବର ଅଫ୍ କମର୍ସ, ନ୍ୟାସ୍‌ନାଲ୍ ଆସୋସିଏସନ୍ ଅଫ୍ ମାନୁଫ୍ୟାକ୍‌ଚର୍ସ, ନ୍ୟାସ୍‌ନାଲ୍ ରିଟେଲ୍ ଫେଡେରେସନ୍, ଟେକ୍‌ନେଟ୍ ପ୍ରଭୃତି କମ୍ପାନୀ ଓ କମ୍ପାନୀ ସଂଗଠନ ପକ୍ଷରୁ ଆଗତ ପିଟିସନର ବିଚାର କରି କୋର୍ଟ ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅସ୍ଥାୟୀ କଟକଣା ଫଳରେ ଆମେରିକାର କମ୍ପାନୀ ଜଗତ ଚିନ୍ତାପ୍ରକଟ କରିଥିଲେ। କାରଖାନାରେ ଉତ୍ପାଦନ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଫଳରେ ବଜାର ମାନ୍ଦାବସ୍ଥାକୁ ଚାଲିଯାଇଥିଲା। ଗତ ଜୁନ୍‌ରେ ଟ୍ରମ୍ପ ଏଚ୍-୧ବି ଭିସା ଉପରେ ରୋକ୍ ଲଗାଇଥିଲେ। ଉକ୍ତ ଭିସା ଉପରେ ରୋକ ଲଗାଇବା ଫଳରେ ଆମେରିକାସ୍ଥିତ ଭାରତୀୟ ଆଇଟି କମ୍ପାନୀ କ୍ଷତିଗ୍ରସ୍ତ ହୋଇଥିଲେ। ତା' ସହିତ ଆମେରିକାର ଖଟିଖିଆ ମୂଲିଆ ଓ ଶ୍ରମିକମାନେ ହାତବାନ୍ଧି ବସିଥିଲେ। ଅଣକୃଷି ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଏଚ୍-୨ବି ଭିସା ବ୍ୟବସ୍ଥା ଥିଲାବେଳେ ମନୋରଞ୍ଜନ କଳାକାରଙ୍କ ପାଇଁ ଜେ ଭିସା ଓ ବହୁଦେଶୀୟ କମ୍ପାନୀର କର୍ମଚାରୀଙ୍କୁ ଏଲ୍ ଭିସା ଦିଆଯିବାର ବ୍ୟବସ୍ଥା ରହିଛି। ରାଷ୍ଟ୍ରପତି ଟ୍ରମ୍ପ ଆମେରିକାରେ ପ୍ରତିଷ୍ଠିତ କମ୍ପାନୀରେ ବହୁ ଆମେରିକୀୟଙ୍କ ନିଯୁକ୍ତିକୁ ପ୍ରାଧାନ୍ୟ ଦେଇ ଭିସା କଟକଣା ଲାଗୁ କରିଥିଲେ। ଏବେ କୋର୍ଟଙ୍କ ରାୟକୁ ଭାରତୀୟ ଆଇଟି କମ୍ପାନୀ ସମେତ ଆମେରିକାର ବହୁ କମ୍ପାନୀ ସ୍ୱାଗତ କରିଛନ୍ତି। କୁହାଯାଉଛି, ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଜୋରଦାର ଚାଲିଥିବାରୁ କୋର୍ଟଙ୍କ ରାୟକୁ ଚାଲେଞ୍ଜ କରିବା ପାଇଁ ଟ୍ରମ୍ପ ପ୍ରଶାସନ ପଛେଇ ଯାଇଛନ୍ତି। ତେବେ ଆମେରିକାର ଗୋଟିଏ ବହୁଦେଶୀୟ କମ୍ପାନୀ କହିଛି, ଆମକୁ ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ନିୟମିତ ସଂଘର୍ଷ କରିବାକୁ ପଡୁଛି। ଦୈନିକ ନୂତନ ଧରଣର ଦ୍ରବ୍ୟ ଉତ୍ପାଦନ ନକଲେ, ବିଶ୍ୱବଜାରରେ ଲୋକପ୍ରିୟତା ହରାଇବାର ଆଶଙ୍କା ଅଛି। ଆଜିର ରାୟ ଯୁକ୍ତରାଷ୍ଟ୍ର ଆମେରିକାର ନୂତନ ଦ୍ରବ୍ୟ ଉତ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଜଷ୍ଟିସ୍ ହ୍ୱାଇଟ୍‌ଙ୍କ ୨୫ ପୃଷ୍ଠାର ରାୟରେ ରାଷ୍ଟ୍ରପତି ଟ୍ରମ୍ପ ସମ୍ବିଧାନର ଧାରା-୩କୁ ସ୍ୱତନ୍ତ୍ର କ୍ଷମତା ବଳରେ ଅଣଦେଖା କରିଛନ୍ତି। ଆମେରିକା ସମ୍ବିଧାନର ଧାରା-୩ରେ ଭିସା ନୀତି ପ୍ରସ୍ତୁତି କ୍ଷମତା କଂଗ୍ରେସକୁ ଦିଆଯାଇଛି।

# ୨୦୨୧ ଆରମ୍ଭରୁ ଭାରତରେ ମିଳିବ କରୋନା ଟିକା: ହର୍ଷବର୍ଦ୍ଧନ



**ନୂଆଦିଲ୍ଲୀ :** ଆସନ୍ତା ୨୦୨୧ ପ୍ରାରମ୍ଭରେ ଭାରତରେ ପ୍ରଥମ କରୋନା ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଭାରତରେ କରୋନା ଟିକାର ଗବେଷଣା ବେଶ ଦ୍ରୁତ ଗତିରେ ଆଗେଇ ଚାଲିଛି। ଦେଶରେ ଏବେ ୩ଟି ଟିକାର ପରୀକ୍ଷଣ ଚୂଡାନ୍ତ ସ୍ତରରେ ପହଞ୍ଚିଛି। ଆସନ୍ତା ୨୦୨୧ ପ୍ରଥମ ତିନିମାସ ସୁଦ୍ଧା ଦେଶରେ ପ୍ରଥମ କରୋନା ପ୍ରତିଷେଧକ ଟିକା ଉପଲବ୍ଧ ହେବ। ଦେଶରେ ଭାରତ ବାୟୋଟେକର କୋଭାକ୍ସିନ, ଅକ୍ସଫୋର୍ଡ ଦ୍ୱାରା ପ୍ରସ୍ତୁତ ଟିକା କୋଭିସିଲ୍ଡ ଓ ଜାଇଡସ୍ କାଡିଲା ଦ୍ୱାରା ପ୍ରସ୍ତୁତ ଜାଇକୋଭ୍-ଡିର ମାନବ ପରୀକ୍ଷଣ କରାଯାଉଛି। ଇତି ମଧ୍ୟରେ କୋଭିସିଲ୍ଡର ୩ୟ ପର୍ଯ୍ୟାୟ ମାନବ ପରୀକ୍ଷଣ ଆରମ୍ଭ ହେବାକୁ ଥିବା ବେଳେ କୋଭାକ୍ସିନ୍ ଓ ଜାଇକୋଭ୍-ଡିର ୨ୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ତେବେ ରୁଷିଆର ସ୍ପୁଟନିକ୍ ଟିକାର ୩ୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ମଧ୍ୟ ଯୋଜନା କରାଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ସୋମବାର ଆଇସିଏମ୍ଆରର ପ୍ରତିଷେଧକ ୱେବ୍ ପୋର୍ଟାଲ ଓ କୋଭିଡ୍-୧୯ ପାଇଁ ନ୍ୟାସନାଲ କ୍ଲିନିକାଲ ରେଜିଷ୍ଟ୍ରିର ଶୁଭାରମ୍ଭ କରିଛନ୍ତି। ଏହି ୱେବପୋର୍ଟାଲ କୋଭିଡ୍-୧୯ ପ୍ରତିଷେଧକର ବିକାଶ ସମ୍ବନ୍ଧରେ ଦେଶ ଓ ବିଦେଶକୁ ତଥ୍ୟ ଯୋଗାଇବ। ଏହା ବ୍ୟତୀତ ନ୍ୟାସନାଲ କୋଭିଡ୍-୧୯ କ୍ଲିନିକାଲ ରେଜିଷ୍ଟ୍ରି ନମୁନା ପରୀକ୍ଷା ରୋଗୀମାନଙ୍କର ଚିକିତ୍ସା ଓ କରୋନା ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟରେ ତଥ୍ୟ ସଂଗ୍ରହ କରି ରଖିବ। ଏହି ଅବସରରେ ହର୍ଷବର୍ଦ୍ଧନ କହିଛନ୍ତି, କରୋନା ପ୍ରତିଷେଧକ ବିଷୟରେ ଜାଣିବାକୁ ଲୋକମାନେ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଛନ୍ତି। ପ୍ରତିଷେଧକର ବିକାଶ ସମ୍ବନ୍ଧରେ ସମସ୍ତ ତଥ୍ୟ ଅତ୍ୟନ୍ତ ସରଳ ଓ ସ୍ୱଚ୍ଛ ଉପାୟରେ ଯୋଗାଇ ଦିଆଯିବ। ଆମର ଦୈନନ୍ଦିନ ଜୀବନରେ ଉପଯୁକ୍ତ ପୁଷ୍ଟି ଓ ଶାରୀରିକ ପରିଶ୍ରମର ଆବଶ୍ୟକତା ବିଷୟରେ ମନ୍ତ୍ରୀ କହିଛନ୍ତି, ଅସନ୍ତୁଳନ ଖାଦ୍ୟ ଯୋଗୁଁ ଜନସାଧାରଣ ବିଶେଷକରି ଯୁବକ ଯୁବତୀମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଦେଉଛି। ଇଟ୍ ରାଇଟ୍ ମୁଭ୍‌ମେଣ୍ଟ, ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଓ ପୋଷଣ ଅଭିଯାନ ଭଳି ସରକାର ନେଇଥିବା ସ୍ୱାସ୍ଥ୍ୟକ୍ଷେତ୍ରର ବିଭିନ୍ନ ଯୋଜନା ବିଷୟରେ ହର୍ଷବର୍ଦ୍ଧନ କହିଛନ୍ତି। ଚୀନ୍‌ର ଆଉ ଏକ ଭୂତାଣୁ 'ସିକ୍ୟୁଭି'ର ସଂକ୍ରମଣ ଆଶଙ୍କା କୋଭିଡ୍ ଭୂତାଣୁ ସଂକ୍ରମଣ ରୋକିବା ଲାଗି ସଂଗ୍ରାମ ଜାରି ରହିଥିଲା ବେଳେ 'କ୍ୟାଟ୍ କ୍ୟୁ ଭାଇରସ୍' (ସିକ୍ୟୁଭି) ନାମକ ଚୀନ୍‌ର ଆଉ ଏକ ଭୂତାଣୁର ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଏଭଳି ଆଶଙ୍କା ପ୍ରକାଶ କରିଛି ଭାରତୀୟ ଭେଷଜ ଗବେଷଣା (ଆଇସିଏମ୍ଆର) ପରିଷଦ। ଆଇସିଏମ୍ଆର ଅଧୀନ ପୁନେ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍ଆଇଭି)ର ବୈଜ୍ଞାନିକମାନେ ୮୮୩ ସିରମ୍ ସାମ୍ପୁଲ ପରୀକ୍ଷା କଲାବେଳେ ସେଥିରୁ ୨ଟିରେ ସିକ୍ୟୁଭି ଭୂତାଣୁର ସଂକ୍ରମଣ ଚିହ୍ନଟ କରିଛନ୍ତି। ଏହି ୨ଟି ନମୁନା କର୍ଣ୍ଣାଟକରୁ ମିଳିଛି। ବୈଜ୍ଞାନିକଙ୍କ ମତରେ ଏହି ଭୂତାଣୁ ଘୁଷୁରି ଓ କ୍ୟୁଲେକ୍ସ ମଶାଙ୍କ ଠାରେ ଦେଖାଯାଏ। ସାଧାରଣତଃ ଚୀନ୍ ଓ ଭିଏତ୍‌ନାମ୍‌ରେ ସିକ୍ୟୁଭି ଭୂତାଣୁ ଅଧିକ ମାତ୍ରାରେ ଦେଖାଯାଏ ବୋଲି ଏନଆଇଭିର ବୈଜ୍ଞାନିକମାନେ କହିଛନ୍ତି।

# ୬ ବୃହତ ପ୍ରକଳ୍ପ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସ କରିଆରେ ନମାମୀ ଗଙ୍ଗେ ମିଶନ ଅନ୍ତର୍ଗତ ଉତ୍ତରାଖଣ୍ଡରେ ୬ଟି ବୃହତ ବିକାଶ ପ୍ରକଳ୍ପର ଉଦଘାଟନ କରିଛନ୍ତି। ମୋଦୀ ହରିଦ୍ୱାରଠାରେ ଗଙ୍ଗା ନଦୀ ତଟରେ ପ୍ରଥମ ଥର ପାଇଁ 'ଗଙ୍ଗା ଅବଲୋକନ' ସଂଗ୍ରହାଳୟର ଉଦଘାଟନ କରିଥିଲେ। ସେ ଏକ ପୁସ୍ତକ ରୋଇଙ୍ଗ ଡାଉନ ଗଙ୍ଗେସ ଏବଂ ଜଳ ଜୀବନ ମିଶନର ନୂଆ ଲୋଗୋକୁ ମଧ୍ୟ ଜାରି କରିଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ଜଳ ଜୀବନ ମିଶନ ଅନ୍ତର୍ଗତ ଗ୍ରାମ ପଞ୍ଚାୟତ ଏବଂ ଜଳ ସମିତି ଲାଗି ଉପଯୋଗୀ 'ମାର୍ଗଦର୍ଶିକା' ମଧ୍ୟ ଜାରି କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଳ ଜୀବନ ମିଶନର ଉଦ୍ଦେଶ୍ୟ ଦେଶର ପ୍ରତ୍ୟେକ ଘରେ ନଳ ଜରିଆରେ ଜଳ ଉପଲବ୍ଧ କରାଇବା। ମୋଦୀ କହିଥିଲେ ଯେ ନୂଆ ଲୋଗୋ ପାଣିର ଗୁରୁତ୍ୱର ବୁଝି ଗୋଟିଏ ଗୋଟିଏ ବୁନ୍ଦା ଜଳ ସଂରକ୍ଷଣ ଲାଗି ଅନୁପ୍ରାଣିତ କରିବା ମାର୍ଗଦର୍ଶିକା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଗ୍ରାମ ପଞ୍ଚାୟତ ଓ ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକମାନଙ୍କ ସହିତ ସରକାରୀ ମେସିନାରୀ ଲାଗି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଅଟେ। ରୋଇଂ ଡାଉନ ଗଙ୍ଗେସ ପୁସ୍ତକ ବିଷୟରେ ଆଲୋଚନା କରି ସେ କହିଥିଲେ ଯେ ଏହା ଗଙ୍ଗା ନଦୀକୁ ଆମ ସଂସ୍କୃତି, ବିଶ୍ୱାସ ଏବଂ ଐତିହ୍ୟର ପ୍ରତୀକ ଭାବେ ସ୍ଥାପିତ କରୁଛି। ମୋଦୀ ଗଙ୍ଗା ନଦୀକୁ ସ୍ୱଚ୍ଛ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଏହା ନିଜର ଉଦଗମସ୍ଥଳ ଉତ୍ତରାଖଣ୍ଡରୁ ଆରମ୍ଭ କରି ଶେଷରେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଦେଶର ପାଖାପାଖି ୫୦% ଜନସଂଖ୍ୟାର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେ କହିଥିଲେ ଯେ ନମାମି ଗଙ୍ଗେ ମିଶନ ନଦୀ ସଂରକ୍ଷଣ କ୍ଷେତ୍ରରେ ସବୁଠୁ ମିଶନ ଏବଂ ଏହାର ଉଦ୍ଦେଶ୍ୟ କେବଳ ଗଙ୍ଗା ନଦୀର ସ୍ୱଚ୍ଛତା ନୁହେଁ ବରଂ ଏହା ସମସ୍ତ ନଦୀଗୁଡିକରେ ସ୍ୱଚ୍ଛତା ଉପରେ କେନ୍ଦ୍ରିତ ଅଟେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ନୂଆ ଚିନ୍ତାଧାରାକୁ ନେଇ ବଡ ପରିବର୍ତ୍ତନ ଆସିଛି ଏବଂ ଗଙ୍ଗା ନଦୀ ଜୀବନ୍ତ ହୋଇ ଉଠିଛି। ଯଦି ଆମେ ଏଥିପାଇଁ ପୁରୁଣା ପଦ୍ଧତି ଆପଣାଇଥାଆନ୍ତୁ ତା' ହେଲା ପରିସ୍ଥିତି ଆଜି ବିଗତ ଦିନ ଭଳି ଖରାପ ହୋଇଥାନ୍ତା କାରଣ ପୁରୁଣା ବ୍ୟବସ୍ଥାରେ ଜନସାଧାରଣଙ୍କ ଭାଗିଦାରୀର ଅଭାବ ରହିଥିଲା। ଶ୍ରୀ ମୋଦୀ କହିଥିଲେ ଯେ ସରକାର ଯେ ସରକାର ଏହି ଲକ୍ଷ୍ୟ ହାସଲ କରିବା ଲାଗି ୪ଟି ରଣନୀତିକୁ ନେଇ ଆଗକୁ ବଢୁଛନ୍ତି। ପ୍ରଥମତଃ- ଅଧିକ ସଂଖ୍ୟାରେ ବର୍ଜ୍ୟଜଳ ପରିଚାଳନା ପ୍ଲାଣ୍ଟ ନେଟୱାର୍କ ବିଛାଇବା ଯାହାକି ବର୍ଜ୍ୟ ଜଳକୁ ଗଙ୍ଗାନଦୀ ଭିତରକୁ ଯିବ ନାହିଁ। ଦ୍ୱିତୀୟତଃ, ଆସନ୍ତା ୧୦-୧୫ ବର୍ଷକୁ ଆଖି ଆଗରେ ରଖି ଏସଟିପିଗୁଡିକୁ ନିର୍ମାଣ କରାଯିବ। ତୃତୀୟତଃ ଗଙ୍ଗା ନଦୀ ତଟରେ ଥିବା ୫୦୦୦ ଗ୍ରାମ ଏବଂ ୧୦୦ ବଡ ସହର/ନଗରକୁ ଖୋଲା ଶୌଚମୁକ୍ତ କରିବା। ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ନମାମି ଗଙ୍ଗେ ମିଶନ ଅନ୍ତର୍ଗତ ୩୦,୦୦୦ କୋଟି ଟଙ୍କାର ଅଧିକ ପ୍ରକଳ୍ପ ପୂରଣ ହୋଇସାରିଛି କିମ୍ବା ପ୍ରଗତି ପଥରେ ରହିଛି। ସେ କହିଥିଲେ ଯେ ଏସବୁ ପ୍ରକଳ୍ପରେ ଉତ୍ତରାଖଣ୍ଡରେ ବର୍ଜ୍ୟଜଳ ପରିଚାଳନା ପ୍ଲାଣ୍ଟ ମଧ୍ୟ ସାମିଲ ରହିଛି। ବିଗତ



୬ ବର୍ଷରେ ଉତ୍ତରାଖଣ୍ଡରେ ବର୍ଜ୍ୟ ଜଳ ପରିଚାଳନା ପ୍ଲାଣ୍ଟର କ୍ଷମତା ୪ ଗୁଣା ବୃଦ୍ଧି ପାଇଛି।ପ୍ରଧାନମନ୍ତ୍ରୀ ମୋଦୀ ଗଙ୍ଗା ନଦୀରେ ମିଶିଥିବା ୧୩୦ଟି ନାଳକୁ ବନ୍ଦ କରିବା ଲାଗି ହୋଇଥିବା ପ୍ରୟାସ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ବିଶେଷ କରି ଚନ୍ଦ୍ରଶେଖର ନଗର ନଳା ବିଷୟରେ ଉଲ୍ଲେଖ କରିଥିଲେ ଯାହାକି ଋଷିକେଶରେ ମୁନୀ କି ରେତୀକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ନୌକା ବିହାର କରୁଥିବା ଲୋକମାନଙ୍କ ପାଇଁ ଦୃଷ୍ଟିକଟୁ ହେଉଥିଲା। ସେ ଏହି ନାଳକୁ ବନ୍ଦ କରିବା ଏବଂ ମୁନୀ କୀ ରେତୀରେ ୪ ମହଲା ବିଶିଷ୍ଟ ବର୍ଜ୍ୟ ଜଳ ନିଷ୍କାସନ ଟ୍ରିଟମେଣ୍ଟ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେପରି ଭାବେ ପ୍ରୟାଗରାଜ କୁମ୍ଭ ମେଳାରେ ଶ୍ରଦ୍ଧାଳୁମାନେ ସ୍ୱଚ୍ଛ ଗଙ୍ଗାରେ ଅନୁଭବ କରିଥିଲେ ସେହିପରି ଭାବେ ଉତ୍ତରାଖଣ୍ଡରେ ମଧ୍ୟ କୁମ୍ଭକୁ ଆସୁଥିବା ଶ୍ରଦ୍ଧାଳୁମାନେ ଅବିରଳ ଓ ନିର୍ମଳ ଗଙ୍ଗା ନଦୀ କିପରି ଦର୍ଶନ କରିବେ ଆମେ ସେଥିପାଇଁ ପ୍ରୟାସ କରୁଛୁ। ପ୍ରଧାନମନ୍ତ୍ରୀ ମୋଦୀ ଗଙ୍ଗା ନଦୀ ତଟରେ ଶତାଧିକ ଘାଟ ସୌନ୍ଦର୍ଯ୍ୟକରଣ ବିଷୟରେ ଉଲ୍ଲେଖ କରିଥିଲେ। ଏବଂ ହରିଦ୍ୱାରରେ ଏକ ଆଧୁନିକ ନଦୀତଟ ବିକାଶ ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗଙ୍ଗା ଅବଲୋକନ ସଂଗ୍ରହଳୟ ଶ୍ରଦ୍ଧାଳୁମାନଙ୍କ ଲାଗି ଏକ ବିଶେଷ ଆକର୍ଷଣ କେନ୍ଦ୍ର ହେବ ଏବଂ ଗଙ୍ଗା ନଦୀ ସହ ଜଡିତ ଐତିହକୁ ବୁଝିବାରେ ସେଗୁଡିକୁ ଯୋଡିବାରେ ସହାୟକ ହେବ।

# ଓଡ଼ିଶାର କରୋନା ପରିଚାଳନାକୁ 'ହୁ'ର ପ୍ରଶଂସା

**ଭୁବନେଶ୍ୱର :** ମହାମାରୀ କୋଭିଡ୍ ପରିଚାଳନା ନେଇ ଓଡ଼ିଶାକୁ ପ୍ରଶଂସା କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)। କୋଭିଡ୍‌କୁ ସଠିକ୍ ଭାବେ ପରିଚାଳନା କରିବା ଯୋଗୁଁ ରାଜ୍ୟରେ ମୃତ୍ୟୁହାର କମ୍ ଓ ସୁସ୍ଥ ହାର୍ ଅଧିକ ରହିଛି। କରୋନା ମୁକାବିଲା ପାଇଁ ଗ୍ରାମପଞ୍ଚାୟତକୁ ସାମିଲ୍ କରାଯାଇ ପରିଚାଳନାକୁ ବିକେନ୍ଦ୍ରୀକରଣ କରାଯାଇପାରିଛି। ଉଚ୍ଚ ଟେଷ୍ଟିଂ କୌଶଳ ସହ ପ୍ରଭାବଶାଳୀ ଢଙ୍ଗରେ ରାଜ୍ୟରେ ରୋଗୀଙ୍କ ଯତ୍ନ ନିଆଯାଇପାରିଛି ବୋଲି 'ହୁ' କହିଛି। ସେହିପରି ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରି ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେଇପାରିଛି। ଏପରିକି କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଆଗମନକୁ ଓଡ଼ିଶା ସଠିକ୍ ଭାବେ ପରିଚାଳନା କରିଥିବା କୁହାଯାଇଛି। 'ହୁ' ଦର୍ଶାଇଛି ଯେ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ଉଚିତ୍ ମୁକାବିଲା କରି ସଫଳ ଟ୍ରାକ୍ ରେକର୍ଡ ଥିବା ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏବେ କୋଭିଡ-୧୯ ମହାମାରୀର ବି ସଫଳ ମୁକାବିଲା କରିବାରେ ସମର୍ଥ ହୋଇଛି। ୨୦୨୦ ଜୁନ୍‌ରେ ରାଜ୍ୟରେ କରୋନା ସୁସ୍ଥ ହାର୍ ଥିଲା ୬୯.୪ ପ୍ରତିଶତ, ଯାହା ଫଳରେ କି ରାଜ୍ୟ ଦେଶର ସୁସ୍ଥ ହାର ଅଧିକ ଥିବା ଅଗ୍ରଣୀ ରାଜ୍ୟଗୁଡ଼ିକ ମଧ୍ୟରେ ସାମିଲ ହୋଇପାରିଥିଲା। ମହାମାରୀ ସଂକଟ ମଧ୍ୟରେ ବାତ୍ୟା ଅମ୍ପନ ରାଜ୍ୟକୁ ପ୍ରଭାବିତ କରିଥିବା ବେଳେ ସ୍ଥିତିକୁ ଭଲ ଭାବେ ଆୟତ୍ତ କରାଯାଇପାରିଥିଲା। ବିପୁଳ ସଂଖ୍ୟାରେ ରାଜ୍ୟକୁ ପ୍ରବାସୀ ଶ୍ରମିକଙ୍କ ପ୍ରବେଶ ସତ୍ତ୍ୱେ କରୋନା ସଂକ୍ରମଣ ଯଥାସମ୍ଭବ କମ୍ ରଖିବା ରାଜ୍ୟର କୋଭିଡ-୧୯ ପରିଚାଳନା ରଣନୀତିର ବିଭିନ୍ନ ଦିଗନ୍ତରୁ ଗୁରୁତ୍ୱକୁ ପ୍ରତିପାଦନ କରୁଛି। କରୋନା ମହାମାରୀ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବାରେ ଓଡ଼ିଶା ଥିଲା ଭାରତର ପ୍ରଥମ ରାଜ୍ୟ। ରାଜ୍ୟରେ କୌଣସି ଗୋଟିଏ ବି କୋଭିଡ ମାମଲା ଆସିନଥିବା ବେଳେ ମାର୍ଚ୍ଚ ୧୩ ତାରିଖରେ ହିଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସର୍ବସାଧାରଣ ସ୍ଥାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ୧ ହଜାର ଶଯ୍ୟା ବିଶିଷ୍ଟ ଏକ ଉତ୍ସର୍ଗୀକୃତ ହସପିଟାଲ୍ ପ୍ରତିଷ୍ଠା କରିଥିଲା। ମାତ୍ର ଏକ ସପ୍ତାହର ରେକର୍ଡ ସମୟ ମଧ୍ୟରେ ପ୍ରତିଷ୍ଠା ହୋଇଥିଲା ଏହି ହସପିଟାଲ୍। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍ସ ଓ ସମ୍ ହସପିଟାଲ୍ ମଡେଲ୍ କୋଭିଡ ହସପିଟାଲ୍ ଭାବେ ପ୍ରତିଷ୍ଠା ହୋଇଥିଲାବେଳେ ୩୦ଟି ଉତ୍ସର୍ଗୀକୃତ ଜିଲ୍ଲା କୋଭିଡ୍ ହସପିଟାଲ୍ ପ୍ରତିଷ୍ଠା ହୋଇଥିଲା। ଏଥିମଧ୍ୟରୁ ୧୭ଟି ହସ୍ପିଟାଲ ସରକାର, ଘରୋଇ ହସପିଟାଲ୍ ଓ ଫାଇନାନ୍ସ କର୍ପୋରେସନ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ରାଜିନାମା ଅନୁସାରେ କାର୍ଯ୍ୟକାରୀ ହୋଇଥିଲା। କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟରେ ହୋଇଥିବା ବ୍ୟବସ୍ଥାଗୁଡ଼ିକର ସ୍ୱାଧୀନ ଭାବେ ସମୀକ୍ଷା କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଜାତିସଂଘର ଟିମ୍ ସ୍ୱତନ୍ତ୍ର ଭାବେ ଏସବୁ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଏହାସହ ରାଜ୍ୟରେ ଟେଷ୍ଟିଂ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲାରେ ରୋଗୀଙ୍କ ସୁବିଧା ପାଇଁ ଟେଲିମେଡିସିନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପ୍ଲାଜମା ଥେରାପି ବ୍ୟବସ୍ଥା ମଧ୍ୟ ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ରାଜ୍ୟକୁ ଆସୁଥିବା ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ସେଲ୍ଫ ପଞ୍ଜୀକରଣ ଓ ଅନ୍ୟ ଲୋକଙ୍କ ପାଇଁ ଇ-ପାସ୍ ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର। ରାଜ୍ୟ କୋଭିଡ୍ ଡ୍ୟାସବୋର୍ଡ ଦ୍ୱାରା କୋଭିଡ-୧୯ ସଂପର୍କିତ ପ୍ରକୃତ ତଥ୍ୟ ସାର୍ବଜନୀନ କରାଯାଉଛି। ପ୍ରବାସୀ ଶ୍ରମିକଙ୍କ ଚଳପ୍ରଚଳର ତଦାରଖ, ଅନଲାଇନ୍ ଇ-ପାସ୍, କଣ୍ଟାକ୍ଟ ଟ୍ରେସିଂ, ଖାଦ୍ୟ ଓ ରହଣି ବ୍ୟବସ୍ଥା, ସ୍ୱାସ୍ଥ୍ୟ ଯାଞ୍ଚ ଭଳି ପଦକ୍ଷେପ ନେଇଥିଲେ ରାଜ୍ୟ ସରକାର। ପ୍ରବାସୀଙ୍କ ପାଇଁ ଏକ ଉତ୍ସର୍ଗୀକତ ପୋର୍ଟାଲ୍ ବି ଆରମ୍ଭ କରାଯାଇଥିଲା। ୧୮ ହଜାରରୁ ଅଧିକ ଅସ୍ଥାୟୀ ମେଡିକାଲ୍ କ୍ୟାମ୍ପ (ଟିଏମସି) ସ୍ଥାପନ କରାଯାଇଥିଲା। ଏସବୁ କ୍ୟାମ୍ପରେ ୮ ଲକ୍ଷରୁ ଅଧିକ ପ୍ରବାସୀଙ୍କୁ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଜାତିସଂଘ ଏଜେନ୍ସି ଗୁଡ଼ିକ ବିଭିନ୍ନ ଗ୍ରୁପ୍ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଲକଡାଉନ ସମୟରେ ୧ ଲକ୍ଷ ୮୦ ହଜାରରୁ ଅଧିକ ଡାକ୍ତର, ନର୍ସ, ପାରାମେଡିକ୍ସ, ଆୟୁଷ, ସଫେଇ କର୍ମଚାରୀ, ପୁଲିସ, ସମ୍ମୁଖ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମହାମାରୀ ମୁକାବିଲା ପାଇଁ ସରକାର ସରପଞ୍ଚମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରିଥିଲେ, ଯାହାର ସୁଫଳ ମିଳିଛି। ସେହିପରି ଜାତୀୟ ଏବଂ ରାଜ୍ୟ ପେନସନ୍ ଯୋଜନାରୁ ହିତାଧିକାରୀଙ୍କୁ ୪ ମାସ ଆଗୁଆ ପେନସନ୍ ଏବଂ ସବୁ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ରେକର୍ଡ ସମୟରେ ୧୦ ଲକ୍ଷ ମାସ୍କ ପ୍ରସ୍ତୁତ କରି ଅଭାବ ପୂରଣ କରିପାରିଥିଲେ ଏସଏଚ୍‌ଜି। ଅନ୍ୟପକ୍ଷରେ ରାଜ୍ୟରେ ମୃତ୍ୟୁ ଓ ସଂକ୍ରମଣ ହାର୍ ହ୍ରାସ ଉପରେ ଲଗାତର ଫୋକସ ରଖିଛନ୍ତି ରାଜ୍ୟ ସରକାର। ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ଜୁନ୍ ୨୮ ସୁଦ୍ଧା ରାଜ୍ୟରେ ମୃତ୍ୟୁ ଓ ସଂକ୍ରମଣ ହାର ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ବି କମ୍ ରହିଥିଲା, ଏବେ ବି କମ୍ ରହିଛି। ଶୀଘ୍ର ଲକ୍‌ଡାଉନ, ଟିଏମ୍‌ସି ପ୍ରତିଷ୍ଠା, ଗୋଷ୍ଠୀ ସହଭାଗିତା, ଉତ୍ସର୍ଗୀକୃତ କୋଭିଡ୍ ହସ୍‌ପିଟାଲ୍ ପ୍ରତିଷ୍ଠା ପରି ଏକାଧିକ ପ୍ରଶଂସନୀୟ କୋଭିଡ୍ ନିୟନ୍ତ୍ରଣ ପଦକ୍ଷେପ ଦ୍ୱାରା ଓଡ଼ିଶା ଆଜି ଚର୍ଚ୍ଚାରେ ଥିବାବେଳେ ଏ କ୍ଷେତ୍ରରେ ଆଗକୁ ବଢ଼ିବା ଦରକାର ବୋଲି 'ହୁ'ର ଏକ ରିପୋର୍ଟରେ କୁହାଯାଇଛି।

## ୩୧ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ

**ଭୁବନେଶ୍ୱର :** ସାମ୍ପ୍ରତିକ କୋଭିଡ ସ୍ଥିତିକୁ ଦେଖି ରାଜ୍ୟ ସରକାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଚଳିତ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ସ୍ଥିତିରେ ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀମାନଙ୍କ ଘରକୁ ଯାଇ ଶୁଖିଲା ରାସନ ବଣ୍ଟନ କରିବେ। କରୋନା ସ୍ଥିତିରେ ଗତକିଛିମାସ ଧରି ରାଜ୍ୟର ସମସ୍ତ ୩ ରୁ ୬ ବର୍ଷ ବୟସର ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ରାସନ ସାମଗ୍ରୀ ଦିଆଯାଇଛି। ଶୁଖିଲା ରାସନ ବାବଦକୁ ଛତୁଆ, ବାଦାମ ଲଡ୍ଡୁ, ଚିକି, ଅଣ୍ଡା ଦିଆଯିବା ସହ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ହିତାଧିକାରୀମାନଙ୍କୁ ମାଣ୍ଡିଆ ଚୂନାର ପ୍ୟାକେଟ୍ ବଣ୍ଟନ କରାଯାଇଛି। ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଏହି ଯୋଜନା ଦ୍ୱାରା ରାଜ୍ୟର ୪୧ ଲକ୍ଷ ୨୭ ହଜାର ୫୦ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ଯେଉଁମାନଙ୍କ ମଧ୍ୟରେ ୬ ମାସରୁ ୩ ବର୍ଷ ବୟସର ୧୭,୯୩,୮୯୬ ଶିଶୁ, ୩ରୁ ୬ ବର୍ଷ ବୟସର ୧୬,୧୩,୭୭୫ ଜଣ ଶିଶୁ ଏବଂ ୭,୧୯,୩୭୯ ଜଣ ଗର୍ଭବତୀ ଓ ପ୍ରସୂତି ଉପକୃତ ହେଉଛନ୍ତି। ଏତଦ୍‌ବ୍ୟତୀତ ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ଓଡ଼ିଶାକୁ ଫେରିଥିବା ପ୍ରବାସୀ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇ ଯୋଗ୍ୟତା ଅନୁସାରେ ଶୁଖିଲା ରାସନ ବଣ୍ଟନ କରାଯାଇଛି। ପ୍ରକାଶ ଥାଉକି, ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ଓଡ଼ିଶାର ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ନିୟୋଜିତ କରି ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଓ ବଣ୍ଟନ ମଡେଲକୁ ନିକଟରେ ନିତି ଆୟୋଗ ଉଚ୍ଚ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଅଧିକ ସ୍ୱଚ୍ଛତା ଆସିପାରିଛି ବୋଲି ନିତି ଆୟୋଗ ପ୍ରକାଶ କରିଛନ୍ତି। ଛତୁଆ ପ୍ରସ୍ତୁତିଠାରୁ ବଣ୍ଟନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ 'ମୋ ଛତୁଆ' ଆପ୍‌ର ବିକାଶ କରାଯାଇଛି। ଏହି ଆପ୍‌ର ଉପଯୋଗ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ତଥା ସମସ୍ତ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାଙ୍କୁ ନିୟମିତ ତାଲିମ ପ୍ରଦାନ କରାଯାଉଛି। ହିତାଧିକାରୀମାନେ ଏହି ଯୋଜନାରୁ ଠିକ୍ ଭାବେ ଉପକୃତ ହେଉଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ଟେଲି ମନିଟରିଂ ବ୍ୟବସ୍ଥା କରାଯାଉଛି ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀମାନେ ଏହି ବଣ୍ଟନ ସମୟରେ କୋଭିଡ ନିୟମାବଳୀ ପାଳନ କରିବା ପାଇଁ ହିତାଧିକାରୀମାନଙ୍କୁ ସଚେତନ କରିଛନ୍ତି।

## ପ୍ରଚାର ବେଳେ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆକ୍ଷେପ ମନା

**ଭୁବନେଶ୍ୱର :** ନିର୍ବାଚନ ପ୍ରଚାରବେଳେ କୌଣସି ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆକ୍ଷେପ କରାଯାଇପାରିବ ନାହିଁ। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ କୌଣସି ରାଜନୈତିକ ଦଳ ନିଜର ପ୍ରାର୍ଥୀ କଲେ ତା'ହେଲେ ସମ୍ପୃକ୍ତ ଦଳକୁ ଏଥିପାଇଁ କୈଫିୟତ ଦେବାକୁ ପଡିବ। ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡାକିଥିବା ସର୍ବଦଳୀୟ ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏ ସମ୍ପର୍କରେ ସବୁ ଦଳର ପ୍ରତିନିଧିମାନଙ୍କୁ ରୋକଠୋକ୍ ଜଣାଇ ଦେଇଛନ୍ତି। ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସର୍ବଦଳୀୟ ବୈଠକ ଡାକି ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କରିଥିଲେ। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି କଡାକଡି ଭାବେ ପାଳନ କରାଯିବ। ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ସର୍ବାଧିକ ୨ଜଣ ବ୍ୟକ୍ତି ରହିପାରିବେ। ପଦଯାତ୍ରା ଓ ଘରକୁ ଘର ବୁଲି ପ୍ରଚାର କରିବା ବେଳେ ପ୍ରାର୍ଥୀଙ୍କ ସହ ସୁରକ୍ଷାକର୍ମୀଙ୍କୁ ଛାଡି ସର୍ବାଧିକ ୫ଜଣ ବ୍ୟକ୍ତି ଯାଇପାରିବେ। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କଲେ ସମ୍ପୃକ୍ତ ରାଜନୀତିକ ଦଳକୁ ଏଥିପାଇଁ କୈଫିୟତ ଦେବାକୁ ପଡିବ ଓ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଅତିକମରେ ୩ଥର ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର କରାଇବେ। ପ୍ରଚାର ବେଳେ କୌଣସି ପ୍ରାର୍ଥୀଙ୍କ ବିରୁଦ୍ଧରେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଆକ୍ଷେପ କରାଯାଇପାରିବ ନାହିଁ। ଦଳର ପୂର୍ବର କାର୍ଯ୍ୟକଳାପ ଓ ଚାଲୁଥିବା ନିଷ୍ପତ୍ତି ଓ କାର୍ଯ୍ୟକଳାପକୁ ସମାଲୋଚନା କରାଯାଇ ପାରିବ ବୋଲି ବିଭିନ୍ନ ଦଳର ପ୍ରତିନିଧିମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅବଗତ କରାଇଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ପ୍ରତି ବୁଥ୍‌ରେ ସର୍ବାଧିକ ହଜାରେ ଭୋଟର ଭୋଟ୍ ଦେଇପାରିବେ। ଭୋଟ ଗ୍ରହଣ ପୂର୍ବରୁ ସମସ୍ତ ବୁଥକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶୋଧନ କରାଯିବ। ୮୦ ବର୍ଷରୁ ଅଧିକ ବୟସର ଭୋଟର, ଭିନ୍ନକ୍ଷମ ଭୋଟର, କୋଭିଡ୍ ସଂକ୍ରମିତ ଓ ସନ୍ଦିଗ୍ଧ କୋଭିଡ୍ ରୋଗୀ ଯେଉଁମାନେ ଘରେ କିମ୍ବା ଡାକ୍ତରଖାନାରେ ସଙ୍ଗରୋଧାରେ ଥିବେ ସେମାନଙ୍କୁ ପୋଷ୍ଟାଲ ବାଲାଟ୍ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଜିର ଏହି ସର୍ବଦଳୀୟ ବୈଠକରେ ବିଜେପି ପକ୍ଷରୁ ଜଗନ୍ନାଥ ପ୍ରଧାନ, କଂଗ୍ରେସର ଶିବାନନ୍ଦ ରାୟ, ସିପିଏମ୍‌ର ଦୁଷ୍ମନ୍ତ କୁମାର ଦାସ ଓ ବିଜେଡିର ମାନସ ରଞ୍ଜନ ମଙ୍ଗରାଜ ସେମାନଙ୍କର ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## କରୋନାରୁ ଆରୋଗ୍ୟ ପରେ ବି ହୋଇପାରେ ଫୁସ୍‌ଫୁସ୍ ରୋଗ

**ଭୁବନେଶ୍ୱର :** ରାଜ୍ୟରେ କରୋନାକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ସ୍ଥିରତା ଆସୁନାହିଁ। କରୋନା ସଂକ୍ରମଣରୁ ବର୍ତ୍ତିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନିୟମ ରଖାଯାଇଛି। ଜନସାଧାରଣ କିପରି କରୋନା ଭୂତାଣୁର କରାଳ ରୂପରୁ ରକ୍ଷାପାଇବେ, ସେଥିଲାଗି ବିଶେଷଜ୍ଞମାନେ ପରାମର୍ଶ ଦେବାରେ ଲାଗିଛନ୍ତି। ଏପରି ସମୟରେ ରାଜ୍ୟରେ କରୋନା ସଂକ୍ରମଣକୁ ନେଇ ସାଙ୍ଘାତିକ ତଥ୍ୟ ପଦାକୁ ଆସିଛି। କରୋନାରୁ ଆରୋଗ୍ୟ ହେଇଥିବା ବ୍ୟକ୍ତି ବିଶେଷ ପୁଣି ଥରେ କରୋନାରେ ସଂକ୍ରମିତ ହେଉଛନ୍ତି। ତେଣୁ ଏପରି କ୍ଷେତ୍ରରେ କରୋନାରୁ ଆରୋଗ୍ୟ ହେଉଥିବା ବ୍ୟକ୍ତି ବିଶେଷ ମଧ୍ୟ ନିଜକୁ ଯଥେଷ୍ଟ ସାବଧାନତା ସହିତ ରହିବା ଦରକାର। ଆରୋଗ୍ୟ ବ୍ୟକ୍ତି ମଧ୍ୟ କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକତା ରହିଛି। କରୋନାରେ ଆରୋଗ୍ୟ ପରେ ବି ବ୍ୟକ୍ତି ଫୁସ୍‌ଫୁସ୍ ରୋଗର ଶିକାର ହୋଇପାରନ୍ତି। ସେମାନଙ୍କ ପାଖରେ କରୋନାର ବିଭିନ୍ନ ଲକ୍ଷଣ ପୁଣି ଦେଖାଦେଇଥାଏ। ରୋଗୀ ଭାବନ୍ତି ଯେ ପୁଣି କରୋନାରେ ଆକ୍ରାନ୍ତ ହେଲେ ବୋଲି। ଏନେଇ ଡାକ୍ତର ସୁବ୍ରତ ଜେନା କହିଛନ୍ତି ଯେ ଜଣେ କରୋନାରୁ ଆରୋଗ୍ୟ ପରେ ପୁଣି ଥରେ ଆକ୍ରାନ୍ତ ହେଉନାହାନ୍ତି। କିନ୍ତୁ ଯେଉଁ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହେବା ମାତ୍ରେ ଫୁସ୍‌ଫୁସ୍‌କୁ ବହୁ ମାତ୍ରାରେ କ୍ଷତି ପହଞ୍ଚାଉଛି। ସେହି କ୍ଷେତ୍ରରେ ରୋଗୀଙ୍କ ସ୍ଥାୟୀ ଭାବେ ଫୁସ୍‌ଫୁସ୍ ଜନିତ ସମସ୍ୟା ଦେଖାଦେଇଥାଏ। ସେହି ରୋଗୀମାନେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହିତ ଦୁର୍ବଳ ଅନୁଭବ କରିଥାନ୍ତି। ସେମାନଙ୍କ କ୍ଷେତ୍ରରେ ମଧ୍ୟ ଫୁସ୍‌ଫୁସ୍ ସଂକ୍ରମଣ ହେବାର ସମ୍ଭାବନା ରହିଥାଏ। ଏହି କେତେକ କାରଣରୁ ସେମାନଙ୍କ ପାଖରେ ନାନା ପ୍ରକାଶ ଶରୀର ଜନିତ କଷ୍ଟ ବଢ଼ିବାରେ ଲାଗିଥାଏ। ରୋଗୀଙ୍କ ଫୁସ୍‌ଫୁସ୍ ଜନିତ ଚିକିତ୍ସା ଦିନେ କି ଦୁଇ ଦିନ ଭିତରେ ସମ୍ଭବ ହୋଇନଥାଏ। ଏପରି ରୋଗୀଙ୍କ କ୍ଷେତ୍ରରେ ଲଙ୍ଗ୍ ଟାଇମ୍ ପର୍ଯ୍ୟନ୍ତ ଚିକିତ୍ସା କରିବାକୁ ପଡ଼ିଥାଏ। ସେମାନେ ଏକ ନିର୍ଦ୍ଦିଷ୍ଟ ଭାବରେ ମେଡିକାଲ ଟ୍ରିଟ୍‌ମେଣ୍ଟ ଭିତରେ ରହିବା ଦରକାର। କାରଣ କରୋନା ସଂକ୍ରମଣରେ ରୋଗୀର ଫୁସ୍‌ଫୁସ୍‌ଟି ସ୍ଥାୟୀ ଭାବେ କ୍ଷତି ଘଟିଥାଏ। ତେଣୁ ଏହିଭଳି କ୍ଷେତ୍ରରେ ରୋଗୀ ଆରୋଗ୍ୟ ହେଲା ପରେ ବି ସ୍ଥାୟୀ ଭାବେ ମେଡିକାଲ ଟ୍ରିଟ୍‌ମେଣ୍ଟ ଭିତରେ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## 'ଗଜପତିରେ ସର୍ବାଧିକ ୬୫% ଆଣ୍ଟିବଡି ସୃଷ୍ଟି ହୋଇଛି'

**ଭୁବନେଶ୍ୱର :** କରୋନା ଭାଇରସ୍ ମହାମାରୀ ସହିତ ଓଡ଼ିଶା ସଫଳତାର ସହିତ ମୁକାବିଲା କରୁଛି। ଗଜପତି ଜିଲ୍ଲାରେ ସର୍ବାଧିକ ୬୫% ଆଣ୍ଟିବଡି ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍‌ଆରସି ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଏହା କହିଛନ୍ତି। ଗଜପତି ଜିଲ୍ଲାରେ ସେରୋ ସର୍ଭେ ନେଇ ସେ କହିଛନ୍ତି ଯେ, ଜିଲ୍ଲାରେ ୪୪ ରୁ ୯୨% ଯାଏଁ ଆଣ୍ଟିବଡି ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ଠାରେ ୫୦% ଓ ପୋଲିସ କର୍ମୀଙ୍କ ଠାରେ ୫୪% ଆଣ୍ଟିବଡି ସୃଷ୍ଟି ହୋଇଛି। ସେ କହିଛନ୍ତି, ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ସେରୋ ସର୍ଭେ ହେବ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୱେବ୍‌ସାଇଟ୍‌ରୁ




ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏପର୍ଯ୍ୟନ୍ତ ୨ଲକ୍ଷ ୨୨ ହଜାର ୭୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ଲକ୍ଷ ୮୫ ହଜାର ୭୦୦ଜଣ ସୁସ୍ଥ ହୋଇଥିବା ବେଳେ ୩୬ ହଜାର ୧୨୨ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ, ୮୫୯ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଗଜପତି ଜିଲ୍ଲାରେ ଏପର୍ଯ୍ୟନ୍ତ ୩ ହଜାର ୫୮୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩ ହଜାର ୩୯୮ଜଣ ସୁସ୍ଥ ହୋଇଛନ୍ତି। କିନ୍ତୁ ୨୩ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ୧୬୨ଜଣ ଚିକିତ୍ସାଧୀନ ଅଛନ୍ତି। ମାଲକାନଗିରି ଜିଲ୍ଲାରେ ୩ ହଜାର ୬୮୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩ ହଜାର ୨୨୭ଜଣ ସୁସ୍ଥ ହୋଇଛନ୍ତି। କିନ୍ତୁ ଏବେ ୪୪୭ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ବେଳେ ୧୧ଜଣଙ୍କର ମୃତ୍ୟୁ ହୋଇଛି।

## ଏଣିକି ଇ-ପେମେଣ୍ଟରେ ଦାଖଲ କରିହେବ କୋର୍ଟ ଫି'

**ଭୁବନେଶ୍ୱର :** ଏଣିକି କୋର୍ଟରେ ମାମଲା ରୁଜୁ କରିବା ବେଳେ ଆବେଦନକାରୀ ଇ-ପେମେଣ୍ଟ ମାଧ୍ୟମରେ କୋର୍ଟ ଫି' ପ୍ରଦାନ କରିପାରିବେ। କୋର୍ଟ ଫି' ଷ୍ଟାମ୍ପ ଜରିଆରେ କୋର୍ଟ ଫି' ପ୍ରଦାନ କରିବାର ବାଧ୍ୟତାମୂଳକ ପ୍ରାବଧାନରେ ସଂଶୋଧନକୁ ରାଜ୍ୟ ବିଧାନସଭା ଅନୁମୋଦନ କରିଛନ୍ତି। ଏହି ସଂଶୋଧନ ଫଳରେ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଇ-ଫାଇଲିଂ ମାମଲା ଦାଏର କରାଯିବା ବେଳେ କୋର୍ଟ ଫି' ଷ୍ଟାମ୍ପ ଜରିଆରେ କୋର୍ଟ ଫିସ୍ ପ୍ରଦାନ କରାଯିବା ସହ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଇ-ପେମେଣ୍ଟ ପ୍ରଦାନ ଓ ଫେରସ୍ତର ବ୍ୟବସ୍ଥା ରହିଛି। ରାଜ୍ୟପାଳଙ୍କ ମଞ୍ଜୁରୀ ପରେ ଏହି ସଂଶୋଧନ କାର୍ଯ୍ୟକ୍ଷମ ହେବ। ବିଧାନସଭାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା 'କୋର୍ଟ ଫି (ଓଡ଼ିଶା ସଂଶୋଧନ) ବିଲ୍-୨୦୨୦କୁ ପାରିତ ନିମନ୍ତେ ଗୃହର ଅନୁମୋଦନ ଲୋଡ଼ିଥିଲେ। ମନ୍ତ୍ରୀ ଶ୍ରୀ ଜେନା ଏହି ସଂଶୋଧନ ସମ୍ପର୍କରେ ତଥ୍ୟ ରଖି କହିଥିଲେ ଯେ, କୋର୍ଟ ଫି' ଅଧିନିୟମ-୧୮୭୦ର ବ୍ୟବସ୍ଥା ଅନୁସାରେ କୋର୍ଟ ଫି' ଷ୍ଟାମ୍ପ ଦ୍ୱାରା ହିଁ କେବଳ କୋର୍ଟ ଫି' ପ୍ରଦାନ କରାଯାଇପାରିବ। ଏବେ କୋଭିଡ୍-୧୯ ମହାମାରୀ ବିପତ୍ତି ଦୃଷ୍ଟିରୁ ହାଇକୋର୍ଟ ଓ ଅଧସ୍ତନ କୋର୍ଟ ଗୁଡିକରେ ବହୁତ କଟକଣା ମଧ୍ୟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟ କାର୍ଯ୍ୟ ସମ୍ପାଦନ ହେଉଛି। ତା'ଛଡା ରାଜ୍ୟ ସରକାରଙ୍କ ସାମାଜିକ ଦୂରତ୍ୱ ଗାଇଡଲାଇନ୍ ଅନୁସାରେ ହାଇକୋର୍ଟ ମଧ୍ୟ ମାମଲା ଗୁଡିକୁ ଇ-ଫାଇଲିଂ ଜରିଆରେ ଦାଏର କରିବାକୁ ଅନୁମତି ଦେଉଛନ୍ତି। ସେ ଦୃଷ୍ଟିରୁ ଇ-ପେମେଣ୍ଟ ମାଧ୍ୟମରେ କୋର୍ଟ ଫି' ପ୍ରଦାନ କରାଯିବାର ଆବଶ୍ୟକତା ଅନୁଭୂତ ହେଲା। ଏହାଦ୍ୱାରା କୋଭିଡ୍ ମହାମାରୀ ବିପତ୍ତିବେଳେ ତଥା ଆଗାମୀ ଦିନରେ ମକଦ୍ଦମାକାରୀ ଓ ଅନ୍ୟ ବ୍ୟକ୍ତିମାନେ ନ୍ୟାୟିକ ପ୍ରକ୍ରିୟାର ସୁଲଭ ଉପଯୋଗ କରିପାରିବେ ବୋଲି ଶ୍ରୀ ଜେନା କହିଛନ୍ତି।

# କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କୁ ଲକ୍ଷେ ଜରିମାନା, ୨ ବର୍ଷ ଜେଲ୍

**ଭୁବନେଶ୍ୱର :** ବିରୋଧୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଆଜି ବିଧାନସଭାରେ ସଂକ୍ରାମକ ରୋଗ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨୦ ପାରିତ ହୋଇଯାଇଛି। ଏହି ବିଲର ପ୍ରାବଧାନ ଅନୁଯାୟୀ କୋଭିଡ ନିୟମ ଉଲ୍ଲଂଘନକାରୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ୨ ବର୍ଷ ପର୍ଯ୍ୟନ୍ତ ଜେଲ ବ୍ୟବସ୍ଥା ରହିଛି। ସଂକ୍ରାମକ ରୋଗ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨ ଆଗତ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଲେ ଯେ କରୋନା ରୋଗରୁ ମହାମାରୀ ପାଲଟିବା ପରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କିଛି କଠିନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ଧୀରେଧୀରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଏପଟେ କିଛି ଲୋକେ ସାମାଜିକ ଦୂରତା ଏବଂ କଟକଣାକୁ ମାନୁନାହାନ୍ତି। ଯାହାଫଳରେ ଏହା ଗୋଷ୍ଠୀ ସଂକ୍ରମଣ କରିପାରେ। ତେଣୁ ନିୟମକୁ କଡ଼ାକଡ଼ି ଏବଂ ଏଥିରେ ପରିବର୍ତ୍ତନର ଆବଶ୍ୟକତା ରହିଥିବା ବେଳେ ୨ ବର୍ଷ ଜେଲ ଓ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଧାର୍ଯ୍ୟ କରାଯାଇଛି। ତେବେ ବିଲ୍ ଆଲୋଚନାରେ ଭାଗ ନଇେ ବିରୋଧୀ ଏହାର ପ୍ରବଳ ବିରୋଧ କରିଥିଲେ। ପୂର୍ବରୁ ଥିବା ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଥିଲେ ନୂଆ ଆଇନର ଆଦୌ ଆବଶ୍ୟକତା ପଡ଼ିନଥାନ୍ତା। କେବଳେ ବିରୋଧୀ ଦଳକୁ ଆୟତ୍ତକୁ ଆଣିବା ଏବଂ ମହାମାରୀ ଆଇନ ଉଲ୍ଲଂଘନରେ ସେମାନଙ୍କୁ ଜେଲ୍ ଦଣ୍ଡ ଶୁଣାଇବା ସରକାରଙ୍କ ଭିତିର ଉଦ୍ଦେଶ୍ୟ ବୋଲି ବିରୋଧୀ ସଭ୍ୟ ଅଭିଯୋଗ କରିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଲେ ଯେ ସରକାର ସଠିକ୍ ଭାବେ କୋଭିଡ ମୁକାବିଲା କଲେ ନାହିଁ। ବିଧାୟକଙ୍କୁ ଭିତିରି ଉଦ୍ଦେଶ୍ୟ ରଖି କରୋନା ମୁକାବିଲାରେ ସାମିଲ କରାଗଲା ନାହିଁ। ବର୍ତ୍ତମାନ ଏପରି ଏକ କଳା ବିଲ୍ କରି ସରକାର ଗରିବ ଆଦିବାସୀ ଲୋକଙ୍କୁ ହଇରାଣ କରିବାକୁ ଚେଷ୍ଟା କରୁଛନ୍ତି। ୧ ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ସେମାନେ ସକ୍ଷମ ନୁହନ୍ତି ବୋଲି ତାରା କହିଥିଲେ। ତେଣୁ



ବିଲ୍‌ରେ ଥିବା ଜୋରିମାନାର ପରିମାଣକୁ କମ୍ କରିବାକୁ ସେ ଦାବୀ କରିଥିଲେ। ସେହିପରି ବିଲ୍‌କୁ ବିରୋଧ କରି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର କହିଲେ ଯେ ପୂର୍ବରୁ ଥିବା ନିୟମ ଯଥେଷ୍ଟ ଥିଲା। ରାଜ୍ୟର ପୁଲିସ ବିଭାଗ ଯଦି ଠିକ୍ ଭାବେ ଆଇନର ଅନୁପାଳନ କରୁଥାନ୍ତା, ତାହେଲେ ଏପରି ଆଇନର ଆବଶ୍ୟକତା ପଡ଼ିନଥାନ୍ତା। ସରକାର ରୋଗକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବେଳେ ବିରୋଧୀ ଦଳକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି। ବିଲ୍ ପାସ କରି ବିରୋଧୀ ଦଳର ବିଧାୟକଙ୍କୁ ୨ ବର୍ଷ ପାଇଁ ଜେଲ୍‌ରେ ପୂରାଇବା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି, ବିଲ୍‌ରେ ଥିବା ଦଣ୍ଡାଦେଶ ଓ ଜୋରିମାନା ବହୁ ଅଧିକ। ବିଲ୍‌କୁ ବିରୋଧ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଏହି ଆଇନ କେବଳ ବିରୋଧୀଙ୍କୁ ବାନ୍ଧିବା ପାଇଁ ଉଦ୍ଦିଷ୍ଟ। ନଚେତ୍ ୧୮୯୭ର ଆଇନକୁ ସରକାର କଡ଼ାକଡ଼ି ପାଳନ କରିବାକୁ କିଏ ରୋକୁଛି କି ? ସରକାର ଆଇନରେ ରଖିଛନ୍ତି ଯେ ଯେଉଁ ଅଧିକାରୀ ଏହାକୁ କାର୍ଯ୍ୟାନ୍ୱୟନ କରିବେ, ହେଲେ କେଉଁ ବର୍ଗର ଅଧିକାରୀ ତାହା ଆଇନରେ ଉଲ୍ଲେଖ ନାହିଁ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେପି ବିଧାୟକ ମୋହନ ମାଝୀ ଓ ବିରୋଧି ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ଏହି ବିଧେୟକରେ ଥିବା ଦଣ୍ଡ ବ୍ୟବସ୍ଥା ମାତ୍ରାଧିକ ହୋଇଛି। କରୋନା କଟକଣାକୁ ଅବହେଳା କଲେ ଦୁଇ ବର୍ଷ ଜେଲ ଏବଂ ଏକ ଲକ୍ଷ ଟଙ୍କାର ଜୋରିମାନା ବ୍ୟବସ୍ଥା ଅଛି। ଏହାକୁ ହ୍ରାସ କରାଯାଉ କାରଣ ଗ୍ରାମାଞ୍ଚଳରେ ଲୋକମାନେ କ୍ଷତିଗ୍ରସ୍ତ ହେବେ। ଅପରପକ୍ଷେ ଶାସକ ଦଳ ସଭ୍ୟ ଭୂପିନ୍ଦର ସିଂ ଏହି ବିଲ୍‌କୁ ସମର୍ଥନ କରିଥିଲେ। ସମଗ୍ର ବିଶ୍ୱ କରୋନା ବିରୋଧରେ ଲଢ଼େଇ ଜାରି ରଖିଥିବା ବେଳେ ସାମାଜିକ ଦୂରତା ପାଳନ ଏବଂ କୋଭିଡ କଟକଣାକୁ ମାନିବା ଛଡ଼ା ଆମ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ମାତ୍ର କିଛି ଲୋକ କୋଭିଡ ନିୟମକୁ ମାନୁନାହାନ୍ତି। ତେଣୁ ଏପରି ଆଇନରକ ଆବଶ୍ୟକତା ରହିଥିବା ନେଇ ସେ ମତବ୍ୟକ୍ତ କରିଥିଲେ। ଅମର ପ୍ରସାଦ ଶତପଥି କହିଥିଲେ ଯେ ପରିବର୍ତ୍ତିତ ପରିସ୍ଥିତିରେ ୧୮୯୭ ମସିହାର ଏହି ଆଇନରେ ସଂଶୋଧନର ଆବଶ୍ୟକତା ରହିଛି। ସଂକ୍ରମଣ ଦିନକୁ ଦିନ ବଢୁଛି। ଟିକା ଏପର୍ଯ୍ୟନ୍ତ ଆସିପାରିଲା ନାହିଁ। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ଆଇନ ପ୍ରଯୁଜ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଶାସକ ଦଳ ବିଧାୟକ ଅଶ୍ୱିନୀ କୁମାର ପାତ୍ର ମଧ୍ୟ ଆଇନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଆଲୋଚନାର ଉତ୍ତର ରଖି ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ଯେ ବିରୋଧୀଙ୍କ ଅଭିଯୋଗ ଓ ଆଶଙ୍କା ଅମୂଳକ। ବିଲ୍‌ଟିର ଉଦ୍ଦେଶ୍ୟ ମହତ ଏବଂ ଜନହିତକାରୀ। ମନ୍ତ୍ରୀଙ୍କ ଉତ୍ତର ପରେ ବିଲ୍‌ଟି ବାଚନିକ ଭୋଟରେ ଗୃହରେ ଅନୁମୋଦନ ଲାଭ କରିଥିଲା।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ - ୧୧ ଅକ୍ଟୋବର, ୨୦୨୦

# ଜୀବ ବଞ୍ଚିଲେ ଜଗତ ବଞ୍ଚିବ



ସମ୍ପାଦକୀୟ

ତାରକ ମହାନ୍ତି

ଜନମାନସରେ ଘୁରି ବୁଲୁଥିବା ଅନେକ କଥା ଓ କାହାଣୀର ସତ୍ୟତାକୁ ଅନେକ ପରଖିପାରିନଥାନ୍ତି । ହୁଏତ ଏଭଳି କିଛି ଘଟଣା ଘଟିଚାଲିଥାଏ ବା ଘଟିବାକୁ ଯାଉଥାଏ ଯାହା ମହାପୁରୁଷ ମାନେ ବହୁ ଆଗରୁ ଏହାକୁ ଲେଖିଯାଇଥିବା ଜଣାପଡେ । ମହାମାରୀ କରୋନା ହେଉ କି ତୃତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଏଭଳି କିଛି ଚର୍ଚ୍ଚା ମନକୁ ଆନ୍ଦୋଳିତ କରୁଥିଲା ବେଳେ କେହି କେହି ଏକଥାକୁ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି । ତେବେ କଥାଟି ହେଉଛି ପ୍ରକୃତି ଦ୍ୱାରା ମଣିଷ ନିୟନ୍ତ୍ରିତ ହେଉଥିଲା ବେଳେ ପ୍ରକୃତିକୁ ନିୟନ୍ତ୍ରଣ କରିବାକୁ ଯାଇ ମଣିଷ ଅନେକ କିଛି ନୂତନ ଉଦ୍ଭାବନ କରିଚାଲିଛି । ନଦୀବନ୍ଧ ହେଉ କି ଉପଗ୍ରହ ସୃଷ୍ଟିକରି ମଣିଷ ନିଜ ବିଜ୍ଞାନୀ ବୁଦ୍ଧିର ପରାକାଷ୍ଠା ଦେଖାଇ ଚାଲିଥିବା ବେଳେ ଅନେକ ନୂତନ ସମ୍ଭାବନାର ଦିଗକୁ ନେଇ କେବେ କେବେ ସନ୍ଦିହାନ ହେବାକୁ ପଡେ । ହେଲେ ପ୍ରକୃତି ଦେଇଥିବା ବୃକ୍ଷ, ଜଳ ଓ ବାୟୁ ଜରିଆରେ ଆମେ କ୍ଷୁଦ୍ର ଜଙ୍ଗଲଟିଏ ସୃଷ୍ଟି କରିବାକୁ ସକ୍ଷମ ହେଲେ ବି ଏହାର ମୂଳ ଦାନ ସେଇ ପ୍ରକୃତି ହିଁ ଦେଇଛି ବୋଲି ସ୍ୱୀକାର କରିବାକୁ ପଡିବ । ସମ୍ପୂର୍ଣ୍ଣ ଜୀବଜଗତ, ନଦନଦୀ, ପାହାଡ ପର୍ବତ ସବୁ ହେଉଛି ପ୍ରକୃତିର ଦାନ । ଏହାକୁ ଈଶ୍ୱର ଓ ପ୍ରକୃତି ଆମକୁ ଦୟାରେ ଦେଇଛନ୍ତି ବୋଲି ଆମେ ଜୀବନ ନିର୍ବାହ କରିଚାଲିଛେ । ହେଲେ ଏହି କଥାଟିକୁ ସ୍ୱୀକାର କରିବା ବଦଳରେ ନିଜ ନିୟନ୍ତ୍ରଣକୁ ନେବାର ଅପଚେଷ୍ଟା କରିବା ଫଳରେ ବହୁ ଅକଥନୀୟ ଅସୁବିଧା ଉପୁଜୁଛି । ଏହାର କୁଫଳ ଭୋଗିଚାଲିଥିଲେ ବି ଅଧିକାଂଶ ମଣିଷ ଏହାକୁ ନେଇ କେବେ ଚିନ୍ତିତ ଥିବା ଜଣାପଡୁନାହାନ୍ତି । ବରଂ ନିଜସ୍ୱ କାର୍ଯ୍ୟ ଓ ଅହଂକାର ସର୍ବଶ୍ରେଷ୍ଠ ବୋଲି ପ୍ରମାଣ କରିବାକୁ ଯାଇ ଅହରହ ଧ୍ୱଂସର ମାର୍ଗ ସ୍ଥିରୀକୃତ କରିଚାଲିବା ଦ୍ୱାରା ମାନବ ସମାଜ କ୍ଷତି ସହିବାକୁ ବାଧ୍ୟ ହେଉଛି । ଅତ୍ୟନ୍ତ ବିପଦଜନକ ଭାବେ ବିଜ୍ଞାନୀ ବୁଦ୍ଧିର ସହାୟତା ନେଇ ମଣିଷ ଯାହା ନିର୍ମାଣ କରୁଛି ସେଥିରେ ପ୍ରକୃତିର କେତେ ଲାଭ ହେବ, ଏଭଳି ଭାବନା ପରିଲକ୍ଷିତ ହେଉନାହିଁ । ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରି ନିଜେ କିଭଳି ଅଧିକ ପାରଙ୍ଗମ, ଦକ୍ଷ ଓ ବିକଶିତ ଦେଖେଇହେବା ଗୁଣ ଯୋଗୁଁ ଯେଉଁ ଆଶଙ୍କା ସୃଷ୍ଟି ହେଉଛି ତାହା ନିଶ୍ଚୟ କ୍ଷତିକାରକ । ତେବେ ସମସ୍ତେ ଏବେ ଏହି ଭାବନାରେ ରହୁଛନ୍ତି ଯେ, ଆମେ ବା ମୁଁ ଶ୍ରେଷ୍ଠ ଓ ମୋ ଦୟାରେ ସଂସାର ଚାଲିଛି । ଏଠାରେ କହିରଖେ ଯେ, ସଂସାର କେବେ କାହା ଦୟାରେ ଚାଲେନାହିଁ ବରଂ ସଂସାର ଦୟାରେ ସଭିଏଁ । ଅନେକବର୍ଷ ତଳେ ଜଣେ ବନ୍ଧୁଙ୍କ ଠାରୁ ଶୁଣିଥିବା କାହାଣୀଟିଏ ଏଠାରେ ଉପସ୍ଥାପିତ କରୁଛି । ରାଜା ରାଜୁଡା ସମୟର ଏହି କାହାଣୀଟିରେ ସଂସାରର ଅନେକ ଗୂଢ଼ ଓ ବାସ୍ତବ ତଥ୍ୟ ଲୁଚିରହିଛି । କାହାଣୀଟି ଏହିପରି - ଗୋଟେ ରାଜ୍ୟରେ ଜଣେ ଦରିଦ୍ର ବ୍ୟକ୍ତି ରାଜାଙ୍କ ନିକଟରେ ପହଞ୍ଚି ନିଜ ଦାରିଦ୍ର୍ୟତା ଓ ଅସୁବିଧା ସମ୍ପର୍କରେ କହିବା ସହ ରାଜାଙ୍କୁ କହିଲେ ଯେ, ମହାରାଜ ! ଦୀର୍ଘବର୍ଷ ହେବ ମୁଁ ତଥା ମୋ ପରିବାର ଅନେକ ଦୁଃଖ କଷ୍ଟରେ କାଳାତିପାତ କରୁଛୁ । ଯେତେ ଯାହା ଉପାୟ କଲେ ମଧ୍ୟ ପରିବାରର ଉନ୍ନତି ଘଟୁନାହିଁ । ତେଣୁ ଆପଣ ଜଣେ ପ୍ରଜାବତ୍ସଳ ରାଜା । ତେଣୁ ମୋତେ କିଛି ଦୟା କଲେ ଅନ୍ତତଃ କିଛିକାଳ ମୋ ପରିବାର ଭଲରେ ଚଳି ପାରନ୍ତା । ଦରିଦ୍ର ବ୍ୟକ୍ତି ମୁହଁରୁ ସବୁକଥା ମନ ଦେଇ ଶୁଣିବା ପରେ ରାଜା ପଚାରିଲେ ଆଉକିଛି କହିବ ? ଦରିଦ୍ର ବ୍ୟକ୍ତି ମନାକଲେ, କହିଲେ ନାହିଁ ମଣିମା । ଯେତିକି କହିବା ପାଇଁ ଏତେଦୂର ଆସିଥିଲି ସେତିକି ହିଁ ଥିଲା ମୋର ନିବେଦନ ।

ଏହାପରେ ସିଂହାସନରେ ଆସୀନ ରାଜା କିଛିକ୍ଷଣ ନିରବ ରହି ବକ୍ତବ୍ୟ ଆରମ୍ଭ କଲେ । କହିଲେ ଆଗନ୍ତୁକ ! ଏ ସଂସାରରେ କେହି କାହାକୁ ଦୟା କରୁନାହାନ୍ତି । କାରଣ ମୁଁ ମଧ୍ୟ ଅନ୍ୟର ଦୟାରେ ବଞ୍ଚିଛି । କାରଣ ଆମେ ଯେଉଁ ଶରୀର ଧାରଣ କରିଛେ ତାହା ଅନ୍ୟର ଦୟାରେ ଆମକୁ ମିଳିଛି । ଜଳ, ବାୟୁ, ଅଗ୍ନି, ନିଶ୍ୱାସ ନେବା ମଧ୍ୟ ଅନ୍ୟର ଦୟାରେ ମିଳୁଛି । ସିଂହାସନ ମଧ୍ୟ ପୂର୍ବପୁରୁଷଙ୍କ ଦୟା, କ୍ଷମତାରେ ରହିବା ଲୋକଙ୍କ ଦୟାରୁ ସମ୍ଭବ ହୋଇଛି । ଖାଦ୍ୟ, ବସ୍ତ୍ର ସବୁକିଛି ପାଇଁ ଅନ୍ୟର ଦୟାକୁ ଅପେକ୍ଷା କରିବାକୁ ହେଉଛି । ତେଣୁ ମୁଁ କିପରି ତୁମକୁ ଦୟା କରିପାରିବି ! ଏତିକି ହୋଇପାରିବ ମୋ ପାଖରେ ଈଶ୍ୱରଙ୍କ ଦୟାରୁ ମିଳିଥିବା ଭୂସମ୍ପତ୍ତି ବା ଗଚ୍ଛିତ ଧନରୁ କିଛିମାତ୍ର ସାହାଯ୍ୟ ଆକାରରେ ଦେଇପାରିବି । ଏହା ତୁମ୍ଭପ୍ରତି ମୋର ଦୟା କହିପାରିବି ନାହିଁ । କାରଣ ମୋ ରାଜ୍ୟରେ ତୁମ ଭଳି ଦରିଦ୍ର ଲୋକ ଥିବା ବିଷୟ ପ୍ରତି ମୋର ଜ୍ଞାନ ନହେବା ହେତୁ ମୁଁ ଏବେ ଦୁଃଖ ଅନୁଭବ କରୁଛି । ପ୍ରଜାଙ୍କ ମଙ୍ଗଳ ବିଧାନ କରିନପାରିଲେ ମୋତେ କିଏ ଓ କାହିଁକି ଜଣେ ପ୍ରଜାବତ୍ସଳ ରାଜା ବୋଲି କହିବ । ଯାହାହେଉ ତୁମ ଦୟାରୁ ମୋତେ ଏଭଳି ଅନୁଭବ ମିଳିଥିବାରୁ ମୁଁ ତୁମ ନିକଟରେ କୃତଜ୍ଞ । ତେଣୁ ଭଲ ଭାବେ ବିଚାର କଲେ ଘଟଣାଟିର ଗୁରୁତ୍ୱକୁ ସହଜରେ ଉପଲବ୍ଧି କରିହେବ । ଦୁନିଆରେ କେହି କାହାରିକୁ ଦୟା କରୁନାହାନ୍ତି । ସାହାଯ୍ୟ, ସହଯୋଗ କରିବା ମଣିଷର ବ୍ୟକ୍ତିତ୍ୱ ଆଧାରରେ ହୋଇଥାଏ । ଯିଏ ଯେତେ ବଳଶାଳୀ, ବିତ୍ତଶାଳୀ ହୋଇଥିଲେ ବି ଏହା ପଛରେ ପ୍ରକୃତି ଓ ଈଶ୍ୱରଙ୍କ ଦୟା ହିଁ ଥାଏ । ଅଭ୍ୟାସ ବଶତଃ ହେଉ କି ଅହଂକାର ବଶତଃ ମଣିଷ ନିଜକୁ ଶ୍ରେଷ୍ଠ ଦାନୀ ଭାବେ ବିଚାର କରିଚାଲିଛି । ଏଥିରେ ଈଶ୍ୱରଙ୍କ ଦୟା ପ୍ରତିଫଳିତ ହେଉବୋଲି ହୁଏତ କେହି ଚାହୁଁନାହାନ୍ତି । ନଚେତ ଯେଉଁ ଦାନ ପ୍ରକୃତି ଓ ଈଶ୍ୱର ଦେଇଛନ୍ତି ସେଥିପାଇଁ ଆମେ କୃତଜ୍ଞ ହେବା ବଦଳରେ ସବୁକିଛି ନିଜ ନିୟନ୍ତ୍ରଣରେ ରହିଥିବା କହୁଛେ । ଗାଁ ଠାରୁ ଆରମ୍ଭ କରି ରାଜ୍ୟ, ଦେଶ ଓ ବିଶ୍ୱ ସବୁଠାରେ ଦାୟିତ୍ୱ ନିର୍ବାହ ବା କର୍ତ୍ତବ୍ୟ ପାଳନ କରିବାକୁ କିଛି ବ୍ୟକ୍ତିଙ୍କୁ ସୁଯୋଗ ମିଳିଥାଏ । ହେଲେ ସମ୍ପୃକ୍ତ ବ୍ୟକ୍ତି ଯେତେବେଳେ ନିଜକୁ ପ୍ରତ୍ୟେକ ଜିନିଷର ମାଲିକ ଭାବେ ଭାବିବସନ୍ତି ବା ସେମାନଙ୍କ କାର୍ଯ୍ୟକଳାପରେ ସେଭଳି କିଛି ଦେଖିବାକୁ ମିଳେ ଏହାପରେ ବିଶୃଙ୍ଖଳା ଦେଖାଦିଏ । ଯାହାର ପରିଣତି କ୍ଷମତା ପରିବର୍ତ୍ତନ କିମ୍ବା ବିଦ୍ରୋହ ହୋଇପାରେ । ତେଣୁ କ୍ଷମତାସୀନ ବ୍ୟକ୍ତି ଲୋକଙ୍କ ସେବା କରିବାର ଯେଉଁ ସୁଯୋଗ ଟିକେ ପାଇଛନ୍ତି ତାହାର ସଦବ୍ୟବହାର କରିବା ଉଚିତ । ଅତ୍ୟନ୍ତ ଅବିଶ୍ୱସନୀୟ ଭାବେ ଜୀବନରେ ଏଭଳିକିଛି କରିବା ଉଚିତ ନୁହେଁ ଯାହା ସମାଜବିରୋଧୀ ବା ମଣିଷ ବିରୋଧୀ ବୋଲି କୁହାଯାଇପାରିବ । ଯଦିଓ ଆଜିକାଲିର ମଣିଷ ସ୍ୱାର୍ଥସର୍ବସ୍ୱ ହୋଇପଡୁଛି ତଥାପି ନିଜ କାର୍ଯ୍ୟଧାରାରେ ସଂସ୍କାର ରଖି କାର୍ଯ୍ୟ କଲେ ଅପଯଶରୁ ମୁକ୍ତି ମିଳେ । କିନ୍ତୁ କ୍ଷମତାରେ ଅନ୍ଧ ହୋଇ ଅନ୍ୟକୁ ଶୋଷଣ କରିଚାଲିଲେ ପରିସ୍ଥିତି ବିଷମ ହୋଇ କ୍ଷମତାର ପତନ ଘଟେ । ସମ୍ପ୍ରତି ଚୀନ ବିରୋଧରେ ଅଭିଯୋଗ ହେଉଛି ଯେ ଏହି ଦେଶ ମାନବ ସଭ୍ୟତାର ବିଲୋପ ପାଇଁ ଭାଇରସ ସୃଷ୍ଟି କରିଛି । ତେବେ ଯଦି ଏହି ଅଭିଯୋଗ ସତ୍ୟ ହୁଏ ଏହା କ୍ଷମତାର ଅପବ୍ୟବହାର ଦ୍ୱାରା ସୃଷ୍ଟି ବୋଲି କୁହାଯିବ । ଜଗତର ମଙ୍ଗଳ କାମନା କରିବା ବିଶ୍ୱ ତଥା ରାଷ୍ଟ୍ର ନେତୃଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । ହେଲେ ଯେଉଁମାନେ ଏକଛତ୍ର ଭାବେ ନିଜର ପରାକ୍ରମ ଦେଖାଇବାକୁ ଯାଇ ଅନ୍ୟର ବିନାଶ ଚିନ୍ତା କରୁଛନ୍ତି ସେମାନେ ସଭ୍ୟତା ଓ ମାନବ ସମାଜର ଶତ୍ରୁ । ତେଣୁ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଈଶ୍ୱର ଓ ପ୍ରକୃତି ରହିଛି । ମହାମାରୀ କରୋନା କାଳରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟକୁ ସାହାଯ୍ୟ, ସହଯୋଗ କରିବାକୁ ପ୍ରାଥମିକତା ଦେବା ନିତାନ୍ତ ଆବଶ୍ୟକ !

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବୈବାହିକ ଜୀବନ ଓ ମାନବିକ ମୂଲ୍ୟବୋଧତା

**ପଙ୍କଜ କୁମାର ପାଣିଗ୍ରାହୀ**

ସାମାଜିକ ମାନ୍ୟତା ସହିତ ମସ୍ତିଷ୍କର ପରିପକ୍ୱତା ବୃଦ୍ଧି ହୋଇଥାଏ ବିବାହ ପରେ ! କୃତ, ଅକୃତର ନିର୍ଣ୍ଣାୟକ ନିଷ୍ପତ୍ତି ନେବା କ୍ଷମତା ବୃଦ୍ଧି ପାଇଥାଏ ବିବାହ ପରେ ! ଆଜି କିନ୍ତୁ ଆଉ ଦେଖିବାକୁ ମିଳୁନାହିଁ, କାରଣର ଉତ୍ତର କ'ଣ..... ?

ପ୍ରାଚୀନ ସମୟରୁ ଆଜିକୁ ପ୍ରାୟ ୪୦/୫୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ଦେଶରେ ବିବାହର ଯେଉଁ ପରମ୍ପରା ଦେଖିବାକୁ ମିଳୁଥିଲା ଆଜି ସମୟରେ ସେଇଥିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯାହା କୌଣସି ସମୟ ସ୍ରୋତର ଏକ ପ୍ରଭାବ । ସେସମୟରେ ସାଧାରଣତଃ ପୁଅ, ଝିଅଙ୍କ ଯୌବନର ଉନ୍ମାଦନାର ପ୍ରାରଂଭିକ ସମୟରେ ବିବାହ କରିଦିଆଯାଉଥିଲା ଯେଉଁଥିପାଇଁ କୌଣସି ବୟସର ସମୟ ସୀମା ଧାର୍ଯ୍ୟ ନଥିଲା । ଉପଯୁକ୍ତ ସମୟରେ ଶରୀରର ପ୍ରାକୃତିକ ପରିବର୍ତ୍ତନକୁ ଚରିତାର୍ଥ କରାଯିବାରେ ସେମାନଙ୍କ ମାନସିକ ସନ୍ତୁଳନ ଏବଂ ପରିବର୍ତ୍ତନ ଏକ ଭିନ୍ନ ଦିଗରେ ଗତି କରୁଥିଲା ଯାହା ସେମାନଙ୍କ ମଣିଷ ପଣିଆକୁ ଏକ ନୂତନ ଦିଗନ୍ତଗାମୀ କରିବାରେ ଯଥେଷ୍ଟ ସହଯୋଗ ହେଉଥିଲା । ଉପଯୁକ୍ତ ସମୟରେ ବିବାହ କରିବା ପରେ ମଣିଷର ଶାରୀରିକ ଓ ମାନସିକ ସ୍ତରରେ ଅ-ତୁପୂର୍ବ ପରିବର୍ତ୍ତନ ଆସିଥାଏ ଯାହା ସେମାନଙ୍କ ଜୀବନ ଶୈଳୀ, ମାନବିକ ମୂଲ୍ୟବୋଧ ତଥା ସାମାଜିକ କର୍ତ୍ତବ୍ୟବୋଧତା ଉପରେ ଏକ ଗଭୀର ପ୍ରଭାବ ପକାଇଥାଏ । ସେସମୟର ଦାମ୍ପତ୍ୟ ଜୀବନଶୈଳୀର କେତେକ ଅଭାବନୀୟ ପରିସ୍ଥିତି ଗୁଡିକୁ ଆଜିସମୟ ସହିତ ତୁଳନା କରି ତାତ୍ପର୍ଯ୍ୟ କରାଯିବା କେତେ ଯୁକ୍ତିଯୁକ୍ତ ନିର୍ଭର କରେ ବ୍ୟକ୍ତିଗତ ବିଚାରଧାରା ଉପରେ । କି'ନ୍ତୁ ସେତେବେଳର ବିବାହିତଙ୍କ ମାନବିକ ମୂଲ୍ୟବୋଧ ଏବଂ ସାମାଜିକ କର୍ତ୍ତବ୍ୟବୋଧତା ବର୍ତ୍ତମାନ ସମୟରେ ଆଉ ଦେଖିବାକୁ ମିଳୁନାହିଁ ! ଅଧିକନ୍ତୁ ବିବାହ କେବଳ ଶାରୀରିକ ପରିବର୍ତ୍ତନ ଛଡା ମାନସିକ ପରିବର୍ତ୍ତନରେ ଆଦୌ ସାହାଯ୍ୟ କରୁନଥିବା ଏକ ଅଲୌକିକ ବିଷୟ ଯାହା ସାଧାରଣ ଲୋକଙ୍କ ଜ୍ଞାନ / ଭାବ ବହିର୍ଭୂତ !

ବର୍ତ୍ତମାନ ଭାରତୀୟ ସଂସ୍କୃତି ଏବଂ ପାଶ୍ଚାତ୍ୟ ସଭ୍ୟତାର ମିଳନରେ ଏମିତି ଏକ ଭୟାବହ ସାମାଜିକ ସ୍ଥିତି ଦେଖିବାକୁ ମିଳୁଛି ଆମ ଦେଶରେ ଯାହା ତର୍ଜମା କରିବା ଏକ ଜଟିଳ ବିଷୟ ! ଭାରତୀୟ ସଂସ୍କୃତିର କର୍ପୁର ଉଡିଯାଇ କନା ପଡିରହିଥିବାବେଳେ ସେଇଥିରେ ପାଶ୍ଚାତ୍ୟର କିରୋସିନି ମିଶା ଅତର ଭିନ୍ନ ଏକ ଗନ୍ଧ ଦେଉଛି ଯାହା ସାଧାରଣ ଲୋକଙ୍କ ମାନସିକ ଉତ୍ତେଜନାକୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଟାଣିନେଇ ପୁଣି ପୃଥିବୀ ପୃଷ୍ଠାରେ କଚାଡୁଛି ପ୍ରତି ମୁହୂର୍ତ୍ତରେ ! ଭଲ ମନ୍ଦର ବିଚାରଧାରା କେବଳ ରାବଣର ହୁଙ୍କାର ନାଦ ସ୍ୱରରେ ପ୍ରକାଶ କରାଯାଉଅଛି ! ସମସ୍ତଙ୍କ ଜ୍ଞାନର ସୀମାରେଖା ନଭଶ୍ଚୁମ୍ବୀ ଭଳି ଅନୁଭୂତ ହେଉଛି ! କିନ୍ତୁ ନିଜ ଦୈନନ୍ଦିନ ଜୀବନ ଶୈଳୀରେ ପ୍ରାତଃରୁ ରାତ୍ର ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡୁଛି କାହାର ମନ୍ତବ୍ୟ ଉପରେ ! କହିବାକୁ ଗଲେ ଦୃଷ୍ଟିକୋଣ ପ୍ରଖର ହୋଇପଡିଥିବା ବେଳେ ବ୍ୟକ୍ତିଗତ ଅନୁଭୂତି, ମାନବିକ ମୂଲ୍ୟବୋଧ ଶୂନ୍ୟ ମଣିଷ କେବଳ ଅହଂକାର ବ୍ୟତୀତ କେତେକ ରଙ୍ଗୀନ କାଗଜ (ଟଙ୍କା) ପଛରେ ପଡି ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଜଂଜାଳ ଗ୍ରସ୍ତ କରି କାହାପାଖରେ ଜଳାଞ୍ଜଳି ଦେଇ ଦୁର୍ଲଭ ମଣିଷ ଜୀବନକୁ ପଶୁ ସଦୃଶ୍ୟ ପାଳନ କରିବାରେ ତିଳେହେଲେ ଦ୍ୱିଧା ଅନୁଭବ କରୁନାହାନ୍ତି !

ଭାରତୀୟ ସାଂସ୍କୃତିକ ବିବାହ ବନ୍ଧନ ଆଉ ହେଉନାହିଁ । କେବଳ ଶାରୀରିକ ସମ୍ପର୍କ ବନ୍ଧନ ହେଉଛି ଯାହାର ସ୍ୱାଦ ସରିଗଲେ ନୂତନର ଅନୁସନ୍ଧାନ କରିବାରେ ନିମଗ୍ନ ପ୍ରାୟ ସବୁ ମଣିଷ ଦେଖିବାକୁ ମିଳୁଛନ୍ତି ଆଜିର ଯୁବ ପିଢ଼ି । ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ସମାଜକୁ ଦେଖାଣିଆ ଭାବେ ସମ୍ପାଦନ କରାଗଲେ ମଧ୍ୟ ପାଶ୍ଚାତ୍ୟ ଢାଞ୍ଚାରେ ପୁଣି ଅଦାଲତରେ ପଂଜିକୃତ ବିବାହ କରାଯାଉଅଛି ଯେଉଁଥିରେ ପୁରୁଣାକୁ ତ୍ୟାଗକରି ନୂତନର ଆଗମନ ବ୍ୟବସ୍ଥା ରହିଥାଏ ! ଏହିସବୁ ବ୍ୟବସ୍ଥା ଯୁବ ପିଢିଙ୍କୁ ଏକ ନୂତନ ମାର୍ଗରେ ପରିଚାଳିତ କରୁଥିବା ଦେଖିବାକୁ ମିଳୁଛି । ନିଜସ୍ୱ ବ୍ୟକ୍ତିଗତ ସମ୍ମାନ, ପାରିବାରିକ ମର୍ଯ୍ୟାଦା, ସାମାଜିକ, ଜାତିଗତ ସଂସ୍କାରର କିଛି ମହତ୍ୱ ବୁଝିବା କ୍ଷମତା ବହିର୍ଭୂତ ମଣିଷ ଆଜି ସମଗ୍ର ମଣିଷ ସମାଜ ଆଗରେ ନିଜର ମଣିଷତ୍ୱକୁ ଜଳାଞ୍ଜଳି ଦେଇ ନିଜର କାମନାର ଚରିତାର୍ଥ କରିବା ସହିତ ପାରିବାରିକ ମର୍ଯ୍ୟାଦାକୁ ରସାତଳଗାମୀ କରିବାରେ ଆଦୌ ପଛଘୁଞ୍ଚା ଦେଉନାହାନ୍ତି । କୌଣସିମତେ କିଛି ସାମାଜିକ ସମ୍ବେଦନଶୀଳତା ବଜାରରୁ କିଣି ସ୍ୱଇଚ୍ଛାରେ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିପାରୁଥିବା ମଣିଷ ନିଜର ପାରିବାପାଣିଆ ଦେଖାଇବାକୁ ଯାଇ ବାସ୍ତବିକ ସମସ୍ତଙ୍କ ହୃଦୟର ଘୃଣାର ପାତ୍ର ହେଉଥିଲେ ମଧ୍ୟ ଅଲାଜୁକ ମୁହଁ ବହଳିଆ ଭଳି କୌଣସି ଲଜ୍ଜା ସରମ ଲାଗୁନାହିଁ ସେମାନଙ୍କୁ ! କାରଣ ସେମାନଙ୍କ ପୂର୍ବଜଙ୍କ ଜିନଗତ ଚରିତ୍ରର ଚରିତାର୍ଥ, ନା ସେମାନଙ୍କୁ କୌଣସି ପ୍ରଭାବ ପକାଉଛି କି ସେମାନଙ୍କ ପରିବାର ବନ୍ଧୁ ଜନଙ୍କୁ କିଛି ପ୍ରଭାବ ପକାଉଛି ! ତେଣୁ କାହାର କୌଣସି ଆପତ୍ତି ନଥିବା ହେତୁ ଆଜିକାଲି ଆଶାତୀତ ଛାଡ଼ପତ୍ର ତଥା ବିବାହ ଖଣ୍ଡନ ଶପଥ ପାଠ ସହିତ ବୈବାହିକ ଜୀବନର ଅନେକ ସମସ୍ୟ ନେଇ ମାନ୍ୟବର ଅଦାଲତଙ୍କ ଅଭିଯୋଗ ପୁସ୍ତକ ଉଛୁଳିବାରେ ଲାଗିଛି ! ନିଲଜ୍ଜଙ୍କୁ କହି ଶୁଣାଇ ଯଦି ବଦଳାଇ ଯାଇପାରିଥା'ନ୍ତା ତାହେଲେ ସେମାନେ ପ୍ରଥମରୁହିଁ ଏମିତି କାର୍ଯ୍ୟ କରିନଥା'ନ୍ତେ !

ବିବାହ ବନ୍ଧନ ନାରୀ-ପୁରୁଷର ଏକ ଆନ୍ତରିକ ମିଳନ ଯାହା ଜୀବନ ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବା ଥିଲା ଭାରତୀୟ ସଂସ୍କୃତିର ମୂଳ ମନ୍ତ୍ର । ସେହି ପବିତ୍ର ବନ୍ଧନରେ ଥରେ ବନ୍ଧା ହେବାପରେ ଦୁଇଟି ଅପରିଚିତ ହୃଦୟ ରକ୍ତସମ୍ପର୍କ ଭଳି ପ୍ରେମମୟ କରିଦେଉଥିଲା ସେସମୟରେ । ଆଜି କେବଳ ନିଜର କାମନାର ଚରିତାର୍ଥ କରିବା ଉଦେଶ୍ୟରେ ବିବାହ କରୁଥିବା ମଣିଷ ବାସ୍ତବିକ ପ୍ରେମ କ'ଣ ବୁଝିବା ଅସମର୍ଥ ସେହି ଯାନ୍ତ୍ରିକ ମଣିଷଙ୍କ ଠାରୁ ଅଧିକା କିଛି ଆଶା କରାଯାଇ ନପାରେ । ତେଣୁ ଆସନ୍ତା ସମୟରେ ପ୍ରାୟତଃ ଏହି ରୋଗ ସମସ୍ତ ପରିବାରକୁ ସଂକ୍ରମଣ କରିବ ଯାହା କୌଣସି ମାସ୍କ କିମ୍ବା ସାନିଟାଇଜର ଦ୍ୱାରା ପ୍ରତିରୋଧ କରିବା ସ'ବ ହେବନାହିଁ ! ତେଣୁ ବେଳ ଥାଉ ବାଳ ବାନ୍ଧି ନିଜ ସନ୍ତାନ ମାନଙ୍କୁ ଉପଯୁକ୍ତ ସଂସ୍କାର ଶିକ୍ଷା ନଦେଲେ ଉତ୍ତମ ସାମାଜିକ ମର୍ଯ୍ୟାଦା ଥିବା ପରିବାର ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ କରିବାରେ କାହାର ସହଭାଗିତା ରହିବା ଆଶା କରାଯିବା ନିରର୍ଥକ । ଆମର ଲକ୍ଷ ଏକ ସଂସ୍କାରୀ ସମାଜ ! ଆପଣ ମାନଙ୍କ ସହମତି ଥିଲେ ଆମକୁ ସହଯୋଗର ହାତ ବଢ଼ାଇ ଏକ ନବନିର୍ମିତ ସଂସ୍କୃତ ଭାରତ ସୃଷ୍ଟି କରିବାରେ ଆଗେଇ ଆସିବାକୁ ଅନୁରୋଧ ପୂର୍ବକ ଆପଣ ମାନଙ୍କ ମତାମତ କିମ୍ବା ଜିଜ୍ଞାସା ଅପେକ୍ଷାରେ... ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*

# ଗୁରୁ ଓ ଭାଇ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ମର୍କଟ ମୂର୍ତ୍ତି ଗୁରୁ ଜଣେ କାନବନ୍ଦ କରିଛି, ଜଣେ ଆଖି ବନ୍ଦ କରିଛି, ଜଣେ ପାଟି ବନ୍ଦ କରିଛି । କାନବନ୍ଦକାରୀ ଦର୍ଶାଏ ଗୁଜବ ପ୍ରତି କାନ ଦିଅନ୍ତୁ ନାହିଁ, ଆଖି ବନ୍ଦକାରୀ ଦର୍ଶାଏ ଗୁଜବ ପ୍ରତି ନଜର କରନାହିଁ ଆଉ ପାଟି ବନ୍ଦକାରୀ ଦର୍ଶାଏ ଗୁଜବ ପ୍ରଚାର କରନାହିଁ । ଏହି ନୀରବ ତିନିଟି ଜୀବ ଅନେକ ଇଙ୍ଗିତ ଏପରି ଦେଇଥାନ୍ତି । ଅନ୍ତରରେ ଉଠୁଥିବା ବହୁ ପ୍ରଶ୍ନର ତହିଁରେ ନୀରବ ଉତ୍ତର ଭରିରହିଛି । ପ୍ରକୃତରେ ଏଇ ଗୁଜବ ଅତି ଭୟାନକ ରୂପ ନେଇପାରେ । ୧୯୬୨ ମସିହା ଭାରତକୁ ଚୀନ ଆକ୍ରମଣ କରୁଥାଏ । ଏଇ ସମୟରେ ଗୁଜବ ପ୍ରଚାର ରୋକିବାକୁ ସରକାରୀ ପ୍ରୟାସ ଆରମ୍ଭ ରାସ୍ତାଘାଟ, ବୃକ୍ଷ, କାନ୍ଥବାଡ଼ ସବୁ ଆଡ଼େ ଗୁଜବ ନ ଶୁଣିବା ପ୍ରଚାର ନକରିବାକୁ ପ୍ରାଚୀର ପତ୍ର ଲଗାଯାଉଥାଏ ଏପରି ଡାକବାଜୀ ଯନ୍ତ୍ରରେ ଗଳି କନ୍ଦିରେ ଏହାର ପ୍ରଚାର ହେଉନଥାଏ ।

ବର୍ତ୍ତମାନ ବେଳକୁ ସେ ବେଳ ବହୁ ଲୋକ ଅଶିକ୍ଷିତ ଓ ଜମିଦାରୀ ରାଜା ରାଜୁଡ଼ା ଶାସନରେ ମାତ୍ର କେଇ ବର୍ଷ ହେଲା ଶାସନ ମୁକ୍ତ ଥିଲେ ବି ସେ ସମୟରେ ଅର୍ଦ୍ଧଶିକ୍ଷିତ ସ୍ୱଳ୍ପ ଶିକ୍ଷିତ ମାନଙ୍କର ମହତ୍ୱ ରହିଥାଏ । ଲୋକେ କୌଣସି କଥା ଶୁଣି ତାଙ୍କ ପଚାରିଲେ ସେ ଏକ କିମ୍ଭୁତ କିମ୍ଭାକାର ବାଣୀ କହି ଦେଉଥିଲେ । ସେତେବେଳେ ଆମ ଦେଶରେ ସୈନ୍ୟବାହିନୀ ଏତେ ଆଧୁନିକ ଯୁଦ୍ଧଅସ୍ତ୍ରରେ ସବଳ ନଥିଲେ । ପାରମ୍ପରିକ ଅସ୍ତ୍ରରେ ଯୁଦ୍ଧ ଏକ ସୁଶିକ୍ଷିତ ବାହିନୀ ସହିତ କରିବା ଏକ ସମସ୍ୟା ଥାଏ । ଦେଶର ତତ୍କାଳ ସୈନ୍ୟବାହିନୀକୁ ବଳବାନ ପାଇଁ ଏନ୍‌ସିସି ପ୍ରଚଳନ କରାଗଲା । ଗ୍ରାମର ଅଶିକ୍ଷିତ ଅଜ୍ଞ ଲୋକଙ୍କୁ କୁହାଯିବା ଶୁଣା ଯାଉଛି ତୁମ ପିଲା ମାନଙ୍କୁ ଯୁଦ୍ଧକୁ ନେଇ ଯିବେ ସେମାନଙ୍କର ଅକାଳ ମୃତ୍ୟୁ ହୋଇଯିବ । ବାପା ମାଆ ଠାରୁ ପିଲାକୁ ଅଲଗା କରିବା ପାଇଁ ଏକ ଚାଟୁବାକ୍ୟ ପ୍ରଚାର ମାତ୍ର । ସେତେବେଳେ ସ୍କାଉଟ ବାଳପୁର ସଂଘ ଏସିସି ଥିଲା । ଏନ୍‌ସିସି ପାଇଁ ଉଦ୍ୟମ ଆରମ୍ଭ ହେଉଥାଏ । ବିଭିନ୍ନ ହାଇସ୍କୁଲ କଲେଜରେ ଏ ପାଇଁ ଛାତ୍ରଙ୍କ ମଧ୍ୟରୁ ପାର୍ଥୀ ସଂଗ୍ରହ ହେଉଥାଏ । ସ୍କୁଲରେ ବଛା ହେବା ପିଲା ସେହି ଏନ୍‌ସିସି ପୋଷାକ ପିନ୍ଧି ଘରକୁ ଗଲେ କିଛି ଲୋକଙ୍କ ଛାତ୍ରଦ୍ରୋହ ହେଉଥିଲା । ପିଲାର ମୁରବୀ ବାପା ମାଆଙ୍କୁ ଏକ ଗୁଜବ ଶୁଣିବାକୁ ପଡୁଥିଲା । ଆମ ଦେଶ କଥା ଛାଡ଼ ଆମ ରାଜ୍ୟ ଓଡ଼ିଆ ପାଇକ ଖଣ୍ଡାୟତଙ୍କ ରାଜ୍ୟ ରାଜାଙ୍କ ଠାରୁ ଦରମା ପାଇ ନୁହଁ ଜମିଚାଷ ପାଇଁ ପାଇ ବଂଶାନୁକ୍ରମିକ ରାଜାଙ୍କର ଦରବାର ଯୁଦ୍ଧ ବେଳେ ଲୋକଙ୍କୁ ଯିବାକୁ ହେଉଥିଲା । ଯୁଦ୍ଧପାଇଁ ତତ୍କାଳ ଲୋକେ ଟିକେ ଭୟ କରୁନଥିଲେ । ବୀରପୁତ୍ର ବୀର ସମ୍ମାନ ଓଡ଼ିଆମାନେ ୧୮ ଅକ୍ଷୌହିଣୀରେ ଦୁର୍ଯ୍ୟୋଧନ ପଟ ଓ ଯୁଧିଷ୍ଠିରଙ୍କ ପଟରେ ବିଭିନ୍ନ ଯୁଦ୍ଧ ଅସ୍ତ୍ର ହାତି ଘୋଡ଼ା ରଣପାରେ ଯାଇ ଲଢ଼ାଇ କରିଥିଲେ । ପ୍ରତି ସମୟରେ ବିଦେଶୀ ଲୁଣ୍ଠନକାରୀ ହଠାତ୍ ଆସି ଏ ଦେଶର ପ୍ରଜାଙ୍କୁ କଷ୍ଟ ଦେଉଥିଲେ । ଏଥିରୁ ରକ୍ଷା ପାଇଁ ସ୍ଥାନେ ସ୍ଥାନେ ଆଖଡ଼ା ଘର କରି କୁସ୍ତି ଯୁଦ୍ଧ ଅସ୍ତ୍ର ଚାଳନା ଶିକ୍ଷା ଦିଆଯାଉଥିଲା । ଅନେକ ଜାଗାରେ ଘର ଗଢ଼ି ଉଠିଥିଲା । ପୁରୀରେ ମଠ ମାନଙ୍କ ଉପରେ ମନ୍ଦିର ଉପରେ ବିଧର୍ମୀମାନେ ଲୁଟପାଟ କରୁଥିଲେ ଏ ପାଇଁ ଶ୍ରୀମନ୍ଦିର ପାଖରେ ଧର୍ମ, ଧର୍ମକ୍ଷେତ୍ର ରକ୍ଷା ପାଇଁ ଆଖଡ଼ା ଯାଗା ରହିଥିଲା । ତାର ସ୍ମୃତି ଯାଇନାହିଁ । ବଡ଼ ଆଖଡ଼ା ମଠ ବଡ଼ଛତା ମଠ ପରି ସ୍ଥାନର ଶଙ୍କୁ ରହିଛି । ବିଭିନ୍ନ ତୀର୍ଥ ସ୍ଥାନରେ କୁମ୍ଭମେଳାରେ ସାଗରତୀର୍ଥରେ ଅନେକ ପୁଣ୍ୟସ୍ଥାନ ପଡ଼େ ଏଥିରେ ବହୁ ସ୍ନାନାର୍ଥୀ ଭକ୍ତ ସମାବେଶ ହୁଅନ୍ତି । ଏଥିରେ ଲୋକଙ୍କ ମଧ୍ୟରେ ଧର୍ମ ବିଭେଦ ସୃଷ୍ଟି ପାଇଁ ବିଧର୍ମୀ ମାନେ ଚେଷ୍ଟା କରିପାରନ୍ତି ଏ ପାଇଁ ନାଗା ସନ୍ନ୍ୟାସୀ ଧର୍ମ ଧର୍ମକ୍ଷେତ୍ର ରକ୍ଷକ ସେନା ପରି ଏକ ବିଶେଷ ଗୋଷ୍ଠୀ ଏବେ ବି ସମ୍ପ୍ରଦାୟ ଭିତ୍ତିରେ ଅଛନ୍ତି । ସେମାନେ ବଂଶାନୁକ୍ରମିକ ନୁହଁନ୍ତି । ପିତାମାତାଙ୍କୁ ଧର୍ମ ରକ୍ଷକ ପାଇଁ କୌଣସି ଦିବ୍ୟ ଗୁରୁଙ୍କୁ ଚେଲା କରି ଦେଇଛନ୍ତି ।

ଭାଇ ତାଲିମ କେନ୍ଦ୍ର ନାହିଁ ହେଲେ ଭାଇ ପରି ଭାଇ ହନୁମାନ, ସେ ସୀତାଙ୍କ ସନ୍ଧାନ କେତେ କଷ୍ଟରେ କରିନାହାନ୍ତି । ଲକ୍ଷ୍ମଣଙ୍କ ପ୍ରାଣ ରକ୍ଷା ପାଇଁ କି ଅପୂର୍ବ ତ୍ୟାଗ କରିନାହାଁନ୍ତି । ଏପରି ଭାଇ ପ୍ରକୃତରେ ସର୍ବତ୍ର ଦରକାର ସବୁବେଳେ ଦରକାର । ରାକ୍ଷୀ ହାତରେ ବାନ୍ଧିବା ପାଇଁ ଲାଳାୟିତ ନହୋଇ ରାକ୍ଷୀର ମୂଲ୍ୟ ରଖିବାକୁ କେହି ଚେଷ୍ଟା କରୁନାହାଁନ୍ତି । ଯମ-ଯମୀଙ୍କ କାହାଣୀ ଭାଇ ଟୋପା ଦିନରେ ଲାଗୁଛି । ଯମପରି ନିୟମରେ ରହିଲେ ଭାଇର ମୂଲ୍ୟ ରହିପାରେ । ଦେବତା ରାକ୍ଷସ ଯୁଦ୍ଧରେ ରାକ୍ଷସଙ୍କ ଦ୍ୱାରା ହାରି ଦେବତା ସ୍ୱର୍ଗରେ ଇନ୍ଦ୍ରଙ୍କ ଘରକୁ ନିରୁପାୟ ହୋଇ ଆସିଥିବାବେଳେ ଇନ୍ଦ୍ରାଣୀ ଦେବତାଙ୍କ ହାତରେ ରାକ୍ଷୀବାନ୍ଧି ଦେବନାରୀଙ୍କ ଇଜ୍ଜତ ବଞ୍ଚାଇବାକୁ ପ୍ରେରଣା ଦେଇଥିଲେ । ତାପରେ ମନବଳ ଦେବତାଙ୍କର ବଢ଼ିଗଲା । ସେମାନେ ଅସୁରଙ୍କୁ ପରାସ୍ତ କରିଥିଲେ । ମୋଗଲ ବାଦଶା ହୁମାୟୁନଙ୍କୁ ସମସ୍ତେ ଦୁର୍ବଳ ମନେ କରନ୍ତି ମାତ୍ର ଜଣେ ରାଜପୁତ ରମଣୀ ବିପଦରେ ପଡ଼ି ତାଙ୍କୁ ରାଖି ପଠାଇଥିଲେ ହୁମାୟୁନ ସେ ରାଜପୁତ ରମଣୀଙ୍କୁ ସୁରକ୍ଷା ଦେଇ ତାଙ୍କ ଶତ୍ରୁକୁ ନିପାତ କରିଥିଲେ । ଭାଇରେ ଆସନ୍ତି, ଡାକ୍ତରମାନେ, ରୋଗକଷ୍ଟରେ ସାନ୍ତ୍ୱନା ଚିକିତ୍ସାରେ ରୋଗୀର ଆରୋଗ୍ୟ ହୋଇପାରେ । ସରସ୍ୱତୀଙ୍କ ଆଗସନ୍ତାନ ଶିକ୍ଷକ ପ୍ରଫେସରମାନେ, ପଛ ପିଲା ଛାତ୍ରଛାତ୍ରୀମାନେ ଉଭୟ ବଡ଼ ସାନ ଭାଇ ମଧ୍ୟରେ ରହନ୍ତି । ଯଦି ଶିକ୍ଷକମାନେ ଉପଯୁକ୍ତ ପାଠ ଛାତ୍ର ମାନଙ୍କୁ ଦେଇଥିବେ ତେବେ ସରସ୍ୱତୀ ଉଭୟଙ୍କୁ ପାଇ ଧନ୍ୟ ମନେକରନ୍ତି । ଏପରି ମାଆ ଲକ୍ଷ୍ମୀଙ୍କ ପୁତ୍ରରେ ଆଗ ପଛ ଜନ୍ମା ବି ଅଛନ୍ତି । ଆଗ ଜନ୍ମାମାନେ ସାନ ମାନଙ୍କର ଭୋଜନର ଉତ୍ସ ବୃତ୍ତି ଧନ୍ଦା ଶିକ୍ଷା ଦେଲେ ମା'ଲକ୍ଷ୍ମୀ ଖୁସି ନିଶ୍ଚେ ହୁଅନ୍ତି । ସବୁ କାର୍ଯ୍ୟରେ ମଧ୍ୟ ସତ୍ତ୍ୱାଧିକାରୀ ବେଳକୁ ବେଳ ଜନ୍ମ ଏମାନେ ସବୁଥିରେ ବୃଥା ଗୁଜବ ରଟନା କରି ଡାକ୍ତର-ରୋଗୀ, ଶିକ୍ଷକ-ଛାତ୍ର, ରାଜା-ପ୍ରଜା ସବୁଥିରେ ବିଘ୍ନ କରାଉଛନ୍ତି । ମଧ୍ୟ ସତ୍ତ୍ୱାଧିକାରୀର ମାର୍ଗ କୌଣସି ମତେ ସଂସ୍କାରିତ ହୋଇପାରୁନାହିଁ । ସାହାସ ଶ୍ରମ କରିବା ଶକ୍ତି ବୃଦ୍ଧି କରିବାରେ ଗୁଜବ ନଷ୍ଟ କରୁଛନ୍ତି । ଲୋକେ ପରିଶ୍ରମ ନକରି ଫଳ ଇଛା କରିବା ମାର୍ଗ ଧରିବା ଦ୍ୱାରା ବଡ଼ ବଡ଼ ବିପତ୍ତି ପଛକୁ ପଛ ମାଡ଼ି ଆସିବ । ସମସ୍ତଙ୍କୁ ଶିକ୍ଷା ପ୍ରାପ୍ତି କାଳରେ ବହୁ କିଛି ଶିକ୍ଷା ଆବଶ୍ୟକ ଏଥିରେ କେତେକ ମୌଳିକ ଯୁଦ୍ଧବିଦ୍ୟା ଶିକ୍ଷା, ଚିକିତ୍ସା ବିବାଦର ବିଭିନ୍ନ ପରୀକ୍ଷା ଶିକ୍ଷା, ବୃଦ୍ଧ ବାଳୁତ, ସ୍ତ୍ରୀ ଲୋକଙ୍କୁ ଆପଦ କାଳରେ ସହାୟତା, କଛି ଶିଳ୍ପ ବିଦ୍ୟା ଶିକ୍ଷା ନିହାତି ଦିଆଯିବା ଆବଶ୍ୟକ । ଏବେ ସର୍ବତ୍ର ରାଜନୀତିରେ ଅନେକ ଜଡ଼ିତ ଏହାର ଦିଗ ନଘୁରାଇଲେ ଦେଶରେ ଛୋଟ ଛୋଟ କଳି ରାଜନୈତିକ ରୂପରେ ଭୟଙ୍କର ରୂପ ନେବ । ଲୋକ କର୍ମକୁଣ୍ଠ ହେବେ, ସବୁ କଥାରେ ସରକାରର ଦୋଷ ସୃଷ୍ଟି ହେବ ।

***ସମ୍ପାଦକ 'ବରେଣ୍ୟବାଣୀ'***
***ଅରୁଣୋଦୟ ନଗର, କଟକ***
***ଦୂରଭାଷ : ୯୪୩୭୧୦୩୧୨୫୩***





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଲୀ ଦାଶ

**ଧୃତିଃ :-**

*ଶ୍ରୀକୃଷ୍ଣ କୁହନ୍ତି -*

*ମୁକ୍ତ ସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହ ସମନ୍ୱିତଃ ।*
*ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ।।*

*ଯେଉଁ ପୁରୁଷ ଆସକ୍ତି ରହିତ, ଯାହାର ଅହଂକାର ନାହିଁ, ଯିଏ ଧୈର୍ଯ୍ୟ ସହିତ କାମ କଲା ପରେ ଅସଫଳ ହେଲେ ପୁଣି କାମରେ ଲାଗିପଡ଼ ସେହିଁ ସାତ୍ତ୍ୱିକ ଅଟେ । ଅର୍ଥାତ୍ ପ୍ରତ୍ୟକ ପରିସ୍ଥିତିରେ ଧୈର୍ଯ୍ୟ ଧାରଣ କରିବା ବାଲା ସାତ୍ତ୍ୱିକ ଅଟେ ।*

*ଧୈର୍ଯ୍ୟର ଅର୍ଥ ପ୍ରମାଦ ବା ଆଳସ୍ୟ ନୁହେଁ । ଆରେ ! ପଛରେ ଦେଖିବା କଣ ହେବ ? କଣ ପାଇଁ ଏତେ ଜଲଦି ? ଚାକିରୀ ଜୀବନ ସାରା କରିବାର ଅଛି ଏବେ ଟିକେ ଆରାମ କରେ । ଏପରି ମୂଲ୍ୟହୀନ କଥା କହୁଥିବା ଲୋକ ସମାଜ ପାଇଁ ବୋଝ ଅଟନ୍ତି । ଏମାନେ ଧୈର୍ଯ୍ୟହୀନ, ପ୍ରଜ୍ଞାହୀନ, ତାମସ ସ୍ୱଭାବର ଅଟନ୍ତି । ଗୀତାରେ ସ୍ପଷ୍ଟ କୁହାଯାଇଛି ଉତ୍ସାହ ଓ ଧୈର୍ଯ୍ୟ ସହ କାମ କରି ଅପେକ୍ଷା କରିଥିବା ପରିଣାମ ନ ମିଳିଲେ ମଧ୍ୟ କାହା ସାଥିରେ କ୍ଳେଶ ନ କରି ପୁଣି କାମ କରିବା ଉଚିତ । ଗୀତାରେ ମଧ୍ୟ ଆଉ ଏକ ନୂଆ ସୋପାନର କଥା ଦିଆଯାଇଛି ।*

*ଧୃତ୍ୟା ଯୟା ଧାରୟତେ ମନଃ ପ୍ରାଣେନ୍ଦ୍ରିୟକ୍ରିୟଃ ।*
*ଯୋଗେନା ବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକି ।।*

*ହେ ପାର୍ଥ ! ଯେଉଁ ପୁରୁଷ ଧ୍ୟାନ, ଯୋଗ ଦ୍ୱାରା ଅବ୍ୟଭିଚାରିଣୀ, ଧାରଣାରେ ମନ, ପ୍ରାଣ ତଥା ଇନ୍ଦ୍ରିୟର କ୍ରିୟାକୁ ଧାରଣ କରେ, ସେ ଧୀର ଧାରୀ ସାତ୍ତ୍ୱିକ ଅଟେ । ଏଠାରେ ଧ୍ୟାନ ଦ୍ୱାରା ଧୈର୍ଯ୍ୟକୁ ଧାରଣ କରିବା ପାଇଁ କୁହାଯାଇଛି । ପ୍ରଥମେ ସ୍ଥିର ବସିବାକୁ ଶିଖିବା ଆବଶ୍ୟକ । ମହର୍ଷି ପତଞ୍ଜଳି କୁହନ୍ତି ପରମାତ୍ମାଙ୍କୁ ଉପଲବ୍ଧି କରିବା ପାଇଁ ତତ୍ପର ହୋଇ ମନକୁ କିପରି ସ୍ଥିର, ଶାନ୍ତ କରିବ, ସେପରି ପ୍ରୟାସ କରି ଚାଲିବା ଦ୍ୱାରା ଆସନ ସିଦ୍ଧି ପ୍ରାପ୍ତ ହୋଇଥାଏ । ଆସନ ସିଦ୍ଧିପ୍ରାପ୍ତ ହେଲେ ଥଣ୍ଡା, ଗରମ, ଭୋକ, ଶୋଷ ଇତ୍ୟାଦି ଦ୍ୱନ୍ଦ୍ୱକୁ ଆଘାତ ଲାଗି ନଥାଏ । ଏପରି କୌଣସି ଦ୍ୱନ୍ଦ୍ୱ ମଧ୍ୟରେ ବିପତ୍ତି ଆସିଲେ ଆମ ଧୈର୍ଯ୍ୟର ପରୀକ୍ଷା ହୋଇଥାଏ । ଆସନସିଦ୍ଧି ପରେ ଶ୍ୱାସ, ପ୍ରଶ୍ୱାସ ଉପରେ ମନକୁ କେନ୍ଦ୍ରିତ କରି ପ୍ରାଣାୟାମ କରିପାରିବା । ବାୟୁ ନାକ ଭିତର ଦେଇ ଫୁସ୍‌ଫୁସ୍‌କୁ ଯିବା ଆସିବାର ସାକ୍ଷୀ ହେବାକୁ ଅନୁଲୋମ ବିଲୋମ କୁହନ୍ତି । ଏହାଦ୍ୱାରା ଚିତ୍ତର ଚଞ୍ଚଳତାର ଦମନ ହୋଇଥାଏ, ବୃତ୍ତି, ବିକାରର କ୍ଷୟ ହୋଇଥାଏ । କ୍ରମଶଃ ଶ୍ୱାସକୁ ଭିତରେ ରୋକି ରଖିବା ଓ ସମୟ ଅବଧି ମଧ୍ୟରେ ଭିତରକୁ ନେବା ଓ ଚାଡିବା ଇତ୍ୟାଦି ପୁରକ, କୁମ୍ଭକ, ରେଚକ କରି ମନକୁ ସ୍ଥିର ଏବଂ ଅଧିକ ଧୈର୍ଯ୍ୟବାନ କରିପାରିବା ।*

(କ୍ରମଶଃ)

*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*



କ୍ଷୀରୋଦ ଦାସ

ଭାଗ-୨୮

# ସମ୍ପର୍କର ସୂତା ଖିଅ

'ଗାର୍ଡକୁ ନୁହେଁ, ମମତାକୁ ଡାକନ୍ତୁ।' - ନିର୍ଭୀକ ସ୍ୱରରେ କହିଲା ସୁରେନ୍ଦ୍ର- 'ମମତା ମୋ ସ୍ତ୍ରୀ। ଏ ସହର ଛାଡ଼ିବା ଦିନ ଗାଁ'କୁ ଯିବା ସମୟରେ ବାଟରେ ଏକ ରାଧାକୃଷ୍ଣ ମନ୍ଦିରରେ ଠାକୁରଙ୍କୁ ସାକ୍ଷୀ ରଖି ଆମେ ଦୁହେଁ ବାହାହୋଇଯାଇଛୁ। ସାରାଜୀବନ ପାଇଁ ପତିପତ୍ନୀର ଅତୁଟ ବନ୍ଧନରେ ଆବଦ୍ଧ ହୋଇ ସାରିଛୁ। ଆପଣଙ୍କ ସାମ୍ନାରେ କହିବାଟା ଠିକ୍ ହେବନି, ତଥାପି ଏଭଳି ପରିସ୍ଥିତିରେ ବାଧ୍ୟ ହେଉଛି କହିବା ପାଇଁ ଯେ ଏକାଠି, ଗୋଟିଏ ଶଯ୍ୟାରେ ଆମେ ବିତାଇଛୁ ଅସଂଖ୍ୟ ମଧୁର, ଉତ୍ତେଜିତ ମୁହୂର୍ତ୍ତ।"

ସୁରେନ୍ଦ୍ର ଟିକେ ଚୁପ୍‌ରହି, ପୁଣି କହିଲା, - "ମୋ ସ୍ତ୍ରୀକୁ ଅପହରଣ କରିଥିବାର ଅଭିଯୋଗ ନେଇ ପୋଲିସ୍ ଷ୍ଟେସନ ଯିବାକୁ ମତେ ବି ମାତ୍ର ପନ୍ଦର ମିନିଟ୍ ସମୟ ଲାଗିବ। ଡାକିବେ ମୋ ସ୍ତ୍ରୀକୁ ନା ମୁଁ ପୋଲିସ୍ ଷ୍ଟେସନ୍ ଯିବି?

ପରମୁହୂର୍ତ୍ତରେ ମମତା। ଦୋତାଲାରୁ ଶିଡିରେ ଓହ୍ଲାଇ ଆସି ଠିଆହେଲା ତା' ଡ୍ୟାଡି ପାଖରେ। ସୁରେନ୍ଦ୍ର ଆଡ଼କୁ ଘୃଣା ମିଶ୍ରିତ ଚାହାଣିଟେ ଫୋପାଡି କହିଲା- "ମୁଁ ଫୋନ୍ କରି ସାରିଛି। ଏଇ ବୋଧହୁଏ ଆସି ପହଞ୍ଚିଯିବେ ପୋଲିସ୍। ୟେ' କେବଳ ଜଣେ ଅପହରଣକାରୀ ନୁହେଁ, ଜଣେ ରେପିଷ୍ଟ, ଏକଥା ମୁଁ ଲେଖିସାରିଛି ମୋ 'ଏଫ୍‌ଆଇଆରରେ।"

ସାମ୍ନାରେ ଠିଆ ହୋଇଥିବା ଏ ଗୋରୀ ରଙ୍ଗର ମହିଳାଜଣକ କିଏ? ସୁରେନ୍ଦ୍ର ଆଖି ମଳିଲା, ରୁମାଲ ବାହାର କରି ମୁହଁ ପୋଛିଲା। ଚିହ୍ନିବାକୁ ଚେଷ୍ଟା କଲା, ତାକୁ ଜଣେ ଅପହରଣକାରୀ, ଜଣେ ରେପିଷ୍ଟ ବୋଲି ଅଭିହତ କରି ପୋଲିସକୁ ଖବର ଦେଇଥିବା ସ୍ତ୍ରୀ ଲୋକଟିକୁ।

'ଇୟେ ମମତାଟି! "ମୁଁ ତମର ଏକ ସମର୍ପଣ, ଏକ କୃତଜ୍ଞ ବିଶ୍ୱସ୍ତତା ବୋଲି ଦିନେ ଘୋଷଣା କରିଥିବା, ପ୍ରଚଣ୍ଡ ଆବେଗରେ, ସୀମାହୀନ ଅନ୍ତରଙ୍ଗତାରେ ଜାବୁଡି ଧରି ଲଜ୍ଜ୍ୟା ରକ୍ତିମ ମୁହଁରେ ପ୍ରେମପ୍ରଗଳ୍ଭ ହୋଇ ପଡୁଥିବା, ମୋ ଶୂନ୍ୟ ମନ୍ଦିରରେ ତମେ ହିଁ ଆରାଧ୍ୟ ଦେବତା ବୋଲି ବିନତୀ କରୁଥିବା ସେଇ ମମତା ଟି!!

ମିଛ। ସବୁ ମିଛ। ଅତୀତ ମିଛ। ମିଛ ପ୍ରେମିକାର ଢଳଢଳ କଥାକୁହା କରୁଣ ଆଖି, ଛନ୍‌ଛନ୍ ରୋମାନ୍, ଜିକ୍‌ଜ୍ୟାକ୍ ମେଲୋଡିରେ ପ୍ରଥମଥର ପାଇଁ ଷ୍ଟେଜ୍ ଉପରେ ଠିଆହୋଇ ଗୀତଟିଏ ବୋଲିବାର ରୋମାଞ୍ଚକର ଅନୁଭୂତି, ମମତାକୁ ନିଜ ଭଡାଘରେ ନିର୍ଜନ ରାତ୍ରିର ନିଃସଙ୍ଗ ପ୍ରହରରେ ଏକୁଟିଆ ପାଇବାର ଅନନ୍ୟ ମୁହୂର୍ତ୍ତ, ପରସ୍ପରକୁ ନିର୍ଭୁଲ ଭାବରେ ସମର୍ପି ଦେବାର ସେଇ ଅନ୍ତରଙ୍ଗ ବାସ୍ନାମୟ ଅଭିଜ୍ଞତା... ସବୁ ମିଛ, ଗୋଟେ ଶଠତା। ନିର୍ଘାତ ଧପ୍‌ପାବାଜି।

ନିଷ୍ଠୁର ସମୟ ସବୁ ଛଡ଼େଇ ନେଲା! ସମୟଠାରୁ ବଳି ବେଦର୍ଦୀ ଆଉ କିଏ ଅଛି ଯେ?

ଚୁପ୍‌ଚାପ୍ ଫେରି ଆସିଲା ସୁରେନ୍ଦ୍ର। ଚୁପ୍ ଚାପ୍ ନୁହେଁ, ମୁଣ୍ଡ ଭିତରେ ଭୟଙ୍କର କୋଳାହଳ ଧରି ସେ ଫେରିଆସିଲା। ସେ କୋଳାହଳର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଘଣ୍ଟାଏ ପରେ 'ୱାଇନ୍ ଓସନ୍' ମଦ ଦୋକାନ। ଜୀବନରେ ପ୍ରଥମଥର ପାଇଁ ଦୋକାନ ବାରଣ୍ଡାରେ ଠିଆହେଲା ସେ।

ସେଦିନ କାଇଁକି କେଜାଣି ପ୍ରଚୁର ଭିଡ ଥିଲା ସେ'ଠି। ପର୍ସରୁ ନୋଟ୍ କାଢ଼ି ବଢ଼ାଇ ଦେଇ ହସ ହସ ମୁହଁରେ ବୋତଲ ଗୋଟେ ଗୋଟେ ବୋହି ନେଇ ଯାଉଥିବା ଏ ସମସ୍ତ ମଣିଷମାନେ ଭିତରେ ଭିତରେ କାନ୍ଦୁଛନ୍ତି କି ତା' ପରି? ଭୁଷୁଡି ପଡୁଛନ୍ତି କି ତାସ୍ ଭଳି!! ଭାଙ୍ଗି ପଡୁଛନ୍ତି କି କାଉଁରିଆ କାଠ ପରି!!

ଅନ୍ୟମାନଙ୍କ ପରି ଟଙ୍କା ବଢ଼ାଇ ଦେଉଦେଇ ସେ କହିଲା- "ଭଲ ପାଏଣ୍ଟ ଗୋଟାଏ ଦିଅ।"

କୋଉ ବ୍ରାଣ୍ଡ? - ଦୋକାନୀ ପଚାରିଲା।

- 'ସବୁଠୁ ଭଲ।' - ସୁରେନ୍ଦ୍ର ନିଜର ଅଜ୍ଞତା ପ୍ରକାଶ କଲା ଏହିପରି।

ଧାରେ ମୁରୁକିହସା ମାରି ଖବର କାଗଜରେ ଗୁଡାଇଦେଇ ଦୋକାନୀଟି ତା' ହାତକୁ ବଢ଼ାଇଦେଲା ଅଭିନବ ଚିଜଟିକୁ। ତାକୁ ଧରି ସେ ପଶିଲା ହୋଟେଲ୍ ତନ୍ଦୁରରେ। ବୋତଲର ସର୍ବଶେଷ ବୁନ୍ଦା ଉଦାରସାତ୍ କଲା ପରେ ଉଠି ଠିଆହେଲା ସେ। ଠିଆ ହେଉହେଉ ଲଥ୍ କରି ବସିପଡିଲା ଏବଂ ଚାହିଁଲା ଚାରିଆଡକୁ। ସମସ୍ତେ ଦେଖାଯାଇଥିଲେ ଝାପ୍‌ସା ଝାପ୍‌ସା, ଏପରିକି ଜିନ୍‌ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧି ବସି ଖାଉଥିବା ସୁନ୍ଦରୀ ଯୁବତୀ ଦୁଇଜଣ ମଧ୍ୟ। ଝାଁ ଝାଁ ଶବ୍ଦଟେ ପିଟି ହେଉଥିଲା କାନରେ। ସେ ପୁଣିଥରେ ଉଠିଲା, ଥର ଥର ହେଉଥିବା ପାଦ ଦୁଇଟିକୁ ଆୟତ୍ତକୁ ଆଣିବାକୁ ଚେଷ୍ଟା କରି ଝୁଣ୍ଟିଲା ଏବଂ ପଡି ଯାଉଯାଉ ସମ୍ଭାଳିଲା ନିଜକୁ।

ସାଇକେଲ ଧରି ଘରକୁ ଫେଣିବା ବାଟରେ ସିଗାରେଟ୍ ଖଣ୍ଡେ ଟାଣିବାକୁ ଭାରି ଇଚ୍ଛା ହେଲା ତା'ର। ଠିଆ ହେଲା ଗୋଟେ ପାନ ଦୋକାନ ସାମ୍ନାରେ। ଗୋଲ୍ଡ ଫ୍ଲେକ୍ ଗୋଟେ ଦିଅ ବୋଲି ମାଗିଲା, ମାଗୁମାଗୁ ଲଥ୍ କରି ବସିପଡିଲା ଦୋକାନ ସାମ୍ନାରେ। ଲାଗିଲା ଏକ ତୁଳୀତଳ୍ପ ଶଯ୍ୟା ତାକୁ ଆମନ୍ତ୍ରିତ କରୁଛି ଶୋଇପଡିବାକୁ ସେଇଠି। ନାହିଁ ନଥିବା କ୍ଳାନ୍ତିକୁ ସମ୍ଭାଳି ନ ପାରି ସେ ଶୋଇପଡିଲା ସେଇଠି, ରାସ୍ତା କଡ଼ରେ। ନିଘୋଡ଼ ନିଦରେ।

"ଶଳା ଏଇଟା ଘୋଡ଼ା ମଦୁଆଟେ।" - ଦୋକାନୀ ଟୋକାଟା ଗୁଣୁଗୁଣୁ ହୋଇ ଏତକ କହିଲା ଏବଂ ରାତି ଦଶଟାରେ ହୋଇଯାଇଥିବାରୁ ଦୋକାନ ବନ୍ଦ କରି ଚାଲିଗଲା। ଟିକେ ବି ପଛକୁ ନଚାହିଁ।

ତା'ପରଦିନ ସଂଧ୍ୟାବେଳ। ତା'ପରଦିନ ସକାଳ। ତା'ପରଦିନ ସଂଧ୍ୟାବେଳ। ନିଃସଙ୍ଗତାର ଆବର୍ତ୍ତ ମଧ୍ୟରୁ ଖସି ଯିବାକୁ ସୁରେନ୍ଦ୍ର ପହଞ୍ଚିଯାଏ ମଦ ଦୋକାନରେ। ନାକଯାଏ ପିଏ। କାଳେ ମନ ଓ ଛାତି ଭିତରେ ସବୁ ଦୁଃଖ, କ୍ଷୋଭ, ହେଲେ ନିଶା କଣ କିଛି ଭୁଲାଇପାରେ? ବରଂ ବେଶ୍ କିଛି ମନେ ପକାଇଦିଏ। ଅତୀତକୁ ନେଇଆସେ ସାମ୍ନାକୁ, ଏକଦମ୍ ପାଖକୁ। ପୁରୁଣା କ୍ଷତକୁ ଆଞ୍ଚୁଡି ଲହୁଲୁହାଣ କରେ। କାନ୍ଦିବାକୁ ଉସ୍‌କାଏ।

ଟଳିଟଳି ସେ ଫେରେ ତା' ଭଡ଼ା ଘରକୁ। ଚାବି ଖୋଲିବ ଖୋଲିବ ହୋଇ ଲଥ୍ କରି ବସିପହେ ବାହାର ବାରଣ୍ଡାରେ। ସାମ୍ନା ରାସ୍ତାର ଦୁଇ କଡ଼ରେ ଠିଆହୋଇଥାନ୍ତି ଡେଙ୍ଗା ଡେଙ୍ଗା ଗଛମାନେ, ଆତଙ୍କ ସୃଷ୍ଟିକାରୀ ଗୋଟେ ଗୋଟେ କଙ୍କାଳ ପରି। ଗଛ ଉପର ଆକାଶକୁ ଚାହିଁଦେବା ମାତ୍ରେ ଦିଶିଯାଏ ଗୁଡାଏ ମୁହଁ। ଏ ହାଡୁଆ ମୁହଁଟି କାହାର? ଗାଲ ଦି'ଟା ପଶି ଯାଇଛି! ଭାରି ବିକଳ ଦେଖାଯାଉଛି ଦାନ୍ତହୀନ ତାଙ୍କ ପାକୁଆ ମୁହଁ। ବାପା!

ଇୟେ କିଏ? ଲୋଚାକୋଚା କାନ୍ଦୁରୀ ମୁହଁଟେ। ପାଣିଚିଆ ଯୋଡ଼େ ନିଷ୍ପ୍ରଭ ଆଖି। ଆଖି ନୁହେଁ ତ ଲୁହର ସମୁଦ୍ର। ବୋଉ!!

ଦୁଇଟି ଲୁହ ଥମ୍‌ଥମ୍ କରୁଣ ଆଖି। ଏଇ ଝରିବ ଝରିବ ହୋଇ ଝରିପଡୁ ନଥିବା ଦୁଇବୁନ୍ଦା ଲୁହ। ସାରା ପୃଥିବୀକୁ କ୍ଷମା କରିଦେବା ପରି ଉଦାସୀନତା। ମାମିନା ଅପା!!!

ଏ ଦୃଶ୍ୟ କ୍ଷଣକ ଭିତରେ ପୋଛି ହୋଇଯାଏ। ଏ ବୀଭତ୍ସ ମୁହଁ ଦି'ଟା କାହାର? ଜିଭ ଓ ଦାନ୍ତ ଦେଖାଇ ଖତେ ହେଉଛନ୍ତି ତାକୁ? ନଟଦାସ! ନକୁଳ ପଧାନ!!

ସାଏଁ କରି ଉଭେଇ ଯାଏ ସବୁ। ପୁଣି ଦିଶିଯାଏ ଗୋଟେ ସୁନ୍ଦର ମୁହଁ। ଅଳ୍ପ ଫୁର୍ ଫୁର୍ ବାଳ, କଥାକୁହା ଆଖି, ଆଉ ସବୁ ମିଶି ଗୋଟେ ମଉନମୁହଁ। ପରମୁହୂର୍ତ୍ତରେ ସେ ମୁହଁ ରୂପାନ୍ତରିତ ହୋଇଯାଏ ଗୋଟେ ବୀଭତ୍ସ ମୁହଁରେ।

(କ୍ରମଶଃ)

**ପୂ**ର୍ଣ୍ଣୀମାର ବର୍ତ୍ତୁଳାକାର ଉଜ୍ଜ୍ୱଳ ବିସ୍ତୀର୍ଣ୍ଣ ନଭୋମଣ୍ଡଳରେ ତାର ରୂପେଲି ଜୋସ୍ନାକୁ ବିଞ୍ଚିଦିଏ, ଉଭାସିତ ହୋଇଉଠେ ସମଗ୍ର ମହାକାଶ। ପୃଥିବୀ ଉପରେ ବିଞ୍ଚିଦିଏ ସେଇ ଚୂନାଚୂନା କିରଣରୁ ମୁଠାଏ। ସେଇ କିରଣର ସ୍ପର୍ଶରେ କୀଟପତଙ୍ଗ ଠାରୁ ଆରମ୍ଭ କରି ମନୁଷ୍ୟ ଓ ବୃକ୍ଷଲତା ସମସ୍ତଙ୍କ ହୃଦୟରେ ପ୍ରବାହିତ ହୁଏ ପ୍ରେମର ଫଲ୍‌ଗୁଧାରା। କିନ୍ତୁ ଏକମାତ୍ର ଚକରୋ ଚକୋରୀ ବିରହାଗ୍ନିରେ ଦଗ୍ଧୀଭୂତ ହୋଇଥାନ୍ତି। କ୍ରମେ କ୍ରମେ ଅଷ୍ଟମୀ ତିଥି ଅତିକ୍ରାନ୍ତ ହୁଏ। ଅମାବାସ୍ୟା ଧୀରେ ଧୀରେ ତାର କଳା ଅଞ୍ଚଳକୁ ଢାଙ୍କି ଦିଏ ଚନ୍ଦ୍ରମାର ଅଧଲୁପ୍ତ ମୁଖମଣ୍ଡଳରେ। ସାରା ଜଗତରେ ଘନ ଅନ୍ଧକାର ତାର କାୟା ବିସ୍ତାର କରେ। ସମସ୍ତଙ୍କ ହୃଦୟରେ ଏକ ଅଜଣା ଆତଙ୍କ। ନିଶାର ଏ ଆଗମନ ସତେ ଅବା ଧ୍ୱସ୍ତ ବିଧ୍ୱସ୍ତ କରିଦେବ ସମଗ୍ର ବିଶ୍ୱକୁ। ଚାରିଆଡେ ଭରିଯାଏ ଶୂନ୍ୟତା। ଭୟରେ ଶିଶୁଟି କଇଁକଇଁ କାନ୍ଦିଉଠିଲେ ମାଆ ତାର ଅଦୃଶ୍ୟ ନିଶାଚରର କଥାକହି କୋଳରେ ଜାକିନିଏ ଅଝଟ ଅମାନିଆ ପିଲାଟିକୁ। ଆଉ ପିଲାଟି ଆଶ୍ୱସ୍ତିରେ ନିର୍ଭୟରେ ଶୋଇପଡେ ମାଆର କୋଳରେ ମୁହଁ ଲୁଚାଇ। ଏହି ବାସ୍ତବ ସତ୍ୟକୁ କେହିବି ଅସ୍ୱୀକାର କରିପାରିବେ ନାହିଁ। ସୃଷ୍ଟି ଅଛି ତ ବିଲୟ ଅଛି। ଜନ୍ମ ଅଛି ତ ମୃତ୍ୟୁ ଅଛି। ତଥାପି ମଣିଷ ମନରେ କାହିଁକି ଏତେ ଅଜଣା ଭୟ। କାରଣ ଜୀବନ ପ୍ରତି ଅହେତୁକ ମମତା, ଭଲପାଇବା। ଆଜି ସମଗ୍ର ବିଶ୍ୱରେ କରୋନା ମହାମାରୀର ରୂପ ନେଇଛି। ଭୟ ରୂପକ ଅମାବାସ୍ୟା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ। ମୃତ୍ୟୁର ଅନ୍ଧକାର ଧୀରେ ଧୀରେ ଆଚ୍ଛନ୍ନ କରିଚାଲିଛି ମାନବ ସମାଜକୁ। ନା ତାର ପ୍ରତିକାର ଏ ପର୍ଯ୍ୟନ୍ତ ବାହାରିଲାଣି। ନା ତାକୁ ପରାହତ କରିବାର କିଛି ଉପାୟ। ବିଜ୍ଞାନୀ ମାନବ ଆଜି ହାତ ଟେକିଦେଇଛି କରୋନାର ଭୟ ଆକ୍ରାନ୍ତଙ୍କ ମଧ୍ୟରେ ଏଭଳି ଏକ ଭୟର ବାତାବରଣ ସୃଷ୍ଟି କରିଛି ଅନେକ ବ୍ୟକ୍ତି ହୃଦଘାତରେ ମରୁ ନଥିବେ ବୋଲି କିଏ କହିବ? କାରଣ ଭୟ ହେଉଛି ହୃଦଘାତର ଏକ ବିଶେଷ ଲକ୍ଷଣ। ସମସ୍ତଙ୍କ ମନ ମଧ୍ୟରେ ଏକ ଅଜଣା କଳାବାଦଲ ଢାଙ୍କି ରହିଛି। ଆ ପରେ ମୋ ପାଳି ପଡିବନି ତ? ଏମିତି ଅନେକ ଭାବନା ଅନେକ ପ୍ରଶ୍ନ ଆସେ ମନରେ।

କରୋନା ପାଇଁ ଆମମାନଙ୍କ ଭିତରେ କେବଳ ଏକ ବିରାଟ ପରିବର୍ତ୍ତନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଯାହା ମଣିଷ ଶତଚେଷ୍ଟା ସତ୍ତ୍ୱେ ବି କରିପାରି ନଥିଲା। ତାହା ହେଉଛି ଆପଣାର ପଣ। ସେ ଆପଣାର ପଣ ନିଜ ଅବହେଳିତ କରି ଛାଡିଯାଇଥିବା ନିଜ ବୃଦ୍ଧ ପିତାମାତାଙ୍କ ସହିତ, ସୌଖିନୀ ସହର ମାୟାରେ ପଡି ଭୁଲି ଯାଇଥିବା ପଲ୍ଲୀ ମାଆ ସହିତ ଓ ଅନେକ ଧନର ପାଚୁର୍ଯ୍ୟ ଭରା କୁହୁକିନି ବିଦେଶର ମୋହିନୀ ପ୍ରେମରେ ପଡି ଭୁଲି ଯାଇଥିବା ନିଜ ମାତୃଭୂମି ସହିତ ଏବଂ ଚାକିରି ଓ ଧନର ପଛରେ ଅଣନିଶ୍ୱାସୀ ହୋଇ ଧାଉଁଥିବା ପିତାମାତାଙ୍କର ଅବହେଳିତ ନିଷ୍ପାପ ଛୋଟ ପିଲାମାନଙ୍କ ସହିତ। ଆଜି କରୋନା ପାଇଁ ସବୁଠାରେ ହର୍ଷ ଓ ଆନନ୍ଦ। ସମସ୍ତ ହୃଦୟରେ ଖୁସିର ଅଫୁରନ୍ତି ଜୁଆର। ସତେଯେମିତି ସଭିଏଁ ନିଜର ହଜିଲା ଧନକୁ ଫେରିପାଇଛନ୍ତି ନିଜ କୋଳରେ, ନିଜ ନିକଟରେ। ଆଜି ଚାରିଆଡେ ଖୁସିର ମହଲ। ଦିନେ ଯେଉଁ ପୁଅ ବୃଦ୍ଧ ପିତା ମାତାଙ୍କୁ ଛାଡି ନିଜର ପରିବାର ପ୍ରତିପୋଷଣ ନିମନ୍ତେ ବିଦେଶ ଯାଇଥିଲା କିଛି ଅର୍ଥ ରୋଜଗାର ପାଇଁ କର୍ମ ସଂସ୍ଥାନ ବନ୍ଦ ହେବାରୁ ସେ ଫେରିଆସିଛି ନିଜ ଭିଟାମାଟିକୁ। ଅନେକ ଦିନ ପରେ ପୁଅକୁ ପାଖରେ ପାଇ ଶେଷ ଯାତ୍ରାକୁ ଅପେକ୍ଷା

# ଅମାବାସ୍ୟାର ଜ୍ୟୋତି

ପଦ୍ମାବତୀ ମିଶ୍ର





କରିଥିବା ପିତାମାତାଙ୍କ ମନରେ ଅସରନ୍ତି ଆନନ୍ଦ। ପ୍ରତିକ୍ଷାରତ ସ୍ତ୍ରୀ ଓ ପିଲାମାନଙ୍କ ମନରେ ମଧ୍ୟ ପ୍ରତିରୂପ ଆନନ୍ଦ। କିନ୍ତୁ ବେଶୀ ଖୁସି ସେ ପିତାମାତାଙ୍କ ହୃଦୟରେ ଯେଉଁମାନଙ୍କ ପୁଅ ନିଜ ପତ୍ନୀ କଥାରେ ଅସହାୟ ବୃଦ୍ଧ ପିତାମାତାଙ୍କୁ ସବୁଦିନ ପାଇଁ ଛାଡି ସହରର ଚାକଚକ୍ୟରେ ନିଜ ଓ ନିଜର ପିଲାମାନଙ୍କ ରଙ୍ଗୀନ ଭବିଷ୍ୟତ ଗଢ଼ିବା ପାଇଁ ଯାଇଥିଲେ। ପଥ ଭୁଲିଯାଇଥିବାର ପୁଅର ଘର ବାହୁଡା ଦେଖି ମାଆର ଆଖିରେ ଆନନ୍ଦାଶ୍ରୁ। ଅନ୍ତତ ଶେଷ ଜୀବନଟା ତ ନାତିନାତୁଣୀଙ୍କ ମେଳରେ କଟିବ। ଆଜି ଗାଁ ମାଟି ବି ହସୁଛି। ତାରି କୋଳରେ ବାଲ୍ୟ କୈଶୋର କଟାଇ ତାକୁ ଭୁଲି ଯାଇ ମୋହିନୀ ସହର ପ୍ରେମରେ ପଡିଥିବା ସନ୍ତାନମାନେ ଆଜି ଫେରିଛନ୍ତି ତାର ଏଇ ଧୂଳିଧୂସରିମା କୋଳକୁ। ବିବର୍ଣ୍ଣ ହୋଇ ପଡିଥିବା କ୍ଷେତବାଡି ପୁଣି ହସିବ। ଶସ୍ୟ କ୍ଷେତ୍ର ଶ୍ୟାମଳିମାରେ ଭରିବ। ଫୁଲଫଳରେ ହସିଉଠିବ ବାଡିବଗିଚା। ଅଙ୍କାବଙ୍କା ହୋଇ ଲମ୍ବିଯାଇଥିବା ନିଶୁନ ରାସ୍ତାଟା ହୋଇଛି ପିଲାମାନଙ୍କ ଖେଳକୁଦରେ କୋଳାହଳମୟ। ଅବଶ୍ୟ ଅର୍ଥର ପ୍ରାଚୁର୍ଯ୍ୟ ମଧ୍ୟରେ ରହୁଥିବା ମଣିଷମାନଙ୍କୁ ଏହା ଖୁସି ଦେଇପାରିନି, କିନ୍ତୁ ଆସନ୍ନ ମୃତ୍ୟୁ ଓ ଖାଦ୍ୟା ଭାବରୁ ବର୍ତ୍ତି ଯାଇଥିବାରୁ କିଟିଟା ଆଶ୍ୱସ୍ତି ଓ ଖୁସୀ ଅନୁଭବ କରୁଛନ୍ତି ସେମାନେ।

ଖାଲି ପଲ୍ଲୀ କାହିଁକି ଦିଲ୍ଲୀ ବି ହସୁଛି ଆଜି। ସହର ଠୁଁ ନଗର ସବୁଠାରେ ଏକ ସ୍ୱଚ୍ଛ ବାତାବରଣ। ଧୂଳିଧୂଆଁରୁ ମୁକ୍ତ ପରିବେଶ। ଶବ୍ଦ ପ୍ରଦୂଷଣରୁ ମୁକ୍ତ ସହରବାସୀ ସୁଷୁପ୍ତିର ନିଦ୍ରା ଯାଉଛନ୍ତି। ପିଲାମାନଙ୍କ ଆନନ୍ଦ କହିଲେ ନ ସରେ। ବଜାରର ଚଟପଟି ଓ ବିଦେଶୀ ପିଜା, ବରଗର ନ ମିଳୁ ପଛେ ବାପା ମାଆଙ୍କ ସାନ୍ନିଧ୍ୟ ଓ ସ୍ନେହ ମମତା ଟିକେ ମିଳୁଛି ତ। ଠାଏ ଦି ଠାଆ ତରକାର ମିଳୁ ପଛେ ତା ସହିତ ମିଳୁଛି ପରିବାର ସହିତ ମିଶି ଖାଇବାର ଆନନ୍ଦ। ହେଉପଛକେ କରୋନା ପ୍ରାଣଘାତକ। କିନ୍ତୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହା ସମାଜ, ପରିବେଶ, ଦେଶର ମଧ୍ୟ ହିତ ସାଧନ କରିଛି। ସରକାର ବିଦେଶ ଦ୍ରବ୍ୟ ବର୍ଜନ ପୂର୍ବକ ସ୍ୱଦେଶୀ କମ୍ପାନୀମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯଦ୍ୱାରା ଦେଶ ଆତ୍ମନିର୍ଭରଶୀଳ ହେବା ସହିତ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିବ। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ସମସ୍ତ ଦୃଷ୍ଟିରୁ ବିଚାର କରୋନା ଅସଫଳତା ଅନ୍ଧାର ମଧ୍ୟରେ ଏକ ଜ୍ୟୋତି। ଜନ୍ମ ମାତ୍ରେ ହିଁ ମୃତ୍ୟୁ ସତ୍ୟ। କିନ୍ତୁ ଏଇ ମୃତ୍ୟୁ ଆଜି ବିଶ୍ୱ ପାଇଁ କଲ୍ୟାଣକାରୀ ପାଲଟିଛି। ଯାହା ବିଜ୍ଞାନୀ ମଣିଷ ଦ୍ୱାରା ସମ୍ଭବ ହୋଇ ନଥିଲା ତାହା ସମ୍ଭବ ହୋଇଛି। କରୋନା ହେଉଛି ଅମାବାସ୍ୟାର ଜ୍ୟୋତି।

ଅଦୃଶ୍ୟ ଶକ୍ତି ଉଦ୍ଦେଶ୍ୟରେ। ସତେଯେମିତି ପରାଜିତ ସୈନିକଟିଏ ସିଏ। ଯେଉଁ ପ୍ରକୃତି ତାକୁ ସର୍ବଶ୍ରେଷ୍ଠର ଆସନରେ ଆସୀନ କରାଇଥିଲା ସେଇ ପ୍ରକୃତି ମାଆକୁ ଏଇ ନିଷ୍ଠୁର ମଣିଷ ନିଜ ହାତରେ ନିଜ ସ୍ୱାର୍ଥ ପାଇଁ ନଷ୍ଟବିନଷ୍ଟ କରିଦେଇଛି। କଣ ରଖି ନଥିଲା ଏଇ ମାଆ ତା ପାଇଁ। କ୍ଷୁଧା ମେଣ୍ଟାଇବା ପାଇଁ ସୁମଧୁର ଖାଦ୍ୟ ଓ ଫଳଭରା ବୃକ୍ଷ। ତୃଷ୍ଣା ନିବାରଣ ନିମନ୍ତେ ସ୍ୱଚ୍ଛ ଝରଣା ଓ ନଦୀର ଜଳ, କୂପ ଜଳ ସବୁକିଛି। ସାଇତି ରଖିଥିଲା ଅନେକ ପ୍ରାଣ ରକ୍ଷାକାରୀ ଔଷଧୀୟ ବୃକ୍ଷ। ମୁକ୍ତ ବାୟୁ ସେବନରେ ଆରୋଗ୍ୟ ହେଉଥିଲା ଅନେକ ଦୁସାଧ୍ୟ ରୋଗ। କିନ୍ତୁ ଏ ମଣିଷ ନିଜର କ୍ଷଣିକ ସୁଖ ପାଇଁ ପ୍ରକୃତିର ଦାନକୁ ନଷ୍ଟ କରିଦେଲା। ଖଣ୍ଡିଏ ଘର ପାଇଁ ତାର ଆୟୁ ମଧ୍ୟ କମ୍, କିନ୍ତୁ ବଙ୍ଗଳା ପରେ ବଙ୍ଗଳା କରିଚାଲିଛି। ଜଙ୍ଗଲ ସଫା କରି ଫାର୍ମ ହାଉସ ବନାଉଛି। ସମଧୁର ଫଳ ଛାଡି ନିରିହ ଜୀବମାନଙ୍କୁ ଆହର କରୁଛି। ମାନବିକତା ଭୁଲିଯାଇଛି। ମଣିଷରୁ ପାଲଟି ଯାଇଛି ନର ରାକ୍ଷସ। ନିଜର ମୃତ୍ୟୁକୁ ନିଜେ ଆହ୍ୱାନ କରିଛି। ଯାହାଫଳରେ ଆଜି ବିଶ୍ୱରେ କରୋନା ପରି ମହାମାରୀର ସ୍ରଷ୍ଟା ଓ ବାହକ ସାଜିଛି ସିଏ। ବିଶ୍ୱ ଆଜି ସଙ୍କଟରେ। ପ୍ରତିକ୍ଷଣ ମୃତ୍ୟୁର ପ୍ରତିଧ୍ୱନି ଗୁଞ୍ଜରିତ ହେଉଛି ପ୍ରତି ମାନବ ବର୍ଣ୍ଣେ ଗହ୍ୱରରେ। ଯେମିତି ରାବଣ ପାଇଁ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ମୁଖରେ ପଡିଥିଲା ଆଜି ସେମିତି କିଛି ନର ଦାନବଙ୍କ ପାଇଁ ବିଶ୍ୱ ଧ୍ୱଂସ ମୁଖରେ। ଏଠି ଗୋଟିଏ ରାବଣ ବଦଳରେ କୋଟି କୋଟି ରାବଣ। ତେଣୁ ଧ୍ୱଂସ ତ ନିଶ୍ଚିତ।

ଯୁଗେ ଯୁଗେ ଭଗବାନ ଏଇ ଉଚ୍ଛୃଙ୍ଖଳ ମାନବ ଜାତିକୁ ଶିକ୍ଷା ଦେବା ପାଇଁ କୋକୁଆର ଭୟ ସୃଷ୍ଟି କରନ୍ତି। ଯାହାଦିନେ ଘଟିଥିଲା ଦ୍ୱାପର ଯୁଗରେ। ଶ୍ରୀକୃଷ୍ଣଙ୍କ ଦ୍ୱାରା ସୃଷ୍ଟ ଏହି କୋକୁଆର ରୂପରଙ୍ଗ କେହି ବି କହିପାରୁନଥିଲେ। କେହି ବି ଜାଣିପାରୁନଥିଲେ ଏଭଳି ଏକ ଜୀବର ଉତ୍ପତ୍ତି କିଭଳି ହେଲା ଓ କେଉଁଠୁ ହେଲା। ଏକ ଅଜଣା ଆତଙ୍କ ସମସ୍ତଙ୍କ ମନରେ ଭରିରହିଥିଲଣ ପ୍ରତିକ୍ଷଣ ପ୍ରତି ମୁହୂର୍ତ୍ତରେ। ସତେଯେମିତି ମୃତ୍ୟୁର ଭୟଙ୍କର ଶୀତଳ ସ୍ପର୍ଶ ଗଳାର ଚାରିପାଖେ ବାହୁବେଷ୍ଟନ କରିରହିଛି। ଠିକ ଆଜି ସେମିତି କରୋନାର ଭୟ। ମହାମାରୀର ରୂପ ରଙ୍ଗ କେହିବି ଆକଳନ କରିପାରୁନାହାନ୍ତି। ଗୋଲକ ଧନ୍ଦାରେ ଫଶିଯାଇଛନ୍ତି। କୋକୁଆ ଭୟରେ ଅନେକ ହୃଦ୍‌ଘାତରେ ମୃତ୍ୟୁବରଣ କଲାପରି ଆଜି

ଝଙ୍କଡ ସାହିତ୍ୟ ସଂସଦ
ତିର୍ତ୍ତୋଲ, ଜଗତସିଂହପୁର
ଦୂରଭାଷ : ୯୦୪୦୫୬୬୪୩୩

# ଅବସୋସ

ମମତା ପଟ୍ଟନାୟକ





**ଟି**କେ ଅନ୍ତରଙ୍ଗ ପଣରେ
ଛୁଇଁଦେବା କଣ ଏତେ
କାଠିକର ଥିଲା,
ଶୁଣିଥିଲି ପରକୁ ଆପଣାର
କରିନେବା କଳା କାଳେ
ତୁମକୁ ବେଶ ଜଣାଥିଲା

ମୁଁ ସତ କହୁଛି,
ଢୋକି ନେଇଥାନ୍ତି ସଂସାର
ସାରାର ବିଷ
ମରିମରି ବଞ୍ଚିବା କଳା
ମତେ ବି ବେଶ ଜଣା

ତୁମେ କାଳେ ସଠିକ ସଠିକ
ପଢ଼ିପାର ଆଖି କପାଳ ହସ୍ତରେଖା
ଥରେ କେବେ ମୋ ଓଦା ଛାତିରେ
ଦୁଃଖ ପଢ଼ିପାରିଥାନ୍ତ,
ଖୋଲା ପଡିଥିଲା ଜୀବନର ପୃଷ୍ଠା

ବରଫରେ ବି ପୋଡିଯାଏ ହାତ,
ଜାଣୁଜାଣୁ ବି
ମୁଠା ବନ୍ଦ ମୋର ଥିଲା
ସହିଯାଇଥାନ୍ତି ତୁମେ
ଫିଙ୍ଗିଥିବା ପ୍ରତିଦିନର ନିଆଁର
ଫୁତକାର...

ଅଭ୍ୟାସ ପାଲି ଅଛି ମୁଁ ବି
ତତଲା ଝାଞ୍ଜିରେ ଜଳିବା

ଛାତିରେ ଥରଥର କରି
ସମସ୍ତେ ବିନ୍ଧିଲ ନାରାଚ
ବିବର୍ଣ୍ଣ ଆୟୁଷ୍କାଳରେ ଏବେ ବି
ବଞ୍ଚିଛି ମୁଁ,
ଇଚ୍ଛାମୃତ୍ୟୁ ବରଟେ ବିନା
ମରିମରି ବଞ୍ଚିବା ଶିଖେଇ ଦେଇଛି
ଭାଗ୍ୟ, ସମୟ

କହିଲା ହାତ ଦେଖା
ହାତ ପାପୁଲି ଖୋଲା
ଦୁଇ ଆଖି ପତା ବି ମେଲା
ସେତିକିରୁ ଯେତିକି ଉଡିଯାଉଥିବା
'ମହିମ୍ନ ସ୍ୱପ୍ନଙ୍କୁ ବୋଲ ମନେଇ
ବିଶ୍ୱାସେଇ ରଖିଥିଲି, ଅଣ୍ଟିରେ
ଉଦବେଗର ଗଡାଣି ଉଠାଣିରେ
ଗତିପତି ସରିଆସୁଛି
ମୋ କାହାଣୀର ଉପସଂହାର

ନିରବତାର ଶବ୍ଦ
ସତରେ କି ପଢ଼ିବା କଷ୍ଟ
ପଢ଼ି ବି ପାରିଥାନ୍ତ,
ହେଲେ ତୁମେ ସବୁ ଆଖି ଥାଇ ଅନ୍ଧ
ପାଟି ଥାଇ ମୁକ
କାନ ଥାଇ ବଧିର
ତୁମ ସ ମୁଁ ବି ଖଣ୍ଡେ ଏବକୁ ପଥର

ପାଷାଣ ପାଲଟିଯିବା
ଯୁଗଯୁଗ ଯାଏ ମୋକ୍ଷ ଅପେକ୍ଷାରେ
ରହିବା ଜମା ସହଜ ନୁହଁ,
ତୁମ ଅହମିକା ତୁମକ ବଡ ହେଉ
ମୋ ବିଶ୍ୱାସରେ ବସନ୍ତି ଈଶ୍ୱର

ପ୍ରତିଥର ଷଡଯନ୍ତ୍ର କର
ମୁଁ ଭାଙ୍ଗେ ଖଣ୍ଡ ଖଣ୍ଡ ହୋଇ
ଭୂଇଁଲଗ୍ନା ହୁଏ
ତୁମର କଣ ଯାଏ କି ଆସେ
ମୁଁ ତୁମ ପାଇଁ ଛାର ପରଘରୀ ମଣିଷ
ତୁମ ଫିଙ୍ଗିଦିଆ ଖପରା ଖଣ୍ଡେରେ
ମୋ ଅବସୋସର ଆୟୁଷ।

ଘାଟିକିଆ, ଭୁବନେଶ୍ୱର

# ହେଲାନାହିଁ କିଛି

ଅନୀଲ ପଟ୍ଟନାୟକ



**ଋ**ଷୀଟିଏ ହୋଇଥିଲେ ହୋଇଥାନ୍ତା ଲାଭ
ବିପିଏଲ୍, ଏପିଏଲରେ ଥିଲେ ଜୀବନ ଦୁର୍ଲଭ
ଏସ୍‌ସିଏସ୍‌ଟି ହୋଇଥିଲେ ହୋଇଥାନ୍ତା ଭଲ
କରଣ ଜାତିରେ ଜନ୍ମ ବୋଲି ହେଉ କଲବଲ।

ଚାକିରି ମିଳିଲା ନାହିଁ ଷାଠିଏ ଟପିଲା
ଓକିଲ ହୋଇ ମଧ୍ୟ ପେଟ ନ ପୁରିଲା
ମିଳେନାହିଁ ଭତ୍ତା ଅବା ଜୋତା, ଛତା
କିମ୍ପାଇ ବିଧାତା ସତେ ଦିଏ ଏତେ ଦୁଃଖ।



ସମୟ ଯାଉଛି ସରି ଭାବନା ଯାଉଛି ମରି
ତଥାପି ତ ମିଳେନାହିଁ କିଛି ହେଲେ ରାହା
ମାଟିର ମୋହକୁ ଚାହିଁ ରଖିଛି ଭରସା
କାଳିଆ ଠାକୁର ନିଶ୍ଚେ ହେବେ ସାହା।

ଭବାନୀପାଟଣା, କଳାହାଣ୍ଡି









ସାଦ୍ୟାନ୍ତ ଶତପଥୀ
ଶ୍ରେଣୀ - ଦ୍ୱିତୀୟ
ମଦର୍ସ ପବ୍ଲିକ ସ୍କୁଲ, ପୁରୀ





ପ୍ରାଚୀ ଦାଶ
ଓଲ୍ଡ ଟାଉନ
ଭୁବନେଶ୍ୱର

# ବଞ୍ôବାର ସାହାରା ପାଲଟିଛି କମାରଶାଳ



**ଭଦ୍ରକ :** ଆଧୁନିକ ଯୁଗରେ ଆଧୁନିକ ପରମ୍ପରାକୁ ଆପଣେଇବା ଇଛାରେ ଓ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିବା ଆଶାରେ ବହୁ ସଂପ୍ରଦାୟ ନିଜ କୁଳ ବେଉସା କୁ ଭୁଲିବାକୁ ବସିଲେଣି । ମନୁଷ୍ୟ ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ନିତ୍ୟାବଶ୍ୟକ ଗୃହ ଉପକରଣ ସାମଗ୍ରୀ ଅଛି ଯାହା ବିନା କାର୍ଯ୍ୟ ଅସମ୍ଭବ ଯଥା: କୋଦାଳ, ଦାଆ,ଗଇଁଚି,ଶାବଳ, ଟାଙ୍ଗିଆ, ନିହାଣ, ବଟାଳି, କରତ, ପନିକି, ଖିଲିକାତି, ବାରସି ଇତ୍ୟାଦି । ଏହିସବୁ ସାମଗ୍ରୀ ବିନା ଚାଷ କାର୍ଯ୍ୟ, ଘରବାଡ଼ି କାର୍ଯ୍ୟ ଏହିପରି ଅନେକ କାର୍ଯ୍ୟ ଅସମ୍ଭବ ହୋଇପଡ଼ିଥାଏ । ଏହିପରି ସ୍ଥଳେ ଏହିସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସଂପାଦନା କରୁଥିବା ସଂପ୍ରଦାୟ କମାର ଆଜି ଅବହେଳିତ । ସେମାନଙ୍କର କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ଓ ଋହିଦାର ଆଦର ବଢାଇବା ପାଇଁ କୌଣସି ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନର ଆଗ୍ରହ ନଥିବାରୁ ସେମାନେ ସେମାନଙ୍କର କୁଳ ବେଉସାରୁ ନିଜକୁ ନିବୃତ୍ତ କରି ଅନ୍ୟ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେଉଛନ୍ତି । ବଡ଼ବର୍ଚ୍ଛିକୟାଁ ପଂଚାୟତ ଅର୍ନ୍ତଗତ ବଡ଼ବର୍ଚ୍ଛିକୟାଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସବାସ କରିଆସୁଅଛନ୍ତି । ଆକଳନକୁ ନେଲେ ପାଖାପାଖି ୪ ପରିବାର ଏହି ସଂପ୍ରଦାୟର । ସେମାନେ ସେମାନଙ୍କର କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ,ସମୟାନୁକ୍ରମେ ରୋଜଗାର ତୁଳନାରେ ଖର୍ଚ୍ଚକୁ ଦେଖି ସେମାନେ ଏହି ବେଉସାରୁ ଅପସରି ଯାଇ ଅନ୍ୟ ପନ୍ଥା ଅବଲମ୍ବନକରିଛନ୍ତି । କିନ୍ତୁ ସେହି ଗ୍ରାମର ଶିବ ବିନ୍ଧାଣୀ(୬୦)ଙ୍କର କହିବା ଅନୁସାରେ ସେ ୫୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ଗୃହ ଉପକରଣ ଯଥା:କୋଦାଳ,ଦାଆ, ଗଇଁଚି, ଶାବଳ, ଟାଙ୍ଗିଆ, ନିହାଣ, ବଟାଳି, କରତ, ପନିକି, ଖିଲିକାତି, ବାରସି ଇତ୍ୟାଦି ତିଆରି କରି ଏହିସବୁ ସାମଗ୍ରୀକୁ ଚାଷୀମାନଙ୍କୁ ବିକ୍ରୀ କରିବା ସହ ହାଟ ବାରିରେ ବନ୍ତ ଓ ଆଗରପଡ଼ା ସୁଭଦ୍ରା ମହତାବ ହାଟରେ ବିକ୍ରୀ କରି ନିଜ ପରିବାର ପ୍ରତିପୋଷଣକରୁଛନ୍ତି ସତ କିନ୍ତୁ ସରକାରଙ୍କର କଟକଣା ଯୋଗୁଁ ଅଙ୍ଗାର,କୋଇଲାର ଅଭାବହେତୁ ଚଢା ଦରରେ ଏହାକୁ ବଜାରରୁ କ୍ରୟ କରୁଥିବାରୁ ତାଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହେଉଥିବାରୁ,ଆଧୁନିକ ଯୁଗରେ ଆଧୁନିକ ପରମ୍ପରାକୁ ନେଇ ଚଳିବାରେ କଷ୍ଟ ଅନୁଭବ କରନ୍ତି ବୋଲି କହନ୍ତି । ଆଧୁନିକ ବଜାରରେ ତାଙ୍କ ସାମଗ୍ରୀର ପାରିଶ୍ରମିକ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଏହିସବୁ ଉପକରଣ ମିଳୁଥିବାରୁ ବେପାରିମାନେ ସେମାନଙ୍କ ଠାରୁ ମୁହଁ ବୁଲାଇ ନେଉଛନ୍ତି । ଏହି ସବୁ ପରିସ୍ଥିତି ସ୍ଥଳେ ସରକାରଙ୍କ କଟକଣାର ଅଭାବ ଯୋଗୁଁ କିଛି ଦିନ ହେବ ସୁଦୂର ରାଜସ୍ଥାନରୁ ରାଜସ୍ଥାନି କମାର ପରିବାର ଆମ ରାଜ୍ୟର ବିଭିନ୍ନ ଅଂଚଳକୁ ପଶିଆସିଛନ୍ତି । ବନ୍ତ ଅଞ୍ଚଳର କିଛି ସ୍ଥାନରେ ସେମାନଙ୍କର ବେପାର ପଶରା ମେଲାଇ ବସିବା ସହ ପୁରୁଣା ଜାନବାହନରୁ ବାହାରିଥିବା ଲୁହାପତିକୁ କମ ମୁଲ୍ୟରେ କ୍ରୟକରି ଗୃହ ଉପକରଣ ସାମଗ୍ରୀମାନ ତିଆରି କରି ତାକୁ କମ ମୁଲ୍ୟରେ ବିକ୍ରୀ କରୁଥିବାରୁ ଏହା ସ୍ଥାନୀୟ କମାର ଙ୍କ ମନରେ ନୈରାଶ ପୂର୍ଣ୍ଣ ବାତାବରଣ ସୃଷ୍ଟି କରୁଛି । ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ପ୍ରଦତ୍ତ ସୁବିଧା ଓ ସୁଯୋଗ ସେମାନଙ୍କର ପାଖରେ ଆଜିବି ଅପହଞ୍ଚ । କେବଳ ଘରଡ଼ିହକୁ ଛାଡ଼ିଦେଲେ ତାଙ୍କର ଜମିବାଡ଼ି ମଧ୍ୟ ସେପରି ନାହିଁ । କମାରଶାଳଟିକୁ ଘରଓଳିରେ ପରିବାରର ୩ଜଣ ସଦସ୍ୟଙ୍କୁ ବହୁ ଦୁଃଖକଷ୍ଟରେ ପ୍ରତିପୋଷଣ କରୁଛନ୍ତି । ପ୍ରତିଦିନ ସକାଳୁ ସଞ୍ଜ ଯାଏଁ ହାଡ଼ଫଟା ପରିଶ୍ରମ କରି ପାରିଶ୍ରମିକ ବାବଦକୁ ୨୦୦ଟଙ୍କା ରୋଜଗାର କରିବା ସମ୍ଭବପର ହେଉନାହିଁ । ତେଣୁ ସରକାରୀ ସ୍ତରରେ ପ୍ରଦତ୍ତ ସବୁ ସୁବିଧା ସୁଯୋଗ ତାଙ୍କୁ ମିଳିପାରିଲେ ସେ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିପାରନ୍ତେ ବୋଲି ବୁଦ୍ଧିଜୀବି ମହଲରେ ଆଶାପ୍ରକଟ ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସଲି ପୋଲିସ...

ତାହା ଏବେ ସନ୍ଦେହ ସୃଷ୍ଟି କରିଛି । ଜରିମାନା ଅର୍ଥ ଆଦାୟ ହେଉଥିବା ରସିଦ୍‌ରେ ଉଲ୍ଲେଖଥିବା ରାଶି ଅନ୍ୟଏକ ରସିଦ୍‌ରେ ବଦଳି ଯାଉଛି କିପରି ତାହା ଭ୍ରମ ସୃଷ୍ଟି କରୁଛି । ତେବେ କମିଶନରେଟ୍ ପୋଲିସ କ'ଣ ଜରିମାନା ଆଦାୟ ପାଇଁ ନକଲି ରସିଦ୍ ବ୍ୟବହାର କରୁଛି ?

ସୂଚନା ଅନୁସାରେ ଅନୁଗୁଳର ଜଣେ ସୂଚନା ଅଧିକାର କର୍ମୀ ଗତ ଜୁଲାଇ ୨୦ ତାରିଖରେ ନିଜ ମୋଟରସାଇକେଲ ଯୋଗେ କଟକ ଓଏମ୍‌ପି ଛକରୁ ନୂଆବଜାର ଦିଗକୁ ଯାଉଥିଲେ । ସେଠାରେ ଉପସ୍ଥିତ ଥିବା ଚାଉଳିଆଗଞ୍ଜ ପୋଲିସ ଗାଡି ପାସ୍ ଓ ମାସ୍କ ପିନ୍ଧି ନଥିବା ଲୋକଙ୍କର ଯାଞ୍ଚ ଚଳାଇଥିଲେ । ସେଥିରେ ସୂଚନା ଅଧିକାରକର୍ମୀ ସୁଜିତ ସାହୁଙ୍କ ଠାରୁ ୨ଶହ ଟଙ୍କା ଜରିମାନା ଅର୍ଥ ଆଦାୟ କରାଯାଇ ତାଙ୍କୁ ରସିଦ୍ ପ୍ରଦାନ କରାଯାଇଥିଲା । ତେବେ ଏହି ଜରିମାନା ଅର୍ଥ ବାସ୍ତବରେ ରାଜକୋଷକୁ ଯାଉଛି କି ନାହିଁ ତାହା ଜାଣିବା ପାଇଁ ଚାହିଁଥିଲେ ଶ୍ରୀ ସାହୁ ଓ ସେଥିପାଇଁ ସେ ସୂଚନା ଅଧିକାରରେ ଏନେଇ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ । ହେଲେ ଆରଟିଆଇରୁ ଯେଉଁ ତଥ୍ୟ ମିଳିଲା ତାହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ସୂଚାଇଥିଲା ଯେ, ଶ୍ରୀ ସାହୁଙ୍କ ଠାରୁ ୧୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ତାଙ୍କୁ ଯେଉଁ ରସିଦ୍ ପ୍ରଦାନ କରାଯାଇଥିଲା ସରକାରୀ ତହବିଲରେ ଜମା ହୋଇଥିବା ସଂଖ୍ୟାରେ ରସିଦ ନମ୍ବର ଭିନ୍ନ ଥିଲା । ଏଥିରୁ ସେ ସ୍ପଷ୍ଟ ହୋଇଥିଲେ ଯେ, କମିଶନରେଟ୍ ପୋଲିସ ନକଲି ରସିଦ୍ ବଦଳରେ ଲୋକଙ୍କ ନିକଟରୁ ଜରିମାନା ଅର୍ଥ ଆଦାୟ କରୁଛି । ଏହାକୁ ନେଇ ସେ ପୋଲିସ ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ଘଟଣାକୁ ନେଇ ସେ ମାମଲା କରିବାର ଚେତାବନୀ ମଧ୍ୟ ଦେଇଛନ୍ତି । ତେବେ ସତ କ'ଣ ପଦାକୁ ଆସୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଲୋକଙ୍କ କହିବା କଥା ବାଡ ଯଦି ଫସଲ ଖାଇବ କାହାକୁ କହିବେ ସେମାନେ ।

### 'ଅଟଳ ଟନେଲ...

ଏହି 'ଅଟଳ ଟନେଲ' ମନାଲି ନିକଟ ସୋଲଙ୍ଗ ଉପତ୍ୟକା ସହ ଲାହୁଲ୍ ଓ ସ୍ପିତି ଜିଲ୍ଲାର ଶିଶୁ ସହ ସଂଯୋଗ କରୁଛି । ସମୁଦ୍ର ପତ୍ତନ ଠାରୁ ୩୦୦୦ ମିଟର ଉଚ୍ଚରେ ୯.୦୨ କିଲୋମିଟର ଦୀର୍ଘ ଏହି ଟନେଲ ନିର୍ମାଣ କରାଯାଇଛି । 'ଅଟଳ ଟନେଲ' ନିର୍ମାଣ ଦ୍ୱାରା ମନାଲି ଏବଂ ଲେହ ମଧ୍ୟରେ ଦୂରତା ୪୬ କିଲୋମିଟର ହ୍ରାସ ପାଇବା ସହ ଦୁଇ ସ୍ଥାନ ମଧ୍ୟରେ ଯାତ୍ରା ସମୟ ଯଥେଷ୍ଟ ହ୍ରାସ ପାଇବ । ଦୁଇ ଲେନ୍ ବିଶିଷ୍ଟ ଏହି ଟନେଲ ଦେଇ ଦୈନିକ ୩୦୦୦ କାର୍ ଓ ୧୫୦୦ ଟ୍ରକ୍ ଘଣ୍ଟାପ୍ରତି ସର୍ବୋଚ୍ଚ ୮୦ କିଲୋମିଟର ବେଗରେ ଯାତାୟତ କରିପାରିବ । ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ପତାକା ଦେଖାଇ ଏକ ବସ୍ ଚଳାଚଳର ଶୁଭାରମ୍ଭ କରିଥିଲେ । ୧୫ ଜଣ ଯାତ୍ରୀଙ୍କୁ ନେଇ ଏକ ବସ୍ ଟନେଲର ଗୋଟିଏ ପାର୍ଶ୍ୱରୁ ଅପରପାର୍ଶ୍ୱକୁ ଯାତ୍ରା କରିଥିଲା । ମୋଦୀ ଟନେଲ ନିର୍ମାଣ ଦ୍ୱାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅନ୍ୟ ବୈଷୟିକ କର୍ମଚାରୀଙ୍କ ଉଚ୍ଚପ୍ରଶଂସା କରିଥିଲେ । ଉଲ୍ଲେଖଯୋଗ୍ୟ ୨୦୦୨ ମେ ୨୬ରେ ଅଟଳଜୀ ଏହି ଟନେଲର ସଂଯୋଗରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୨୦୧୩-୧୪ ପର୍ଯ୍ୟନ୍ତ ଟନେଲର ମାତ୍ର ୧୩୦୦ ମିଟର କାର୍ଯ୍ୟ ହୋଇଥିଲା । ୨୦୧୪ ପରେ ଏହି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଲା । ମାତ୍ର ୬ ବର୍ଷ ମଧ୍ୟରେ ମଧ୍ୟରେ ଟନେଲ ନିର୍ମାଣ ହୋଇପାରିଛି । ଏଥିରେ ୩୨ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଟନେଲ ନିର୍ମାଣ କରିବା ପାଇଁ ୧୪,୫୦୮ ମେଟ୍ରିକ ଟନ୍ ଷ୍ଟିଲ, ୨,୩୭,୫୯୬ ମେଟ୍ରିକ ଟନ୍ ସିମେଣ୍ଟ ବ୍ୟବହାର କରାଯାଇଥିବା ବେଳେ ନିର୍ମାଣ ପାଇଁ ଅଷ୍ଟ୍ରିୟାର ଟନେଲିଂ କୌଶଳ ବ୍ୟବହାର କରାଯାଇଛି । ଅଟଳ ଟନେଲରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରତି ୧୫୦ ମିଟର ଦୂରତାରେ ଟେଲିଫୋନର ବ୍ୟବସ୍ଥା କରାଯାଇଛି, ଯାହା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ସମ୍ପର୍କ ସ୍ଥାପନ ହୋଇପାରିବ । ପ୍ରତି ୬୦ ମିଟରରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି । ୨୫୦ ମିଟର ଦୂରତାରେ ସିସିଟିଭି ସୁବିଧା ଉପଲବ୍ଧ ରହିଛି । ବାୟୁର ମାନ ଯାଞ୍ଚ କରିବା ପାଇଁ ପ୍ରତି ୧ କିଲୋମିଟର ବ୍ୟବଧାନରେ ମେସିନ୍ ଲଗାଯାଇଛି । ଅଟଳ ଟନେଲ ନାମ ପୂର୍ବରୁ ରୋହତଙ୍ଗ ଟନେଲ ରଖାଯାଇଥିଲା । ଡିସେମ୍ବର ୨୪, ୨୦୧୯ ରେ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜନ୍ମ ବାର୍ଷିକୀରେ କେନ୍ଦ୍ର ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସମ୍ମାନିତ କରିବା ପାଇଁ ରୋହତଙ୍ଗ ଟନେଲକୁ ଅଟଳ ଟନେଲ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ ।

### ଫାଭିପିରାଭିର୍ ...

ଦ୍ୱିତୀୟ ଦିନରେ ୮ଶହ ମିଲିଗ୍ରାମ ଦିନକୁ ୨ଟି ଲେଖାଏଁ ବଟିକା ଖାଇପାରିବେ । ୬୦ ବର୍ଷରୁ ଅଧିକ କରୋନା ଆକ୍ରାନ୍ତ ଟାବଲେଟ୍ ଖାଇବା ପରେ ହେଉଥିବା ପାର୍ଶ୍ୱ ପ୍ରତିକ୍ରିୟା ବାବଦରେ ନିୟମିତ ଡାକ୍ତରଙ୍କୁ ଜଣାଇବେ । ଏସଓପିରେ କହାଯାଇଛି, ଫାଭିପିରାଭିର୍ ଖାଇବା ପରେ ରକ୍ତରେ ୟୁରିକ୍ ଏସଡିର ମାତ୍ରା ବଢିବା, ଡାଇରିଆ, ଶ୍ୱେତ ରକ୍ତକଣିକା ବୃଦ୍ଧି ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିବ । ତେବେ ଗର୍ଭବତୀ ମହିଳା, ଗର୍ଭଧାରଣ କରିବାର ସମ୍ଭାବନା ଥିବା ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ଫାଭିପିରାଭିର୍ ଖାଇପାରିବେ ନାହିଁ । ଏହି ଔଷଧର ସେବନ ଗର୍ଭାଶୟରେ ଥିବା ଶିଶୁ ଉପରେ ବିପଦ ସୃଷ୍ଟି କରିପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି । ସେହିପରି ଛୋଟ ପିଲାମାନଙ୍କୁ ଏହି ଔଷଧ ସେବନ କରିପାରିବେ ନାହିଁ ବୋଲି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହାସହିତ ଫାଭିପିରାଭିର୍ ଖାଉଥିବା ଲୋକଙ୍କୁ ମଦ୍ୟପାନ ନକରିବାକୁ ପରାମର୍ଶ ଦିଆଯାଇଛି ।

### ଏମ୍ଏସ୍‌ପି ...

ଡାଲି କିଣାଯାଇଛି ଏବଂ ଏହାର ଏମଏସପି କ୍ୱିଂଟାଲ ପ୍ରତି ୬୨୭୧.୧୧ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ବର୍ଷ ୨୦୧୪-୨୧ ଅଗଷ୍ଟ ମାସ ସୁଦ୍ଧା ଓଡ଼ିଶା ଚାଷୀଙ୍କ ଠାରୁ ୧୨,୯୫୭.୬୩ ଟନ ତୈଳଜାତ ସାମଗ୍ରୀ ଭାରତ ସରକାର କିଣିଛନ୍ତି ଓ ଏହାର ଏମଏସପି କ୍ୱିଟାଲ ପ୍ରତି ୪୩୫୧.୮୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ରାଜ୍ୟର ଚାଷୀମାନେ ପୂର୍ବରୁ କେବଳ ଏଗ୍ରିକଲଚ୍ୟୁରାଲ ପ୍ରଡ୍ୟୁସ ମାର୍କେଟ୍ କମିଟି(ଏପିଏମସି) ଅଧିନିୟମ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ । ଏହି ଆଇନ ବଳରେ ଚାଷୀମାନେ ଏପିଏମସି ସହିତ ଏହାର ବାହାରେ ମଧ୍ୟ ମୁକ୍ତ ବଜାରରେ ନିଜର ସାମଗ୍ରୀକୁ ବିକ୍ରି କରିପାରିବେ । ଅର୍ଥାତ୍ ନୂତନ କୃଷି ନୀତି ଦ୍ୱାରା ମଣ୍ଡି ବ୍ୟବସ୍ଥା ବନ୍ଦ ହେବନାହିଁ ଓ ମଣ୍ଡି ବାହାରେ ମଧ୍ୟ ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ବିକି ପାରିବେ । ଶ୍ରୀ ପ୍ରଧାନ କହିଛନ୍ତି ନୂଆ ନିୟମରେ ଚାଷୀ ଓ ବଜାର ମଧ୍ୟରେ ଏକାଧିକ ମଧ୍ୟସ୍ଥି ଓ ଦଲାଲି ବ୍ୟବସ୍ଥାକୁ ହଟାଯାଇ ଚାଷୀଙ୍କୁ ସିଧାସଳଖ ବଜାର ସହ ଯୋଡ଼ାଯାଇଛି । ଫଳରେ ଦେଶର ଯେକୌଣସି ବଜାରରେ ଚାଷୀମାନେ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାକୁ ସାମର୍ଥ୍ୟ ହେବେ । କୃଷିଜାତ ସାମଗ୍ରୀକୁ ସଂରକ୍ଷଣ କରି ରଖିବାର ବ୍ୟବସ୍ଥା ମଧ୍ୟ ବିଧେୟକରେ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଆତ୍ମନିର୍ଭର ଭାରତ ପ୍ୟାକେଜରେ ୧ ଲକ୍ଷ କୋଟିର କୃଷି ଭିତିଭୂମି ପାଣ୍ଠି, ୧୦ ହଜାର କୃଷି ଉତ୍ପାଦନ ସଂସ୍ଥା(ଏଫପିଓ) ଗଠନ ପାଇଁ ଯୋଜନା ହୋଇଛି । ଏହି ଆଇନ ଦ୍ୱାରା ଉଭୟ ଓଡ଼ିଶା ଓ ଭାରତର ଚାଷୀମାନେ ଲାଭବାନ ହେବେ । ଉତ୍ପାଦିତ ସାମଗ୍ରୀର ବର୍ଦ୍ଧିତ ସହାୟକ ମୂଲ୍ୟ ଚାଷୀମାନେ ପାଇପାରିବେ । କଂଟ୍ରାକ୍ଟ ଫାର୍ମିଂ ଦ୍ୱାରା କେବଳ ଚାଷୀର ଉତ୍ପାଦନ ଫସଲ କିଣିହେବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀଙ୍କ ପାଇଁ ଏପରି ବିଲ୍ ଆଣି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି । ଭାରତର ଜିଡିପିରେ କୃଷି କ୍ଷେତ୍ର ଏକ ମହତ୍ୱପୂର୍ଣ୍ଣ ଭୂମିକା ରଖୁଛି । ତେଣୁ ଭାରତର ମୂଳ ଆଧାର କୃଷି କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତନ ଆଣିବା ଲକ୍ଷ୍ୟରେ ଏହି ବିଲ୍ ଅଣାଯାଇଥିଲା । ଏହି ବିଧେୟକ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ସାମଗ୍ରୀର ସଠିକ୍ ମୂଲ୍ୟ ଦେବ ଏବଂ ଉପଭୋକ୍ତାଙ୍କୁ ମଧ୍ୟ ସଠିକ୍ ମୂଲ୍ୟରେ ସାମଗ୍ରୀ ମିଳିପାରିବ । ସେ କହିଛନ୍ତି ପୂର୍ବରୁ ଚାଷୀମାନେ କେବଳ ଜୀବନଜୀବିକା ପାଇଁ ଚାଷ କରୁଥିଲେ । ମାତ୍ର ଏହି ନୂଆ କୃଷି ନୀତି ଦ୍ୱାରା ଯୁବ ଚାଷୀମାନେ କୃଷି ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏବଂ ସେମାନଙ୍କ ଆକାଂକ୍ଷାକୁ ପୂରଣ କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାଏକ ଓ ଡା.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଭେଟେରାନ ଲିଡର ...

କିନ୍ତୁ ଶେଷ ମୁହୂର୍ତ୍ତରେ ଯଦି ଅସନ୍ତୋଷ ବଢ଼ିଚାଲେ ତେବେ ଡାର୍କ ହର୍ଷ ରୂପେ ବର୍ଷିଆନ ତଥା ପାଞ୍ଚଥରର ବିଧାୟକ ଅରୁଣ ଦେ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଅଭିଜ୍ଞ ଗିରିଶ ଚନ୍ଦ୍ର ଦାଶଙ୍କ ନାମକୁ ମଧ୍ୟ ହିସାବକୁ ନିଆଯାଇପାରେ । କିନ୍ତୁ ,ହା ଭିତରେ ଦାଦାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି । ସେ ଗେମ ଚେଞ୍ଜର ରୂପେ ବାଲେଶ୍ୱର ରାଜନୀତିରେ ଏଣ୍ଟ୍ରି କରି ନିର୍ବାଚନ ମାହୋଲକୁ ଚରମ ସୀମାରେ ପହଞ୍ଚାଇ ସମସ୍ତ ପ୍ରାର୍ଥୀଙ୍କ ନିଦ ହଜାଇ ଦେଇଛନ୍ତି । ୩ ଦଳର ସର୍ବୋଚ୍ଚ ନେତା ତାଙ୍କ ସହିତ ଆଲୋଚନା କରୁଥିବାର ଲକ୍ଷ୍ୟ କରାଯାଉଛି । ତାଙ୍କ ପାଖରେ ଥିବା ପ୍ରାୟ ୨୦୦୦୦ ଭୋଟ ଯିଏ ପାଇବ ସେ ଜିତିବ । ତେଣୁ ଗତ ନିର୍ବାଚନ ମାନଙ୍କରେ ମଧ୍ୟ ଜିତାଇବାରେ ମୁଖ୍ୟ ଭୂମିକା ନେଇଛନ୍ତି । ନିର୍ବାଚନ ତିନି ତାରିଖରେ ହେବ । ତଥାପି ପ୍ରାର୍ଥୀ ଚୟନ ସରୁନି, ଏହା ଭିତରେ ଯଦି ମୁଖ୍ୟମନ୍ତ୍ରୀ ମହିଳା କାର୍ଡ ଖେଳିବେ ତେବେ ସମାଜସେବୀ ସୁବାସିନୀ ଜେନାଙ୍କ ନାମ ଚୂଡାନ୍ତ ହୋଇପାରେ । କାରଣ ଶ୍ରୀମତୀ ଜେନା ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଧର୍ମପତ୍ନୀ । ଏପଟେ ବିଜେପିର ସ୍ୱର୍ଗତ ମଙ୍ଗୁ ଦତ୍ତଙ୍କ ପୁତ୍ର ମାନସ ଦତ୍ତ ବିଭିନ୍ନ ପଞ୍ଚାୟତ ବୁଲି ନିର୍ବାଚନ ମିଶ୍ରଣ କାର୍ଯ୍ୟ ଜୋରସୋରରେ କରୁଛନ୍ତି । ବ୍ଲକ ଘେରାଉ ମ୍ୟୁନିସିପାଲିଟି ଘେଣାଉ କରି ପ୍ରଶାସନକୁ ହରଡଘଣାରେ ପକାଇ ଚାଲିଛନ୍ତି । ପ୍ରାୟ ସେ ବିଜେପିରୁ ଆଗାମୀ ପ୍ରାର୍ଥୀର ସୂଚନା ପାଇସାରିଛନ୍ତି । ଏହାଭିତରେ ବିଜେପିର ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଭୁବନେଶ୍ୱର ସାଂସଦ ଅପରାଜିତ ଷଡଙ୍ଗୀଙ୍କ ସହାୟତାରେ ଦିଲ୍ଲୀରେ ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ବିଜେପି ଜିଲ୍ଲା ସଭାପତି ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ପାଖ ଲୋକ ହିସାବରେ ଉମାକାନ୍ତ ମହାପାତ୍ରଙ୍କ ନାମକୁ ମଧ୍ୟ ଶୁଣାଯାଉଛି । କଂଗ୍ରେସର ଅବସ୍ଥା ଭଲ ନୁହେଁ । କାରଣ ଦଳ ପ୍ରାୟ ସମସ୍ତ ବାଇ ଇଲେକ୍ସନରେ ପଛରେ ଥାଏ । ଏଠାରୁ ଯୁବନେତା ବିକ୍ରମ ପଣ୍ଡା ଆଶାୟୀ ଥିଲା ବେଳେ ସେ ଏକଘରିକିଆ ହୋଇ ରହିଛନ୍ତି । ଗତ ନିର୍ବାଚନରେ ବିକ୍ରମ ଆଶାୟୀ ଥିଲେ, ମାତ୍ର ଅନ୍ୟଜଣଙ୍କୁ ପ୍ରାର୍ଥୀ କରାଇ ଦଳୀୟ ଭୋଟକୁ ବିଭାଜନ କରିଥିଲା । ପ୍ରକୃତ କଂଗ୍ରେସ ଭୋଟର ଅନ୍ୟ ଦଳକୁ ସମର୍ଥନ କରିଥିଲେ । ପ୍ରାୟ ସବୁ ପଞ୍ଚାୟତରେ ବିକ୍ରମ ପଣ୍ଡାଙ୍କୁ ଲୋକେ ଚାହୁଁଛନ୍ତି, କିନ୍ତୁ ଦଳ କାହାକୁ ଚାହୁଁଛି କି କାହା ସହିତ ସାଲିସ କରୁଛି ଦେଖିବା ବାକି ରହିଲା । ଯଦି ବିକ୍ରମ ପ୍ରାର୍ଥୀ ହୁଅନ୍ତି ତେବେ ବିଜେଡି-ବିଜେପି ମଧ୍ୟରେ ଭାଳେଣି ପଡିଯିବ । ତେଣୁ ତିନି ଦଳରେ ଟିକେଟ୍ ବଣ୍ଟନ ସେ ଜଣେ ଭେଟେରାନ ନେତା ଅରୁଣ ଦେ ଦାଦାଙ୍କ ଉପରେ ନିର୍ଭର । ସେ ଯାହାକୁ ଚାହିଁବେ ସେ ତିନି ଦଳର ପ୍ରାର୍ଥୀ ହେବ ଏବଂ ସେ ଯେଉଁ ପ୍ରାର୍ଥୀଙ୍କୁ ଚାହିଁବେ ନିଜେ ସମର୍ଥକଙ୍କ ଦ୍ୱାରା ଜିତାଇବି ଦେବେ । ତେଣୁ ସମସ୍ତ ରାଜନୀତିକ ଦଳର ଶୀର୍ଷ ନେତା ସହିତ ଗୁପ୍ତ ମନ୍ତ୍ରଣା କରୁଥିବାର ଲକ୍ଷ୍ୟ କରାଯାଉଛି । ଦେଖିବା ଏଥର ବାଲେଶ୍ୱର ସଦରର ସଚେତନ ଭୋଟର କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି ।

### ମହାଯାତ୍ରାରେ ...

ତାଙ୍କୁ ଗିରଫ କରାଯାଇଥିଲା । ୧୯୭୭ ମସିହାରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ କଲେଜର ଛାତ୍ର ସଂସଦ ସଭାପତିର ନିଜର ରାଜନୈତିକ କ୍ୟାରିୟର କରିଥିବା ଶ୍ରୀ ମହାରଥୀ ଆଉ ପଛକୁ ଫେରିନାହାନ୍ତି । ୧୯୮୫ ମସିହାରେ ପ୍ରଥମଥର ପାଇଁ ଜନତା ଦଳ ଟିକେଟରେ ନିର୍ବାଚନ ଜିତି ବିଧାୟକ ହୋଇଥିଲେ । ୧୯୯୫ ମସିହାରେ ଗୋଟିଏ ଥର ନିର୍ବାଚନରେ ପରାଜିତ ହେବା ପରେ ସେ ଆଉ ପରାଜୟର ମୁହଁ ଦେଖିନାହାନ୍ତି । ପିପିଲି ବିଧାନସଭା ଆସନରୁ ସେ ୨୦୦୦ ମସିହାରୁ ବିଜେଡି ଟିକେଟରେ କ୍ରମାଗତ ୫ମଥର ନିର୍ବାଚିତ ହୋଇଛନ୍ତି । ସେ ମୋଟ ୭ଥର ବିଧାୟକ ହୋଇଥିବା ବେଳେ ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ସରକାରୀ ମୁଖ୍ୟ ସଚେତକ, ୨୦୧୧ ରୁ ୨୦୧୨ ଜାନୁଆରୀ ପର୍ଯ୍ୟନ୍ତ ୮ ମାସ ପାଇଁ କୃଷି ମନ୍ତ୍ରୀ ହୋଇଥିଲେ । ପ୍ରଥମଥର କୃଷି ମନ୍ତ୍ରୀ ଥିବା ବେଳେ ପିପିଲି ଗଣଦୁଷ୍କର୍ମ ଘଟଣାରେ ତାଙ୍କର ସହଯୋଗୀମାନଙ୍କ ସମ୍ପୃକ୍ତି ଯୋଗୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା ହେବାକୁ ପଡିଥିଲା । ତେବେ ପରେ ସେ ପୁଣିଥରେ ମନ୍ତ୍ରିମଣ୍ଡଳକୁ ଫେରି ନବୀନ ପଟ୍ଟନାୟକଙ୍କ ଚତୁର୍ଥ ପାଳି ସରକାରରେ ୨୦୧୪ ମେ'ରୁ ୨୦୧୭ ମେ' ପର୍ଯ୍ୟନ୍ତ ପୁଣିଥରେ କୃଷି ମନ୍ତ୍ରୀ ସହ ମତ୍ସ୍ୟ ଓ ପଶୁସମ୍ପଦ, ୨୦୧୭ ମେ'ରୁ ୨୦୧୯ ଜାନୁଆରୀ ପର୍ଯ୍ୟନ୍ତ ପଞ୍ଚାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଶ୍ରୀ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀ ଜଣେ ଅଧ୍ୟାପିକା ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି ।

### ବିବାଦୀୟ ଗୃହରେ ...

ମଧ୍ୟରେ ଜିଲାପାଳ ଭଦ୍ରକ ଏହାର ତଦନ୍ତ କରି ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ: ପଂଚାୟତ ପୁନର୍ଗଠନ ଆଇନରେ ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତନ୍ମମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗ କରାଯାଇ ନୂତନ ଭାବେ ବଡ଼ବର୍ଚ୍ଛିକୟାଁ ପଂଚାୟତ ଗଠନ କରାଯାଇଥିଲା । ତେବେ ବିଦ୍ୟାଳୟ ନିମନ୍ତେ ସଂରକ୍ଷିତ ଜମିରେ ପଂଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହେଉଛି ଓ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି । ଏନେଇ ଜୁଲାଇ ମାସରେ 'ଏକମାତ୍ର'ରେ ବିସ୍ତୃତ ଖବର ପ୍ରକାଶ ପାଇଥିଲା । ତା'ପରେ ମଧ୍ୟ ସମସ୍ତ ନିୟମକୁ ଉଲଂଘନ କରି ତରବରିଆ ଭାବେ ଜୁଲାଇ ମାସ ୨୭ ତାରିଖରେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଓ ସ୍ଥାନୀୟ ସରପଂଚଙ୍କ ଉପସ୍ଥିତିରେ ପଂଚାୟତ ଗୃହ ଛାତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ପରେ ଉଚ୍ଚ ନ୍ୟାୟାଳୟ ଆଡ଼ଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ଚିଠି ନଂ ୧୨୩୬୫ ତା ୩୦/୦୭/୨୦୨୦ରେ ଭଦ୍ରକ ଜିଲାପାଳଙ୍କୁ ଉକ୍ତ ମାମଲାର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ଏକକିତା ନକଲ ବନ୍ତ ତହସିଲଦାର ଓ ବନ୍ତ ବିଡ଼ିଓଙ୍କୁ ପଠାଯାଇଥିଲା । ଉକ୍ତ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପଂଚାୟତ ଗୃହ କାର୍ଯ୍ୟ ଋଲୁ ରହିବା କେତେ ଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଗତ ୩ ତାରିଖରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ତଦନ୍ତ ନିର୍ଦ୍ଦେଶ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବାରୁ ଏହାର ବିଚର ନସରିବା ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରଖିବା ପାଇଁ ଗତ ମାସ ୨୦ ତାରିଖରେ ପଂଚାୟତ ବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଜିଲ୍ଲାରେ ଜିଲ୍ଲାପାଳଙ୍କ ପୈତୃକ ଘର, ଆଗକୁ ଉପନିର୍ବାଚନ

# ବଦଳି ନହେବାର ରହସ୍ୟ କ'ଣ ?



**ଭୁବନେଶ୍ୱର:** ରାଜ୍ୟରେ ମହାମାରୀ କୋଭିଡ ୧୯ ସଂକ୍ରମଣ ଦିନକୁ ଦିନ ବ୍ୟାପି ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲା ରେ ତା ର କାୟା ମଧ୍ୟ ବିସ୍ତାରକରି ଚାଲିଛି । ରାଜ୍ୟର ଏକ ଘଡିସନ୍ଧି ମୁହୂର୍ତ୍ତରେ ସରକାର ହଠାତ୍ କିଛି ଜିଲ୍ଲାପାଳ ମାନଙ୍କର ଛୋଟ ଧରଣର ବଦଳି କରିଥିବାବେଳେ ଜଗତସିଂହପୁର ଜିଲ୍ଲାପାଳ ନିଜ ଜିଲ୍ଲା ରେ ରହିଯାଇ ସରକାରଙ୍କ ଗେହ୍ଲା ପୁଅ ଭାବେ କାର୍ଯ୍ୟକରି ଚାଲିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲାପାଳ ଭାବେ ଦିର୍ଘ ଦୁଇ ବର୍ଷଧରି ଦାୟିତ୍ୱରେ ଥିବା ସଂଗ୍ରାମ କେଶରୀ ମହାପାତ୍ର ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଶଙ୍ଖେଶ୍ୱର ଅଞ୍ଚଳରେ ତାଙ୍କର ପୈତୃକ ବାସଭବନ ରହିଅଛି । ଶ୍ରୀ ମହାପାତ୍ର ଜଣେ ଓ.ଏ. ଏସ୍. ଅଫିସର ଭାବେ କାର୍ଯ୍ୟରତ ଥିବାବେଳେ ପଦୋନ୍ନତି ଭିତ୍ତିରେ ତାଙ୍କ ନିଯୁକ୍ତି ନିଜ ଜିଲ୍ଲାରେ ହେବାକୁ ନେଇ ଦ୍ୱନ୍ଦ ଉପୁଜିଥିଲେବି ସରକାରି ଦଳର ବାବୁ ମାନଙ୍କ ପାଇଁ ସେ ଆଜିପର୍ଯ୍ୟନ୍ତ ଗାଦି ମାଡି ବସିଛନ୍ତି । ଏହି ଜିଲ୍ଲାର ବାସିନ୍ଦା ହୋଇଥିବାରୁ ଜିଲ୍ଲାପାଳଙ୍କ ସରକାରୀ ବାସଭବନ ଏକ ଭୂତକୋଠି ଭାବେ ପାଲଟି ଗଲାଣି । କରୋନା ମହାମାରୀ ଆଗରୁ ବି ଜନ ସାଧାରଣ ତାଙ୍କ ସରକାରୀ ବାସଭବନକୁ ଯାତାୟତ କରିବା ନିଶିଦ୍ଧ ଥିଲା । ସେ କେବଳ ସରକାରୀ କାର୍ଯ୍ୟାଳୟରେ ବସିରହି କାର୍ଯ୍ୟ କରୁଥିଲେବି ଜନସାଧାରଣ ଜିଲ୍ଲାପାଳଙ୍କୁ ଭେଟିବା ସମ୍ଭବପର ହେଉନଥିଲା । ଏପରି ଏକ ମହାମାରୀ କୋଭିଡ-୧୯ ସଂକ୍ରମଣ ଦିନକୁ ଦିନ ବ୍ୟାପିବାରେ ଲାଗିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହୋଇଚାଲିଛି, ଫଳରେ ଜିଲ୍ଲାରେ ଦିନକୁ ଦିନ ସଂକ୍ରମଣ ନିୟନ୍ତ୍ରଣ କରିବା ଆଉ ସମ୍ଭବପର ହେଉନାହିଁ । ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକରେ ହଜାର ହଜାର ଚାଷଜମି ମାନଙ୍କରେ ପାଣି ବୁଡି ରହି ଚାଷି ମାନଙ୍କର ଧାନ ଫସଲ ଓ ପରିବା ଫସଲ ଉଜୁଡି ଯାଇଥିବାବେଳେ ଏପର୍ଯ୍ୟନ୍ତ ଜିଲ୍ଲାପାଳ ଏହାର ତଦନ୍ତ କରିପାରିନାହାନ୍ତି । ବହୁ ବ୍ଲକରେ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇ ଥିବାବେଳେ ଚାଷି ମାନଙ୍କର କ୍ଷତି ପୁରଣ ଦିଆଯାଇ ପାରିନାହିଁ । ଜିଲ୍ଲାପାଳ ଶ୍ରୀ ମହାପାତ୍ର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବାସିନ୍ଦା ହୋଇଥିବାରୁ ବର୍ତ୍ତମାନର ଜଗତସିଂହପୁର ସାଂସଦଙ୍କ ଛତ୍ର ଛାୟାତଳେ କାୟାବିସ୍ତାର କରି ରହିଯାଇ ତୃତୀୟ ମହଲାର ଗୁଡ୍ ବୁକ୍‌ରେ ସ୍ଥାନ ପାଇଯିବାରେ ସକ୍ଷମ ହୋଇଛନ୍ତି । ଆସନ୍ତା ନଭେମ୍ବର ୩ତାରିଖ ଦିନ ୧୦୨ ତିର୍ତ୍ତୋଲ ସଂରକ୍ଷିତ ନିର୍ବାଚନ ମଣ୍ଡଳିର ଉପ ନିର୍ବାଚନ ପାଇଁ ନିର୍ବାଚନ କମିସନର ତାରିଖ ନିର୍ଦ୍ଧାରଣ କରିଥିବାବେଳେ ଶ୍ରୀ ମହାପାତ୍ରଙ୍କୁ ଏଠାରୁ ବଦଳି କରିବା ପାଇଁ ବିରୋଧି ଦଳ ମାନଙ୍କ ପକ୍ଷରୁ ଦାବି ମଧ୍ୟ ଯୋର ଧରିଲାଣି ।

# ୩ ବର୍ଷରେ ରାଜ୍ୟର ସବୁ ବସ୍ତି ହେବ 'ଆଦର୍ଶ କଲୋନୀ'

**ଭୁବନେଶ୍ୱର :** ଆଗାମୀ ତିନି ବର୍ଷରେ ରାଜ୍ୟର ସବୁ ବସ୍ତି ଆଦର୍ଶ କଲୋନୀରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଫକୀରମୋହନଙ୍କ ଭୂମି ତଥା ଓଡ଼ିଆ ଭାଷା ସୁରକ୍ଷା ଭୂମି ବାଲେଶ୍ୱରରୁ ବସ୍ତି ଉନ୍ନତିକରଣ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସହରର ବିକାଶ ଠାରୁ ଆରମ୍ଭ କରି କୋଭିଡ ଲଢ଼େଇ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବସ୍ତିର ଗରିବ ଲୋକମାନେ ଆଗରେ ରହି କାମ କରୁଛନ୍ତି । ତେଣୁ ବିକାଶ ଉପରେ ମଧ୍ୟ ସେମାନଙ୍କର ସମାନ ଅଧିକାର ରହିଛି । ଏହି ଯୋଜନାରେ ରାଜ୍ୟର ବସ୍ତିରେ ବିଜୁଳି, ଭଲ ପିଇବା ପାଣି, ରାସ୍ତା, ଗୋଷ୍ଠୀକେନ୍ଦ୍ର ଆଦି ନାଗରିକ ସୁବିଧାର ବିକାଶ କରି ବସ୍ତିର ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣାଯିବା ସହିତ ଜୀବିକା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟର ଏକ ହଜାର ବସ୍ତିରେ ଏହି କାର୍ଯ୍ୟକ୍ରମ ତୁରନ୍ତ ଆରମ୍ଭ କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଜାଗା ମିଶନ ସାରା ଦେଶରେ ଇତିହାସ ସୃଷ୍ଟି କରିଥିଲା । ଏପରିକି ଏହି କାର୍ଯ୍ୟକ୍ରମ ବିଶ୍ୱ ସମୁଦାୟର ମଧ୍ୟ ଦୃଷ୍ଟି ଆକର୍ଷଣ କରିପାରିଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ କୋଭିଡ ନିୟମାବଳୀ ପାଳନ କରିବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ୪୧ଟି ବସ୍ତିର ୨୦୫୪ ଜଣଙ୍କୁ ଏବଂ ସାରା ରାଜ୍ୟରେ ୧ ଲକ୍ଷ ୫ ହଜାର ଭୂମି ଅଧିକାର ପ୍ରମାଣପତ୍ର ଆବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପୂର୍ବରୁ ୬୦ ହଜାର ବସ୍ତି ଲୋକଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଆଗାମୀ ୩ ମାସ ମଧ୍ୟରେ ୧ ଲକ୍ଷ ୬୫ ହଜାରରୁ ଅଧିକ ଲୋକ ଭୂମି ଅଧିକାର ପ୍ରମାଣପତ୍ର ପାଇବେ । ସୂଚନାଯୋଗ୍ୟ ଯେ ସାରା ରାଜ୍ୟର ୧୦୧ଟି ପୌରାଞ୍ଚଳର ୧୭୧୮ଟି ବସ୍ତିର ସାଢେ ଚାରି ଲକ୍ଷ ଲୋକ ଭୂମି ଅଧିକାର ପ୍ରମାଣପତ୍ର ଦ୍ୱାରା ଉପକୃତ ହେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧୬ଟି ବହୁମୁଖୀ ଗୋଷ୍ଠୀ କେନ୍ଦ୍ର 'ପରିଚୟ'ର ମଧ୍ୟ ଲୋକାର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ଆଉ ୪୦୦ଟି ବହୁମୁଖୀ ଗୋଷ୍ଠୀକେନ୍ଦ୍ର ନିର୍ମାଣାଧୀନ ଅଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବସ୍ତି ଉନ୍ନତିକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଏହାର ଏସ୍ଓପି ଡକୁମେଣ୍ଟ ଉନ୍ମୋଚିତ କରିଥିଲେ ।

# ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମ୍ନମାନର



**ଭଦ୍ରକ :** ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସରକାରଙ୍କ ଯୋଜନା ସଫଳ ରୁପାୟନ ହୋଇପାରୁନାହିଁ କେବଳ ଅର୍ଥ ଶ୍ରାଦ୍ଧ ହେବା ସାର ହେଉଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତ ୪ନଂ ୱାର୍ଡ଼ ଅର୍ନ୍ତଗତ ବିଶଲକଣା ଗ୍ରାମରେ । ଉକ୍ତ ଗ୍ରାମରେ ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ 'ଆମ ଗାଁ ଆଗ ବିକାଶ' ଯୋଜନାରେ ପଂଚାୟତ ସମିତି ବନ୍ତ ପକ୍ଷରୁ୨୦୧୮ ମସିହା ଅଗଷ୍ଟ ମାସ ୨୩ ତାରିଖରେ ଏକ ଗୋଷ୍ଠୀକେନ୍ଦ୍ରର କାର୍ଯ୍ୟାରମ୍ଭ କରାଯାଇଥିଲା । ୫ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ଗୃହ ଦୀର୍ଘ ୨ବର୍ଷ ପରେ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିଲା । କାର୍ଯ୍ୟଦେଶ ପାଇବାର ୬ମାସ ମଧ୍ୟରେ ଗୋଷ୍ଠୀକେନ୍ଦ୍ର ଗୃହ ସଂପୂର୍ଣ୍ଣ କରିବା ପାଇଁ ସରକାର ଲକ୍ଷ ଧାର୍ଯ୍ୟ କରିଥିଲେ ସୁଦ୍ଧା ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନଥିଲା ଓ ଅଦ୍ୟାବଧି ହୋଇପାରିନାହିଁ ମଧ୍ୟ । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବଯୋଗୁଁ ଏହିପରି ଅସୁବିଧା ଉପୁଜୁଥିବାର ଅଭିଯୋଗ ହୋଇଆସୁଥିଲା । ଏହି ଗୃହ ନିର୍ମାଣ ଯଥା ଶୀଘ୍ର ଶେଷ କରିବା ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଆସୁଥିଲେ । ଏ ନେଇ ବିସ୍ତୃତ ଖବର 'ଏକମାତ୍ର'ରେ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ଗତମାସ ଆରମ୍ଭ ହୋଇଥିଲା । ଗୃହର ଛାତ ପଡ଼ିବା ସହ ଅନ୍ୟାନ୍ୟ କାର୍ଯ୍ୟ ଯେପରି କବାଟ ,ଝରକା ଆଦି ଲାଗିସାରିଥିବା ବେଳେ ରଙ୍ଗକାର୍ଯ୍ୟ ମଧ୍ୟ ସରିଯାଇଛି କିନ୍ତୁ ଗୃହ ନିର୍ମାଣ ନିମ୍ନମାନର ହୋଇଥିବାରୁ ବର୍ଷା ହେଲେ ବର୍ଷାଜଳ ବାହାରକୁ ନବୋହି ଘର ଭିତରକୁ ପଶି ଘରେ ପାଣିର ଲହରୀ ସୃଷ୍ଟି କରୁଛି । କାନ୍ଥ ସାରା ପାଣି ସନ୍ତଉଛି । ଏହି ସବୁକୁ ଦେଖିଲେ ଘରର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ୱାର୍ଡବାସୀ ଦାବି କରିଛନ୍ତି ।

# ବିପ୍ଳବୀ ଭଗତ ସିଂ



ଅକ୍ଷୟ କୁମାର ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ। ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ। ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ।

ଭଗତ୍ ସିଂ ଜେଜେବାପା ଅର୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ।

ଦିନେ ଭଗତ୍ ସିଂ , ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି ' କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ। ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣିରେ ନାମ ଲେଖାଇଲେ। ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚ୍ଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ। ଶଚ୍ଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି।





ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ତ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ। ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତଥିଲା। ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୮ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ। ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ "ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି" ନାମକ ଏକ ସଙ୍ଗଠନ ଗଢାହେଲା। ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀ ଯୋଗଦେଲେ।୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା। ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ। ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଳିକତା ପଳାଇଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା। ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ। ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଳବୀମାନଙ୍କ ଝଇନ୍‌କିଲାବ ଜିନ୍ଦାବାଦ୍? ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ "ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ।" ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ- "ମାଜିଷ୍ଟ୍ରେଟ ସାହେବ। ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ"। ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# ବନୀକରଣରେ ବିହନ ବୋମା



ନଳିନୀ କୁମାର ପଣ୍ଡା

ଆଜି ଆମେ ଏକ ଏମିତି ସମୟ ଦେଇ ଗତି କରୁଛୁ, ଯେଉଁଠି ଦିନକୁଦିନ ଗଛ ଗୁଡ଼ିକ ବିପଦଗ୍ରସ୍ତ ହେବାରେ ଲାଗିଛନ୍ତି । ଫଳରେ ପୃଥିବୀ ପୃଷ୍ଠରେ ଜଙ୍ଗଲ ସମ୍ପଦର ହ୍ରାସ ଘଟୁଛି, ଜୀବଜଗତ ତିଷ୍ଠି ରହିବା କଷ୍ଟକର ହେଇ ପଡୁଛି । ଜୈବ ବିବିଧତା ବିଗିଡ଼ିବାରେ ଲାଗିଛି ଓ ୨୦୧୫ ମସିହା ରେ ନେଚର ପତ୍ରିକାରେ ପ୍ରକାଶିତ ହୋଇଥିବା ଏକ ଅନ୍ତର୍ଜାତୀୟ ବୃକ୍ଷ ଗଣନା ତଥ୍ୟରୁ ଜଣାଯାଏ ଯେ ପ୍ରତ୍ୟେକ ବର୍ଷ ପ୍ରାୟ ୧୫ ଶହକୋଟି ଗଛ ଜଙ୍ଗଲ କ୍ଷୟ ଓ ଭୂମିରୂପ ପରିବର୍ତନ ପାଇଁ କଟା ଯାଉଛି । ନୂତନ ସହରାଂଚଳ, ରାସ୍ତାଘାଟ, ବହୁତଳ କୋଠା, ମେଟ୍ରୋ ଷ୍ଟେସନ ଆଦି ତିଆରି କରି ବିକାଶର ଧାରାରେ ଯୋଡି ହେବା ପାଇଁ କୌଣସି ଫଳାଫଳକୁ ଖାତିର ନକରି ଅବାଧରେ ଗଛ କଟା ଚାଲିଛି । ଆନ୍ତର୍ଜାତୀୟ ବୃକ୍ଷ ଗଣନା ଦଳରେ ଥିବା ଗବେଷକ ମାନଙ୍କ ମତ ଅନୁସାରେ ଭାରତରେ ଥିବା ବ୍ୟକ୍ତି ପିଛା ଗଛ (୨୮) ଯାହାକି, ଚାଇନା (୧୩୦), ଆମେରିକା (୬୯୯) ଓ ଋଷ (୪୮୫୬) ଠାରୁ ବହୁତ କମ ଓ ପରିବେଶର ପ୍ରତିପୋଷଣ ପାଇଁ ଅଧିକାଂଶ ବିପଦଗ୍ରସ୍ତ ଗଛ ଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ, କାରଣ ସେମାନେ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ଗ୍ୟାସ ସବୁକୁ ନିୟନ୍ତ୍ରଣ କରିଥାନ୍ତି । ବାୟୁ ଏବଂ ଜଳର ଗୁଣବତାକୁ ବୃଦ୍ଧି କରିବା ସହିତ ପୃଥିବୀର ବିଶାଳ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇଥାନ୍ତି । ସ୍ୱଳ୍ପ ବୃକ୍ଷର ଘନତ୍ୱ ଓ ଅତ୍ୟନ୍ତ ବାୟୁ ପ୍ରଦୂଷଣ ସମସ୍ୟାରେ ଜର୍ଜରିତ ଆମ ଦେଶ ଭାରତବର୍ଷ ଆଭାସ ଦେଉଛି ଯେ ଦେଶପାଇଁ ତୀବ୍ର ବନୀକରଣ ନିହାତି ଜରୁରୀ । ତେଣୁ ଅଳ୍ପ ସମୟ ମଧ୍ୟରେ ସ୍ୱଳ୍ପ ଖର୍ଚ୍ଚ ଓ ସୁବିଧାରେ ଅଧିକ ରୁ ଅଧିକ ବନୀକରଣ କରିବା ଏବଂ ଉଜୁଡ଼ା ଜଙ୍ଗଲକୁ ପୁନଃରୁଦ୍ଧାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଏହା ପାଇଁ ଅନେକ ରାଜ୍ୟ ଗୋଟିଏ ନୂତନ ପଦ୍ଧତି ଅବଲମ୍ବନ କରୁଛନ୍ତି ଯାହାକି 'ବିହନ ବୋମା' ଭାବରେ ପରିଚିତ ଓ ଯେମିତି ବୋମା ମାଡ଼ ହେଲେ ଗୋଟିଏ ସ୍ଥାନର ଭୂମିରୂପରେ ପରିବର୍ତନ ହୋଇଯାଇଥାଏ, ଠିକ ସେମିତି ବିହନ ବୋମା ଦ୍ୱାରା ଗୋଟିଏ ଜାଗାର ଆମୁଳଚୁଳ ପରିବର୍ତନ ଘଟିଥାଏ ଓ ମରୁଭୂମି ଭଳି ପ୍ରତୀୟମାନ ହେଉଥିବା ସ୍ଥାନଟି ସବୁଜିମାରେ ପରିପୂର୍ଣ୍ଣ ହୁଏ, ବୃଷ୍ଟିପାତ ସ୍ୱାଭାବିକ ହୁଏ ଓ ପରିବେଶର ସନ୍ତୁଳନ ଠିକ ହୋଇଯାଏ । ଏହିପରି ଭାବରେ ବିହନ ବୋମା ସମାଜର ହିତ ସାଧନ କରିଥାଏ ଓ ତେବେ ଆସନ୍ତୁ ଜାଣିବା ଏହି ବିହନ ବୋମାଟି କଣ?

**ବିହନ ବୋମା:** ବିହନ ବୋମା ହେଉଛି ଏକ ପ୍ରାଚୀନ ଜାପାନୀ ପଦ୍ଧତି, ଯାହାକୁ ଜାପାନୀ ଭାଷାରେ 'ସୁଚି ଡାଙ୍ଗ' ଅର୍ଥାତ ମାଟି ପିଣ୍ଡୁଳା କୁହନ୍ତି । ଏହା ହେଉଛି ମାଟି, ଗୋବର ଖତ ଓ ସ୍ଥାନୀୟ ଅଂଚଳରେ ମିଳୁଥିବା ମଞ୍ଜିର ଏକ ଛୋଟ ପିଣ୍ଡୁଳା, ଯାହାକୁ ବୋମା ଭଳି ଫାଙ୍କା ବା ଅପରିଷ୍କୃତ ଜାଗାକୁ ସବୁଜ ସୁନ୍ଦର, ବାସପଯୋଗୀ ସ୍ଥାନରେ ପରିଣତ କରିବା ପାଇଁ ନିକ୍ଷେପ କରାଯାଇଥାଏ । ବିହନ ବୋମା କୁ ବିହନ ପିଣ୍ଡୁଳା ବା ବୀଜ ପିଣ୍ଡୁଳା ମଧ୍ୟ କୁହାଯାଏ । ଏହାକୁ ବହୁ ଦେଶରେ ବନୀକରଣ ବା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିମିତ ବ୍ୟବହାର କରାଯାଏ ଏବଂ ଭାରତର ଅନେକ ରାଜ୍ୟ ମଧ୍ୟ ଏହାର ଉପଯୋଗ କରିବା ଆରମ୍ଭ କଲେଣି ।

ବିହନ ବୋମା ଗୁଡ଼ିକ ଚାରା ଗଛ ଅପେକ୍ଷା ଶସ୍ତା, ସୁନ୍ଦର ଓ ସହଜ ଉପାୟରେ ଜୈବିକ ପଦ୍ଧତିରେ ତିଆରି ହୋଇଥାଏ । ବିହନ ବୋମା ଗୁଡ଼ିକ ଛୋଟ ଆକାରରେ ହୋଇଥିବାରୁ, ଅନେକ ଗୁଡ଼ିକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପକେଟରେ ଧରି ନିଆଯାଇପାରେ ଏବଂ ଅଳ୍ପ ସମୟରେ ଗୋଟିଏ ବୃହତ ସ୍ଥାନରେ ବ୍ୟବହାର କରିହୁଏ ।

**ବିହନ ବୋମା ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପାଦାନ:** ବିହନ ବୋମା ତିଆରି କରିବା ପାଇଁ ଦରକାର ହେଉଥିବା ଉପାଦାନ ଗୁଡ଼ିକ ସହଜରେ ଶସ୍ତା ବା ବିନା ମୂଲ୍ୟରେ ମିଳିଯାଏ । ମାଟି, ଖତ, ପାଣି ଓ ସ୍ଥାନୀୟ ଅଂଚଳରେ ଉପଲବ୍ଧ ହେଉଥିବା ମଞ୍ଜି ହେଉଛି ବିହନ ବୋମା ପ୍ରସ୍ତୁତିର ମୁଖ୍ୟ ଉପାଦାନ ଓ ଫୁଲ, ଫଳ, ତୃଣ, ଏପରିକି ପନିପରିବା ମଞ୍ଜି ସାହାଯ୍ୟରେ ମଧ୍ୟ ଏହା ତିଆରି କରାଯାଇପାରିବ ଓ ମଞ୍ଜି ଗୁଡ଼ିକ ଅଙ୍କୁରୋଦଗମ ହେବ ପାଇଁ ମାଟି ପାଣିକୁ ଧରିରଖେ ଓ ଖତ ଉପଯୁକ୍ତ ପୋଷଣ ଯୋଗାଇ ମଞ୍ଜିକୁ ବଢ଼ି ଅବସ୍ଥାପିତ କରିବାରେ ସାହାଯ୍ୟ କରେ । ଏହିପରି ଭାବରେ ଖାଲି ଜାଗା ଗୁଡ଼ିକ ସବୁଜ, ସୁନ୍ଦର ହେବା ସଙ୍ଗେସଙ୍ଗେ ପଶୁ ପକ୍ଷୀ ମାନଙ୍କୁ ଖାଦ୍ୟ ଯୋଗାଏ ।



**ବିହନ ବୋମା ପ୍ରସ୍ତୁତି ପ୍ରଣାଳୀ:** ବିହନ ବୋମା ପ୍ରସ୍ତୁତି କରିବା ପାଇଁ ପ୍ରଥମେ ଗୋଟେ ପାତ୍ରରେ ତିନି ଭାଗ ଶୁଖିଲା ମାଟି ଓ ଏକ ଭାଗ ଖତକୁ ଭଲ ଭାବରେ ମିଶାଯାଏ ଓ ତାହାପରେ ଅଳ୍ପ କିଛି ପାଣି ଢାଳି ମାଟି ଓ ଖତର ମିଶ୍ରଣକୁ ରୋଟି ତିଆରି ପାଇଁ ଅଟା ଦଳିଲା ଭଳି ହାତରେ ଦଳାଯାଏ ଓ ପରେ ଏହାକୁ ଆବଶ୍ୟକୀୟ ଆକାରରେ ପେଣ୍ଡୁ, ଲଡୁ ବା ବୋମା ଭଳିଆ ତିଆରି କରାଯାଏ । ମଞ୍ଜିର ସାଇଜ୍ ବା ଆକାର ଅନୁସାରେ ବୋମାର ଆକାର ନିର୍ଦ୍ଧାରିତ ହୋଇଥାଏ । ପ୍ରତ୍ୟେକ ବୋମାରେ ମଞ୍ଜି ଭର୍ତି କରାଯାଏ ଓ ଏହାକୁ କିଛିଦିନ ଛାଇରେ ଶୁଖାଯାଏ । ବୋମା ଭିତରେ ମଞ୍ଜି ସଂଖ୍ୟା ଫଳର ଆକାର ଉପରେ ନିର୍ଭର କରିଥାଏ । ଆମ୍ବ, ସପେଟା ଆଦି ଫଳ ପାଇଁ ବୋମା ଭିତରେ ଗୋଟିଏ ମଞ୍ଜି ଯଥେଷ୍ଟ ହୋଇଥିବା ବେଳେ କମଳା ଓ ଲେମ୍ବୁ ଭଳି ଫଳ ପାଇଁ ୨ ରୁ ୩ ଟି ମଞ୍ଜି ଦରକାର ହୋଇଥାଏ । ବୃହତ ଅଂଚଳ ପାଇଁ ଆମ୍ବ, ନିମ୍ବ ଓ ବର ପରି ବଡ଼ ଗଛ ଏବଂ କ୍ଷୁଦ୍ର ଜାଗାରେ ଛୋଟ ଛୋଟ ଫଳ ଓ ଫୁଲ ଗଛ ପାଇଁ ବିହନ ବୋମା ଉପଯୁକ୍ତ ହୋଇଥାଏ ।

**ବିହନ ବୋମା ନିକ୍ଷେପର ସମୟସୀମା:** ବିହନ ବୋମା ଗୁଡ଼ିକୁ ସାଧାରଣତଃ ମୌସୁମୀ ଋତୁ ପୂର୍ବରୁ ଫିଙ୍ଗା ଯାଇଥାଏ, କାରଣ ବର୍ଷାପାଣି ମଞ୍ଜି ଗୁଡ଼ିକୁ ତତକ୍ଷଣାତ ଅଙ୍କୁରିତ ହେବାରେ ସାହାର୍ଯ୍ୟ କରେ, କିନ୍ତୁ ଜଣେ ଚାହିଁଲେ ବିହନ ବୋମା ଗୁଡ଼ିକ ଯେକୌଣସି ସମୟରେ ନିକ୍ଷେପ କରିପାରନ୍ତି । କାରଣ ବୋମା ଗୁଡ଼ିକ ମାଟି ଉପରେ ନଷ୍ଟ ନହୋଇ ପାଣି ପାଇବା ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ପଡ଼ି ରହିଥାଏ ।

**ବିହନ ବୋମାର ଉପକାରିତା:** ବିହନ ବୋମା ପଦ୍ଧତି ପାଇଁ ହଳକରି ଜମି ପ୍ରସ୍ତୁତି କରିବା କିମ୍ବା ଚାରା ଗଛ ଲଗାଇବା ପାଇଁ ଗାତ ଖୋଳିବା ଦରକାର ପଡେ ନାହିଁ । ଏହି ପ୍ରଣାଳୀରେ ବହୁତ କମ ପରିଶ୍ରମରେ କୌଣସି ଯନ୍ତ୍ରପାତି ବ୍ୟବହାର ନକରି ଗଛ ସୃଷ୍ଟି କରାଯାଇପାରେ। ବିହନ ବୋମା ନିକ୍ଷେପ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟକୁ ଅପେକ୍ଷା କରିବାକୁ ପଡେ ନାହିଁ ଓ ଚାରା ଗଛ ଭଳି ଏହାର ଯତ୍ନ ନେବା ପାଇଁ ପଡେ ନାହିଁ । ମଞ୍ଜି ଉପରେ ଥିବା ମାଟିର ଆବରଣ ମଞ୍ଜିକୁ ଚଢ଼େଇ, ପିମ୍ପୁଡ଼ି ଓ ମୂଷା ଠାରୁ ରକ୍ଷା କରେ । ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ଲାଗିଥାଏ, ମାତ୍ର ବହୁତ କମ ସମୟରେ ୧୦୦୦ ବୀଜ ପିଣ୍ଡୁଳା ବା ବିହନ ବୋମା ତିଆରି ହୋଇପାରେ । ବିହନ ବୋମା ଗୁଡ଼ିକ ପ୍ରାୟ ୪୫ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ । ଏପରିକି ଆମେ ବିହନ ବୋମା ପଦ୍ଧତିରେ ଯେତିକି ମଞ୍ଜି ବୁଣୁ, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ ।

**ବିହନ ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି:** ଆମ ଦେଶର ଅନେକ ଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣ କରି ଉପକୃତ ହେଉଛନ୍ତି । ଯେମିତି ଚେନ୍ନାଇରେ ୨୦୧୭ ମସିହାରେ ହୋଇଥିବା ବାତ୍ୟା 'ବରଧା' ପାଖାପାଖି ୧ ଲକ୍ଷ ଗଛକୁ ମୂଳରୁ ଉପାଡ଼ି ଭାଙ୍ଗି ଦେଇଥିଲା ଏବଂ ତାପରେ ବହୁତ ଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଂଟା ଭିଡ଼ିଥିଲେ । ବିଭିନ୍ନ ସଂସ୍ଥା ମାନଙ୍କ ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣର ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ । ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ଖତ ସହ ମିଶାଇ ଗୋଟିଏ ବୋମା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ିନଯିବା ବା ପଶୁ ପକ୍ଷୀ ନଖାଇବା ପାଇଁ ସୁରକ୍ଷା ଦେଉଥିଲା । ଏବେ ଏବେ ତେଲେଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନଃରୁଦ୍ଧାର ପାଇଁ ଡ୍ରନ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବା ପାଇଁ ଯାଉଛନ୍ତି । ଏହାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ନିକ୍ଷେପ କରାଯାଇପାରିବ । ହରିୟାନାର ବନ ବିଭାଗ ମଧ୍ୟ ଆଇ.ଆଇ.ଟି., କାନପୁର ଦ୍ୱାରା ନିର୍ମିତ ଡ୍ରନ ମାଧ୍ୟମରେ ବିହନ ବୋମା ବର୍ଷାକରି ଆରବଲୀ ପର୍ବତ ଶ୍ରେଣୀର ଦୁର୍ଗମ ଅଂଚଳରେ ଜଙ୍ଗଲ ସମ୍ପଦର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏହି ଡ୍ରନ ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ ରୁ ୩୦,୦୦୦ ମଞ୍ଜି ବୁଣାଯାଇପାରିବ । ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତି ପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି ଏବଂ ସହରାଂଚଳରେ ବାସ କରୁଥିବା ଛାତ୍ରୀ ଛାତ୍ର ଓ ଲୋକ ମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ଇଂଟରନେଟ ବ୍ଲଗ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ଲୋକମାନେ ନିଜ ଘର ଚାରିପାଖେ ସୁଜିମାମୟ ପରିବେଶ ସୃଷ୍ଟି କରି ପାରୁଛନ୍ତି ।

ଓଡ଼ିଶାରେ ମଧ୍ୟ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ଅଭିବୃଦ୍ଧି ପାଇଁ ୨୦୧୫ ମସିହା ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରି ଆସୁଛନ୍ତି । ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ କରିବା ଉଦ୍ଦେଶ୍ୟରେ ହାତୀ ମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବାପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି । ଆଗାମୀ ଦିନ ମାନଙ୍କରେ ଆମ ଓଡ଼ିଶା ସରକାର ମଧ୍ୟ ବନୀକରଣରେ ବିହନ ବୋମା ପଦ୍ଧତିକୁ ପ୍ରାଧାନ୍ୟ ଦେଇ ଆପଣାଇଲେ ଜଙ୍ଗଲ ସମ୍ପଦର ବୃଦ୍ଧି ହେବାସହିତ ବିପୁଳ ପରିମାଣର ରାଜସ୍ୱ ସଂଚୟ ହୋଇପାରିବ ।

*ବନ ଗବେଷକ, ଓୟୁଏଟି*
*ମୋ: ୮୦୧୮୧୮୮୧୨୮*





# ବିକାଶର ନୂଆ ପରିଚୟ ସୃଷ୍ଟି କରିବ କଳାହାଣ୍ଡି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଅଞ୍ଚଳର ବାନେରଠାରେ ଏକ ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବଷ୍ଟେସନକୁ ଉଦ୍‌ଘାଟନ କରିଛନ୍ତି। ଏହି ଗ୍ରୀଡ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲାର ୧୨୦ଟି ଗାଁର ୨୭ ହଜାର ଲୋକ ଉପକୃତ ହେବେ। ଏହାସହିତ ଗ୍ରୀଡ୍‌ରୁ ବାହାରିଥିବା ଦୁଇଟି ୩୩ କେଭି ଫିଡର ଲାଇନ୍ ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ୩ଟି ଶକ୍ତି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଜୟପାଟଣା, କୋକସରା ଓ କଲମପୁର ଅଞ୍ଚଳର ୩୦ ହଜାର ଲୋକ ଉପକୃତ ହେବେ। ଲୋକଙ୍କୁ ଉନ୍ନତ ମାନର ବିଶ୍ୱସନୀୟ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିବ। ପାୱାର କଟ୍ ସମସ୍ୟା ଦୂର ହେବ ଏବଂ ଚାଷୀ, ମହିଳା ଓ ଛାତ୍ରଛାତ୍ରୀ ସମସ୍ତେ ଉପକୃତ ହେବେ। ଆଗାମୀ ଦିନରେ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ବିଦ୍ୟୁ୍ ସେବା ସମ୍ପ୍ରସାରଣ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଏହି ୨୨୦ କେଭି ଜୟପାଟଣା ଗ୍ରୀଡ୍ ପାଇଁ ୮୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ଗ୍ରୀଡ୍ ଦ୍ୱାରା କଳାହାଣ୍ଡିର ଜନସାଧାରଣ ପ୍ରଥମଥର ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ସିଧାସଳଖ ବିଜୁଳି ଶକ୍ତି ପାଇପାରିବେ। ଆଗାମୀ ଦିନରେ ୪୭ କିଲୋମିଟର ଦୀର୍ଘ ଆଉ ଏକ ୧୩୨ କେଭି ଡବଲ ସର୍କିଟ୍ ଲାଇନ୍ ଜୁନାଗଡକୁ ସଂଯୁକ୍ତ କରାଯିବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲା ବିକାଶର ନୂଆ ପରିଚୟ ସୃଷ୍ଟି କରିବ। ବର୍ତ୍ତମାନ ଏହା ଏକ ତ୍ୱରିତ ବିକାଶଶୀଳ ଜିଲ୍ଲା ଭାବରେ ପରିଚୟ ସୃଷ୍ଟି କରିପାରିଛି। କୃଷି କ୍ଷେତ୍ରରେ ଜିଲ୍ଲାର ଦ୍ରୁତ ଉନ୍ନତି ହୋଇଛି। ଜଳସେଚନର ସୁବିଧା ପାଇଁ ରେତ ଜଳସେଚନ ପ୍ରକଳ୍ପ ସହିତ ଆହରି ଅନେକ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟକୁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ପରିଣତ କରାଯାଇଛି। ବିଜୁ ଏକ୍ସପ୍ରେସ୍ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଜୀବନଧାରା ହେବାକୁ ଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଳାହାଣ୍ଡି ଜିଲ୍ଲାର ଅର୍ଥନୈତିକ ବିକାଶକୁ ମଧ୍ୟ ଏହା ତ୍ୱରାନ୍ୱିତ କରିବ। ବାନରେ ଠାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କଳାହାଣ୍ଡିରେ କୃଷି, ଜଳସେଚନ, ସଡକ ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଉନ୍ନତି ଆସିଛି। ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ବିକାଶ ହୋଇଛି। ବିଜୁ ଏକ୍ସପ୍ରେସ୍ ଦ୍ୱାରା କଳାହାଣ୍ଡିରେ ଶିଳ୍ପ ବିକାଶ ହେବ ବୋଲି ସେ କହିଥିଲେ। ଆଜିର ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସେ କଳାହାଣ୍ଡି ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଇନ୍ଦ୍ରାବତୀ ପ୍ରକଳ୍ପ ପରେ କଳାହାଣ୍ଡିରେ ବିକାଶ ଆସିଛି। ବାମ କେନାଲ ତିଆରି ହେବା ପରେ କଳାହାଣ୍ଡି ଜିଲ୍ଲା ଏବେ ଧାନ ଉତ୍ପାଦନରେ ସୁନାମ ଅର୍ଜନ କରିଛି। ଦକ୍ଷିଣ କେନାଲର ନିର୍ମାଣ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଆଜିର ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ କଳାହାଣ୍ଡିର କେତେକ ଜନସାଧାରଣ କାର୍ଯ୍ୟକ୍ରମରେ ଭାଗ ନେଇ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଓପିଟିସିଏଲ୍‌ର ଅଧ୍ୟକ୍ଷ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ଉନ୍ନୟନ କମିଶନର ଯୋଗ ଦେଇଥିଲେ। ଶକ୍ତି ସଚିବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନଭେମ୍ବର ୨୦ ପର୍ଯ୍ୟନ୍ତ ହାଇକୋର୍ଟରେ ଭିଡିଓ କନଫରେନ୍ସିଂରେ ମାମଲା ଶୁଣାଣି



**କଟକ :** ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟ ୨୦୨୦, ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ପୂର୍ବଭଳି କଟକଣା ଭିତରେ କାର୍ଯ୍ୟ କରିବ। କରୋନା ଭୂତାଣୁ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ହାଇକୋର୍ଟ ପକ୍ଷରୁ ଏନେଇ ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଫୁଲ୍ କୋର୍ଟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ ଏପରି ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ କୋର୍ଟ କାର୍ଯ୍ୟ ନେଇ ୨୦୨୦, ଅଗଷ୍ଟ ୨୧ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଫଳରେ ପୂର୍ବଭଳି ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ମାଧ୍ୟମରେ ମାମଲା ଶୁଣାଣି ଜାରି ରହିବ। ଉଭୟ ପୁରୁଣା ଓ ନୂଆ ଜରୁରୀ ମାମଲା ଗୁଡିକର ଶୁଣାଣି କରାଯିବ। ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ପ୍ରସଙ୍ଗରେ ଜରୁରୀ ସମ୍ପର୍କିତ ସୂଚନା ଥିବା ମେମୋ ଇ-ଫାଇଲିଂ ମୋଡ୍/ଇ-ମେଲ୍/ଡ୍ରପ୍ ବକ୍ସ ମାଧ୍ୟମରେ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ନିକଟରେ ଆଗୁଆ ଦାଖଲ ହେବ ଓ ଏ ନେଇ ଆଗୁଆ ପ୍ରତିପକ୍ଷଙ୍କୁ ଅବଗତ କରାଯିବ ବୋଲି ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ଯଦି ଶୁଣାଣି ସମୟରେ ଆଇନଜୀବ ଅନୁପସ୍ଥିତ ରୁହନ୍ତି ତେବେ ମାମଲାରେ କୌଣସି ପ୍ରତିକୂଳ ନିର୍ଦ୍ଦେଶ ପ୍ରଦାନ କରାଯିବନାହିଁ। ଆଇନଜୀବୀ ଓ ପକ୍ଷମାନେ ଘରୁ କିମ୍ବା କାର୍ଯ୍ୟାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣିରେ ଅଂଶ ଗ୍ରହଣ କରିବେ। ହାଇକୋର୍ଟ ପରିସରରେ ମାମଲା ଶୁଣାଣିରେ ଅଂଶଗ୍ରହଣ ପାଇଁ କୌଣସି ବ୍ୟବସ୍ଥା ରହିବନାହିଁ। ଜାରି ରହିଥିବା ବ୍ୟବସ୍ଥା ଅନୁସାରେ ନୂଆ ମାମଲା ସହିତ, ଜବାବ (କାଉଣ୍ଟର ଆଫିଡେଭିଟ୍), ବିଚାରଧୀନ ମାମଲାରେ ଅନ୍ତରୀଣ ଆବେଦନ ଓ ଡକୁମେଣ୍ଟ ଦାଖଲ ଇ-ଫାଇଲିଂ ପୋର୍ଟାଲ କିମ୍ବା ଇ-ମେଲ୍ ଦ୍ୱାରା କରାଯିବ। ବିକଳ୍ପ ଭାବେ ଯଦି ମାମଲା ଜରୁରୀ ଥାଏ ତେବେ ହାଇକୋର୍ଟ ପରିସରରେ ଥିବା ଡ୍ରପ୍ ବକ୍ସରେ ଏ ସମ୍ପର୍କିତ ଆବେଦନ ଓ ଡକ୍ୟୁମେଣ୍ଟ ଦାଖଲ କରିହେବ। ଜରୁରୀ ପ୍ରସଙ୍ଗ ସୂଚନା ଏକ ମୋମୋ ଆକାରରେ ଫାଇଲ ସହିତ ଦାଖଲ କରିବାକୁ ପଡିବ। ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଡ୍ରପ୍ ବକ୍ସ ବ୍ୟବସ୍ଥା ରହିବ। ଡ୍ରପ୍ ବକ୍ସରେ ଆବେଦନ ଦାଖଲ କରିବା ସମୟରେ ଭିଡ ନ କରିବାକୁ ଓ ସାମାଜିକ ଦୂରତ୍ୱ ନିୟମ କଡାକଡି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହିତ ରାଜ୍ୟର ସମସ୍ତ ସବ୍‌ଅର୍ଡିନେଟ୍ କୋର୍ଟ (ନିମ୍ନ ଅଦାଲତ) ଓ ଟ୍ରିବ୍ୟୁନାଲର କୋର୍ଟ କାର୍ଯ୍ୟ ମଧ୍ୟ ଅଗଷ୍ଟ ୨୧ର ନିର୍ଦ୍ଦେଶନାମା ଅନୁସାରେ ଚାଲିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ସାନି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଶନିବାର ଅଦାଲତ ବନ୍ଦ ରହିବ। ଅକ୍ଟୋବର ମାସର କାର୍ଯ୍ୟ ଦିବସ ଥିବା ସମସ୍ତ ଶନିବାର ଦିନ ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟ ବନ୍ଦ ରହିବ। ଏହି ମାସର କାର୍ଯ୍ୟ ଦିବସ ଥିବା ସମସ୍ତ ଶନିବାର ଦିନ ରାଜ୍ୟର ସମସ୍ତ ସବ୍‌ଅର୍ଡିନେଟ୍ କୋର୍ଟ (ନିମ୍ନ ଅଦାଲତ), ଟ୍ରିବ୍ୟୁନାଲ ଓ ଏ ସମ୍ପର୍କିତ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ମହାନଦୀରେ ପୋଲ ନିର୍ମାଣକୁ ନେଇ ରାଜନୈତିକ କେଁ

**ଜଗତସିଂହପୁର :** ରାଜ୍ୟର ବାଲେଶ୍ୱର ଓ ତିର୍ତ୍ତୋଲରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନର ତାରିଖ ଘୋଷଣା କରିଥିବାବେଳେ ୧୦୨ ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିରେ ରାଜନୈତିକେଁ ଆରମ୍ଭ ହେଲାଣି। ଏପରିକି ଆଚରଣ ବିଧି ମଧ୍ୟ ଲାଗୁ ହୋଇଗଲାଣି। ମହାନଦୀ ଉପରେ ପୋଲ ନିର୍ମାଣ ନିମନ୍ତେ ଗ୍ରାମ୍ୟ ନିର୍ମାଣ ବୋଭାଗ ପୋଷଲ-ତିର୍ତ୍ତୋଲ ସେତୁ ନିର୍ମାଣ କରିବା ପାଇଁ ଇସ୍ତାହାର ପ୍ରକାଶ କରିଦେବା ପରେ ବିଜେପି ଓ କଂଗ୍ରେସ ଦଳ କେଁ ଆରମ୍ଭକରି ଉପ ନିର୍ବାଚନ କୁ ଲକ୍ଷ୍ୟ ରଖି ପୋଲ ନିର୍ମାଣ ଘଟଣା ଏକ ପ୍ରହସନ ବୋଲି କହି ବୋଲୁଥିବା ବେଳେ ବିଜେଡି ନେତା ମାନେବି ଏହାର ଜବାବ ଦେଉଛନ୍ତି। ଏହି ପୋଲ ନିର୍ମାଣ ଘଟଣା କୁ ନେଇ ଦୁଇ ଦଳ ନାରାବାଜି ଆରମ୍ଭ କରୁଥିବାବେଳେ କଟକ ଜିଲ୍ଲା ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳି ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବହୁ ବୁଦ୍ଧିଜୀବି ମତବ୍ୟକ୍ତ କରୁଛନ୍ତି ଯେ ଦୀର୍ଘ ୨୦ବର୍ଷ ଧରି ଶାସନ ଗାଦିରେ ବସିରହିଥିବା ବିଜେଡି ଦଳ ନିର୍ବାଚନ ପୂର୍ବରୁ ମହାନଦୀର ଶିର୍ଲୋ ଠାରେ ଏକ ପୋଲ ନିର୍ମାଣ କରିବା ପାଇଁ ବାରମ୍ବାର ଘୋଷଣା କରିବା ସହିତ ଇସ୍ତାହାର ପ୍ରକାଶ କରୁଥିଲେବି ପୋଲ ଖଣ୍ଡିଏ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲା ନାହିଁ। ଏପର୍ଯ୍ୟନ୍ତ ବି ଶିର୍ଲୋ ଘାଟରେ ହଜାର ହଜାର ଲୋକ ନଈ ପାର ହେବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। କେବଳ ନିର୍ବାଚନ ସମୟରେ ଏପରି ଫଳକ ମାରିବା ହେଉ କିମ୍ବା ଇସ୍ତାହାର ପ୍ରକାଶ ବିଜେଡି ଦଳ ପାଇଁ ଏକ ନଗ୍ନ ନମୁନାର ଚିତ୍ରବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମହାନଦୀର ଶିର୍ଲୋ ଠାରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ମାନେ ଦୀର୍ଘ ବର୍ଷଧରି ସେମାନଙ୍କ ଦାବି କରିଆସୁଥିଲେବି ଏପର୍ଯ୍ୟନ୍ତ ପୋଲଟିଏ ହୋଇପାରୁନଥିବା ବେଳେ ତିର୍ତ୍ତୋଲ ବ୍ଲକର ଦୁଇ ଗୋଟି ସ୍ଥାନରେ ପୋଲ ନିର୍ମାଣ ହେବା ଏକପ୍ରକାର ଧୂଆଁବାଣ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାହେଉଛି। ଏହି ପୋଲ ନିର୍ମାଣକୁ ନେଇ ଉଭୟ କଂଗ୍ରେସ ଓ ବିଜେପି କର୍ମୀ ମାନେ ଧାରଣା ଦେବାସହିତ ଶିର୍ଲୋ ପୋଲ ଆଜିପର୍ଯ୍ୟନ୍ତ କାହିଁକି ନିର୍ମାଣ ହୋଇପାରିଲା ନାହିଁ ବୋଲି ନାରା ମଧ୍ୟ ଦେଉଛନ୍ତି। ଶିର୍ଲୋ ଠାରେ ପୋଲ ନିର୍ମାଣ କରାଗଲେ ପାଖାପାଖି ଜଗତସିଂହପୁର, କଟକ,ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲା ଅଞ୍ଚଳକୁ ଯାତାୟତ କରିବା ସୁବିଧା ମଧ୍ୟ ହୋଇପାରନ୍ତା। ଏପରିକି କଟକ ସଦର ବ୍ଲକ ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା କେତେକ ଗ୍ରାମ ପଞ୍ଚାୟତର ବାସିନ୍ଦା ସେମାନଙ୍କ କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳକୁ ଯାତାୟତକରିବା ପାଇଁ ଯେଉଁ ଅସୁବୁଧାର ସମ୍ମୁଖିନ ହେଉଛନ୍ତି ସେ ପୋଲ ଉପରେ ଗୁରୁତ୍ୱ ଦିଆନଯାଇ ତିର୍ତ୍ତୋଲ ଉପ- ନିର୍ବାଚନକୁ ଲକ୍ଷ୍ୟ ରଖି ଯେଉଁ ପୋଲ କରାଯିବାର ପ୍ରତିଶୃତି ଦେଉଛନ୍ତି ତାହା କେବଳ ଫଳକ ଲଗାଇବା କାର୍ଯ୍ୟରେ ପରିଣତ ହେବାର ସ୍ପଷ୍ଟ ବାରିହୋଇ ପଡୁଛି। ଏହି ଶିର୍ଲୋ ପୋଲ ପାଇଁ ସ୍ଥାନୀୟ ବାସିନ୍ଦା ମୂଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ମାନଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ବି ପୋଲ ନିର୍ମାଣ କରିବାରେ କଣ ପାଇଁ ଅସୁବିଧା ହେଉଛି ସେନେଇ ବୁଦ୍ଧିଜୀବି ମାନେ କଟକ ପାରାଦ୍ୱୀପ ରାସ୍ତାର ରଘୁନାଥପୁର ବଜାର ନିକଟରେ ଧାରଣା ଦିଆଯିବ ବୋଲି ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ଶିର୍ଲୋ ପୋଲଟି ଯଥା ଶୀଘ୍ର ନିର୍ମାଣ କରିବାପାଇଁ ସାଧାରଣରେ ଦାବିମଧ୍ୟ ଯୋର ଧରିଲାଣି।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ



**ଭୁବନେଶ୍ୱର :** ଭୁବନେଶ୍ୱର ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ସାମାଜିକ ଦୂରତ୍ୱକୁ ନଜରରେ ରଖି ଜାତିର ପିତା ମହାତ୍ମା ଗାନ୍ଧିଙ୍କର ୧୫୧ତମ ଓ ଜାତିର ସେବକ ଲାଲବାହାଦୂର ଶାସ୍ତ୍ରୀଙ୍କ ୧୧୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସ୍ୱରୂପାନନ୍ଦ ମିଶ୍ର ବିଦ୍ୟାଳୟ ସମ୍ମୁଖରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଦ୍ୟାଳୟରେ ଉପସ୍ଥିତ ଉପାଧ୍ୟକ୍ଷ, ପରିଚାଳକ, ଶିକ୍ଷକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଗାନ୍ଧିଜୀଙ୍କ ପାଦପଦ୍ମରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଘରେ ରହି ଭର୍ଚୁଆଲ ମାଧ୍ୟମରେ ଉପଭୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀ ପ୍ରାପ୍ତି କବିରାଜ ଗାନ୍ଧି ବେଶରେ ସୁସଜିତ ହୋଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। କିରଡିମା ପି. ଦାସ ସପ୍ତମ ଶ୍ରେଣୀର ଛାତ୍ରୀ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ବିଷୟରେ ଏକ ମର୍ମସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାମାନେ କର୍ମଠ, ସଚ୍ଚୋଟ, ସତ୍ୟବାଦୀ, ସତଚରିତ୍ରବାନ, ଶୃଙ୍ଖଳିତ ହେବା ପାଇଁ ଏବେଠାରୁ ସଜାଗ ହେବା ଦିଗରେ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ସମସ୍ତଙ୍କୁ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ ପ୍ରେରଣା ଯୋଗାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପିଲାମାନଙ୍କୁ ଗାନ୍ଧିଜୀ ଓ ଶାସ୍ତିଜୀଙ୍କ ଦେଶ ଓ ଜାତି ପାଇଁ ଉତ୍ସର୍ଗତା ଓ ବଳିଦାନ ବିଷୟରେ ସୂଚନା ଦେଇଥିଲେ ଓ ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ଚୟନି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ଜାତିର ପିତା ମହାତ୍ମା ଗାନ୍ଧି ଓ ଜାତିର ସେବକ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଆତ୍ମଜୀବନୀ ପଢ଼ିବା ଓ ସେଥିରୁ ଶିକ୍ଷା ଗ୍ରହଣ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମଟିକୁ ଶେଷ କରିଥିଲେ।

# ‘ସୌର୍ଯ୍ୟ’ର ସଫଳ ପରୀକ୍ଷଣ



**ବାଲେଶ୍ୱର :** ଭାରତର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆର୍‌ଡିଓ) ପକ୍ଷରୁ ବଙ୍ଗୋପସାଗର ଧାମରା ଉପକୂଳରେ ଥିବା ବୁଢ଼ାଜାହାଜରୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ର କେ- ୧୫ର ବ୍ୟବହାରିକ ପରୀକ୍ଷଣ ଶନିବାର ଚାନ୍ଦିପୁର କ୍ଷେପଣାସ୍ତ୍ର କେନ୍ଦ୍ରର ଅବଦୁଲ୍ କାଲାମ ହ୍ୱିଲର ଦ୍ୱୀପର ୪ ନମ୍ବର ଲଞ୍ଚପ୍ୟାଡ଼୍‌ରୁ ସକାଳ ୧୨ଟା ୧୦ମିନିଟ ସମୟରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ସୂଚନା ଅନୁସାରେ, ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ବାଲିଷ୍ଟିକ ମିସାଇଲର ଲମ୍ବ ପ୍ରାୟ ୧୨ମିଟର ଥିବା ବେଳ ଏହାର ଓଜନ ୧୭ ଟନ। ଏହି କ୍ଷେପଣାସ୍ତ୍ର ପ୍ରାୟ ୨ଟନ ପରମାଣୁ ଯୁଦ୍ଧବିମାନ ବହନ କରିବାର କ୍ଷମତା ରହିଛି। ଏହି କ୍ଷେପଣାସ୍ତ୍ର ୩ ହଜାରରୁ ୩୫ ଶହ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦୀ କ୍ଷମତା ରହିଛି। ବୁଢ଼ାଜାହାଜରୁ ଆଣବିକ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିବାର କ୍ଷମତା ଥିବା ଭାରତ ହେଉଛି ପଞ୍ଚମ ଦେଶ।

# ଆଉନାହାନ୍ତି ପୂର୍ବତନ କର୍ପୋରେଟର କମଳାକାନ୍ତ



**ଭୁବନେଶ୍ୱର :** ପୁରୁଣା ଭୁବନେଶ୍ୱର ଅଞ୍ଚଳର ପୂର୍ବତନ କର୍ପୋରେଟର ତଥା ସମାଜସେବୀ କମଳାକାନ୍ତ ମହାପାତ୍ର (୬୭)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ସମୟରେ ପୁରୁଣା ଭୁବନେଶ୍ୱରରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିଥିଲା। ସ୍ୱର୍ଗତଃ ମହାପାତ୍ର ରାଜଧାନୀର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ଏବଂ ରାଜଧାନୀର ବହୁ ଜଣାଶୁଣା ବ୍ୟକ୍ତି ତାଙ୍କର ଶେଷଦର୍ଶନ ପାଇଁ ସତ୍ୟନଗର ଶ୍ମଶାନରେ ପହଞ୍ଚିଥିଲେ। ପରିବାର ଲୋକ ଓ ସ୍ୱଜନଙ୍କ ଉପସ୍ଥିତିରେ ସ୍ୱର୍ଗତଃ ମହାପାତ୍ରଙ୍କର ଦାହ ସଂସ୍କାର କରାଯାଇଥିଲା।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି